

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୯ ଅକ୍ଟୋବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 29 OCTOBER 2022
Vol.No. 33 ■ No. 280 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଚୀନରେ ପୁଣି କାଳ ହେଲାଣି କରୋନା ସଂକ୍ରମଣ

### ୩ବର୍ଷ ପରେ ଉହାନ ସହରରେ ପଡିଲା ତାଲା



ନୂଆଦିଲ୍ଲୀ, ୨୮/୧୦ : ଏ ଘଟଣା ଜାଣିଲେ ଆପଣ ଯେତିକି ଆଶ୍ଚର୍ଯ୍ୟ ହେବେ ସେତିକି ବିଚଳିତ ମଧ ହୋଇପାରନ୍ତି କିନ୍ତୁ ଚୀନ ସରକାରଙ୍କ ପାଇଁ ଏହା କିଛି ନୂଆ କଥା ନୁହେଁ । କାରଣ ଦେଶରେ କୋଭିଡ ସଂକ୍ରମଣକୁ ରୋକିବା ପାଇଁ ଜିନପିଙ୍ଗ୍ ସରକାର ଜିରୋ ପଲିସି ପୁଣି ଥରେ ଜାରି କରିଛନ୍ତି । ଆପଣ ଦେଖି ପାରୁଥିବେ ରାସ୍ତା ଉପରେ କିଛି ରୋଗୀ ଛିଡା ହୋଇଛନ୍ତି । ଏମାନଙ୍କୁ ପାଇଁ ଆମ୍ବୁଲାନ୍ସ ବା ଅନ୍ୟ କୌଣସି ବ୍ୟବସ୍ଥା ନକରାଯାଇ କ୍ରେନ ସାହାଯ୍ୟରେ ଉଠାଇ ଏକ ଗାଡି ଭିତରକୁ ଅଣାଯାଉଛି ଓ ଏଠାରୁ ସେମାନଙ୍କୁ ଡାକ୍ତରଖାନାରେ ଭର୍ତି କରାଯାଉଛି । କରୋନା ଭୂତାଣୁ ଓମିକ୍ରନର ଦୁଇଟି ନୂଆ ପ୍ରଜାତି ସେଠରେ ସଂକ୍ରମଣକୁ ବୃଦ୍ଧି ହେବା ପରଠୁ ଅନେକ ନୂଆ କଟକଣା ଅଣାଯାଇଛି । ଜିନପିଙ୍ଗ ସରକାର କୋଭିଡ ସଂକ୍ରମଣକୁ ରୋକିବା ପାଇଁ ପୁଣି ଥରେ ଦେଶରେ ଜିରୋ କୋଭିଡ ପଲିସି ଲାଗୁ କରିଛନ୍ତି । ଯାହାକୁ ନେଇ ସାଧାରଣ ଜନତାଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇବା ସହ ଦେଶ ଚୀନର ଅର୍ଥନୀତି ଉପରେ ମଧ ବିଶେଷ ପ୍ରଭାବ ପକାଉଛି । ଚୀନରେ ଓମିକ୍ରନର ଦୁଇଟି ନୂଆ ଉପପ୍ରଜାତିତ ଚିହ୍ନଟ ହୋଇଛି । ୩ବର୍ଷ ପରେ ଉହାନରେ ପୁଣି ଲକଡାଉନ ଲାଗୁ ହୋଇଛି । ସହରର ୮ଲକ୍ଷ ଲୋକଙ୍କୁ ଅକ୍ଟୋବର ୩୦ ପର୍ଯ୍ୟନ୍ତ ଗୃହବନ୍ଦୀ ରଖାଯାଇଛି । ୨୫ଟି ସହରରେ ଆଂଶିକ ଲକଡାଉନ କଟକଣା ଲାଗୁ ହୋଇଛି । ୨ଶହ ସ୍ଥାନକୁ ହାଇ-ରିସ୍କ-ଜୋନ ଭାବେ ଘୋଷଣା କରାଯାଇଛି । ତିବେତରେ ସବୁଠୁ ଅଧିକ ସଂକ୍ରମଣ ଚିହ୍ନଟ ହେଉଛନ୍ତି । ଶିକ୍ଷାନୁଷ୍ଠାନ ଓ ରେଷ୍ଟୋରାଁକୁ ବନ୍ଦ କରାଯାଇଛି । ଆଇଫୋନର ସବୁଠୁ ବଡ କାରଖାନା ସହ ଜେନଗୁଜହୋର ସମସ୍ତ କାରଖାନା ବନ୍ଦ ରଖାଯାଇଛି । ସାଂଘାଇ ଓ ବେଜିଂରେ ସଟଡାଉନ କଟକଣା ଲଗାଯାଇଛି । ଅର୍ଥନୀତି ଭୁଷୁଡିବା ଯୋଗୁଁ ୨୦କୋଟି ୭୦ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ଚୀନର ଜିଡିପି ୨.୬ ପ୍ରତିଶତ ତଳକୁ ଖସିଛି । ଅନ୍ୟପଟେ ଜିନପିଙ୍ଗ ସରକାରଙ୍କ ବିରୋଧରେ ଦେଶର ବିଭିନ୍ନ ସ୍ଥାନରେ ବିରୋଧ ପ୍ରଦର୍ଶନ ଆରମ୍ଭ ହୋଇଛି । ଜିରୋ କୋଭିଡ ନୀତିକୁ ବିରୋଧ କରି ଶହ ଶହ ପ୍ରବାସୀ ଶ୍ରମିକ ଓ ସ୍ଥାନୀୟ ଲୋକ ଆନ୍ଦୋଳନକୁ ଓହ୍ଲାଇଲେଣି । ସରକାର ଯେଉଁ କଟକଣା ଲଗାଇଛନ୍ତି ଏହା ଦ୍ୱାରା ସେମାନଙ୍କ ଦୈନନ୍ଦିନ ଜୀବନ ବାଧାପ୍ରାପ୍ତ ହେବା ଭୋକ ଉପାସରେ ଦିନ କଟୁଥିବା ଅଭିଯୋଗ ହୋଇଛି । ୨୦୧୯ ମସିହାରେ ପ୍ରଥମ ଥର ପାଇଁ ଚୀନର ଉହାନରୁ ଦୁନିଆର ପ୍ରଥମ କୋଭିଡ ସଂକ୍ରମିତ ଚିହ୍ନଟ ହୋଇଥିଲେ । ଅଢେଇବର୍ଷ ପରେ ପୁଣି ସେଠାରେ ସଂକ୍ରମଣ ବୃଦ୍ଧି ହେବା ଯୋଗୁଁ ଭୟର ବାତାବରଣ ଖେଳିଯାଇଛି । ସଂକ୍ରମଣକୁ ରୋକିବା ପାଇଁ ଜିନପିଙ୍ଗ ସରକାର ଜିରୋ କୋଭିଡ ନୀତି ଲାଗୁ କରିଛନ୍ତି ସତ କିନ୍ତୁ ଦେଶବାସୀଙ୍କୁ ମଧ ଅକଥନୀୟ ନିର୍ଯାତନା ସହିବାକୁ ପଡୁଛି ।

## କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ



ନୂଆଦିଲ୍ଲୀ, ୨୮/୧୦ : ନୋଟରେ ରହୁ ଲକ୍ଷ୍ମୀ ଓ ଗଣେଶଙ୍କ ଫଟୋ । କେନ୍ଦ୍ର ସରକାରଙ୍କ ନିକଟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ କିଛି ଦିନ ପୂର୍ବରୁ ଏଭଳି କିଛି ଦାବି କରିଥିଲେ । ଏବେ ଏନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଛନ୍ତି । ଶୁକ୍ରବାର କେଜ୍ରିୱାଲ ପଠାଇଥିବା ଚିଠିକୁ ଟୁଇଟ୍ କରି ଲେଖିଛନ୍ତି କି ୧୩୦ କୋଟି ଭାରତୀୟଙ୍କ ତରଫରୁ ଏ ଚିଠି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରହିଛି । ନୂଆ ନୋଟର ଗୋଟେ ପଟେ ଗାନ୍ଧୀଜି ଓ ଅନ୍ୟପଟେ ଦେବୀ ଲକ୍ଷ୍ମୀ, ଓ ଗଣେଶଙ୍କ ଫଟୋ ରହିବା ନେଇ ଚିଠିରେ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି କେଜ୍ରିୱାଲ । ଏହାଦ୍ୱାରା ସେମାନଙ୍କ ଆର୍ଶିବାଦ ମିଳିବା ସହ ଦେଶର ଆର୍ଥିକ ପ୍ରଗତିରେ ଉନ୍ନତି ଆସିବ । ଏଥିସହ କେଜ୍ରିୱାଲ କହିଛନ୍ତି, ତାଙ୍କର ଏହି ଦାବିକୁ ଲୋକେ ସମର୍ଥନ ଜଣାଇଛନ୍ତି । ତେଣୁ କେନ୍ଦ୍ର ସରକାର ତୁରନ୍ତ ଏହା ଲାଗୁ କରିବାକୁ ସେ ଚିଠିରେ ଲେଖିଛନ୍ତି । ସେପଟେ ବିରୋଧୀ ବିଜେପି ଓ କଂଗ୍ରେସ ଏହା କେଜ୍ରିୱାଲଙ୍କ ନୂଆ ରାଜନୈତିକ ଚାଲ୍ ବୋଲି କହିଛି । ଆଗକୁ ଗୁଜୁରାଟ ଇଲେକ୍ସନ ଥିବାରୁ ହିନ୍ଦୁତ୍ୱ କାର୍ଡ ଖେଳି ଭୋଟ ହାତେଇବାକୁ ଉଦ୍ୟମ କରୁଥିବା କହିଛି ବିଜେପି ।

## କ୍ରିପ୍ଟୋ କରେନ୍ସିରେ ଚୋରିଧନ ନିବେଶ କରାଯାଇଥିବା ସୂଚନା



ନୂଆଦିଲ୍ଲୀ, ୨୮/୧୦ : ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଜଣେ ଅଧିକାରୀଙ୍କ ଘରେ ଭିଜିଲାନ୍ସ । ଆରଡବ୍ଲୁଏସଏସର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ନିହାର ରଞ୍ଜନଙ୍କ ଘର ସମେତ ଏକକାଳୀନ ୬ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଛି । ଚଢ଼ାଉ ବେଳେ ତାଙ୍କର କ୍ରିପ୍ଟୋକରେନ୍ସି ଲିଙ୍କ୍ ସାମ୍ନାକୁ ଆସିଛି । କ୍ରିପ୍ଟୋକରେନ୍ସି ସମ୍ବନ୍ଧିତ ତଥ୍ୟ ନଷ୍ଟ କରିବାକୁ ସେ ଉଦ୍ୟମ କରୁଥିବା ବେଳେ ଭିଜିଲାନ୍ସ କିଛି କାଗଜପତ୍ର ଜବତ କରିଛି । ଆଉ କୋଟି କୋଟି ଟଙ୍କାର ସମ୍ପତି ମଧ ଭିଜିଲାନ୍ସ ହାତରେ ଲାଗିଛି । ଭିଜିଲାନ୍ସ ଜାଲରେ ଆଉ ଜଣେ ସରକାରୀ ଅଧିକାରୀ । ଆୟବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଭୁବନେଶ୍ୱର ସର୍କଲର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନିହାର ରଞ୍ଜନ । ଭିଜିଲାନ୍ସ ନିହାରଙ୍କ ଘର ସମେତ ଏକକାଳୀନ ୬ଟି ସ୍ଥାନରେ ଚଢ଼ାଉ କରିଛି । ନିହାରଙ୍କ ନାଁରେ ଏକାଧିକ ଜାଗା ରହିଥିବା ଜଣାପଡ଼ିଛି । ଚଢ଼ାଉ ବେଳେ ଭିଜିଲାନ୍ସ ୨୫ ଲକ୍ଷ ଟଙ୍କାର ବ୍ୟାଙ୍କ ବାଲାନ୍ସ, ପୁଳା ପୁଳା ସୁନା ଗହଣା, କିଛି ପୁରୁଣା ୫୦୦ ଟଙ୍କିଆ ନୋଟ୍ ଜବତ କରିଛି । ଏହାସହ ଲକ୍ଷାଧିକ ଟଙ୍କାର ଘରବାଡ଼ି ମଧ ଜବତ କରିଛି ଭିଜିଲାନ୍ସ । ଯାହାର ମୂଲ୍ୟ କୋଟି କୋଟି ଟଙ୍କା ହେବ ବୋଲି ଆକଳନ କରାଯାଉଛି । ବଡ଼ କଥା ହେଲା, ଆଉ କିଛି ଦିନ ପରେ ଅବସର ନେଇଥାନ୍ତେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ନିହାର ରଞ୍ଜନ ଦାସ । କିନ୍ତୁ ଠିକ୍ ପୂର୍ବରୁ ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି ଏହି ସରକାରୀ ବାବୁ । ଆଉ ଏହି ଚଢ଼ାଉ ବେଳେ କ୍ରିପ୍ଟୋକରେନ୍ସି ଲିଙ୍କ ମଧ ସାମ୍ନାକୁ ଆସିଛି । ଚଢ଼ାଉ ବେଳେ

▶▶ପୃଷ୍ଠା ୭

## ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଶଂସା କଲେ ପୁଟିନ

ନୂଆଦିଲ୍ଲୀ, ୨୮/୧୦ : ଋଷ ଓ ଭାରତର ବନ୍ଧୁତା ଭିତରେ ସାରା ଦୁନିଆ ଜାଣେ । କିନ୍ତୁ ଏକଥା କମ ଲୋକ ଜାଣିଥିବେ କି ମୋଦୀଙ୍କ ଜଣେ ବଡ ପ୍ରଶଂସକ ହେଉଛନ୍ତି ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ । ୟୁକ୍ରେନ ସହ ଯୁଦ୍ଧ ଏବଂ ଆମେରିକା ସହ ବିବାଦ ଭିତରେ ମୋଦୀଙ୍କ ଭୁରି ଭୁରି ପ୍ରଶଂସା କରିଛନ୍ତି ପୁଟିନ । ଖାସ୍ କରି ମୋଦୀଙ୍କ ବିଦେଶ ନୀତିକୁ ପ୍ରଶଂସା କରିଛନ୍ତି ପୁଟିନ । ଅନେକ ବାର ଋଷର ରାଷ୍ଟ୍ରପତି ପୁଟିନ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସା କରିଛନ୍ତି । କିନ୍ତୁ ଋଷ-ୟୁକ୍ରେନ ଯୁଦ୍ଧ ଭିତରେ ପୁଟିନ ମୋଦୀଙ୍କ ପ୍ରଶଂସା କରିବା ଘଟଣା ଏକ ଚର୍ଚ୍ଚାର ବିଷୟ ପାଲଟିଛି । ମସ୍କୋର ଆୟୋଜିତ ଏକ କାର୍ଯକ୍ରମରେ ପୁଟିନ କହିଛନ୍ତି କି, ନରେନ୍ଦ୍ର ମୋଦୀ ଏମିତି ଜଣେ ରାଷ୍ଟ୍ରନେତା, ଯିଏ ସ୍ୱତନ୍ତ୍ର ବିଦେଶ ନୀତି ଲାଗୁ କରିବାରେ ସବୁଠୁ ଅଧିକ ସକ୍ଷମ । ଭାରତର ପ୍ରଧାନମନ୍ତ୍ରୀ

▶▶ପୃଷ୍ଠା ୭

## ଦିୱାଲି ପରେ ଦିଲ୍ଲୀକୁ କଲବଲ କରୁଛି ବାୟୁପ୍ରଦୂଷଣ



ନୂଆଦିଲ୍ଲୀ, ୨୮/୧୦ : ରାଜଧାନୀ ଦିଲ୍ଲୀ ବିଶ୍ୱର ସବୁଠୁ ଅଧିକ ପ୍ରଦୂଷିତ ସହର ଭାବେ ପରିଗଣିତ ହୋଇଛି । ଶୁକ୍ରବାର ବାୟୁର ଗୁଣବତା ଅତ୍ୟନ୍ତ ଖରାପ ରହିଥିବା ନେଇ ସୂଚନା ଦେଇଛି ଆଇଏମଡି । ଏଠାରେ ପବନର ବେଗ କମ୍ ରହିଥିବାରୁ ଜଳବାୟୁର ପ୍ରଦୂଷକ ସୃଷ୍ଟି ହେଉଛି । ଶୁକ୍ରବାର ଦିଲ୍ଲୀରେ ସବନିମ୍ନ ତାପମାତ୍ରା ୧୪.୬ ଡିଗ୍ରୀ ସେଲିସିୟସ ରେକର୍ଡ କରାଯାଇଛି । ଯାହା ସ୍ୱାଭାବିକ ଠୁ ବହୁତ କମ୍ । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥ୍ୟ ଅନୁଯାୟୀ ଦିଲ୍ଲୀରେ ଗୁରୁବାର ସକାଳ ସାଢେ ୯ଟା ସୁଦ୍ଧା ଏୟାର କ୍ୱାଲିଟି ଇଣ୍ଡେକ୍ସ ବା

▶▶ପୃଷ୍ଠା ୭

## ଧାମନଗରରେ ମାତୃଶକ୍ତି ଓ ଯୁବଶକ୍ତି ବିଜେପିକୁ ବିଜୟୀ କରିବ : ଧର୍ମେନ୍ଦ୍ର ପ୍ରଧାନ



ଧାମନଗର/ଭୁବନେଶ୍ୱର, ୨୮ ଅକ୍ଟୋବର – ଧାମନଗରରେ ମାତୃଶକ୍ତି ଓ ଯୁବଶକ୍ତି ଆମ ଦଳ ବିଜେପିକୁ ବିଜୟୀ କରିବ। ଏହି ଉପନିର୍ବାଚନରେ ଜନଆସ୍ଥା ଦ୍ୱାରା ବିଜେପିର ବଡ଼ ବିଜୟ ହେବ ବୋଲି ଶୁକ୍ରବାର ଧାମନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ପାଇଁ ବିଶାଳ ପଦଯାତ୍ରା ଓ ଶୋଭାଯାତ୍ରା କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଶୁକ୍ରବାର ଦିନ ଧାମନଗର ନିର୍ବାଚନମଣ୍ଡଳୀର ଦୋବଲ ବଜାରରୁ ପ୍ରଥମେ ପଦଯାତ୍ରା ଆରମ୍ଭ କରିଥିଲେ । ପରେ ଧାମନଗର ଏନଏସିର ମେଡିକାଲ ବଜାର, କୋଠାର ଗ୍ରାମ ପଞ୍ଚାୟତର କୋଠାର ଛକ, ଅସୁରାଳୀ ଓ

▶▶ପୃଷ୍ଠା ୭

## ଓସିଏର ସଭାପତି ହେଲେ ପ୍ରଣବ ପ୍ରକାଶ ଦାସ

ଭୁବନେଶ୍ୱର, ୨୮/୧୦(ନି.ପ୍ର): ଓସିଏର ସଭାପତି ହୋଇଛନ୍ତି ବିଧାୟକ ପ୍ରଣବ ପ୍ରକାଶ ଦାସ। ଓସିଏ ନିର୍ବାଚନ ପାଇଁ ପ୍ରଣବ ଏକମାତ୍ର ସଭାପତି ପ୍ରାର୍ଥୀଭାବେ ନାମାଙ୍କନ ଭରିଥିଲେ। ଫଳରେ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଶୁକ୍ରବାର ଦିନ ନିର୍ବାଚନ ଅଧିକାରୀ ଏମଏଲ ମଜୁମଦାର ଏନେଇ ବିଧିବଦ୍ଧ ଘୋଷଣା କରିଛନ୍ତି। ପ୍ରଣବ ପ୍ରକାଶ ଦାସ ସଭାପତି ହୋଇଥିବା ବେଳେ ଓସିଏର ଉପସଭାପତି ହୋଇଛନ୍ତି ପଙ୍କଜ ଲୋଚନ ମହାନ୍ତି। କୋଷାଧକ୍ଷ ଭାବେ ବିକାଶ ପ୍ରଧାନଙ୍କ ନାମ ଘୋଷଣା କରାଯାଇଛି । କୌଣସି ପଦ ପାଇଁ କେହି ପ୍ରତିପକ୍ଷ ପ୍ରାର୍ଥୀ ନଥିବାରୁ ସମସ୍ତେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଆଗାମୀ ଦିନରେ କିପରି ତୃଣମୂଳ ସ୍ତରରୁ କ୍ରିକେଟର ସୃଷ୍ଟି ହେବେ ତାହା ଉପରେ ଗୁରୁତ୍ୱ ଦିଆଯିବ ଓ ବାରବାଟୀ ଷ୍ଟାଡିଅମର ଆହୁରି ବିକାଶ

▶▶ପୃଷ୍ଠା ୭

## ଶାନ୍ତିର କୌଣସି ବିକଳ୍ପ ନାହିଁ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୮/୧୦(ନି.ପ୍ର): ଶାନ୍ତିର କୌଣସି ବିକଳ୍ପ ନାହିଁ। ସମସ୍ତ ଯୁଗରେ ଶାନ୍ତିର ଗୁରୁତ୍ୱପୂର୍ଣ ଭୂମିକା ରହିଛି । ଏକ ସୁନ୍ଦର ବିଶ୍ୱ ଗଢି ତୋଳିବାକୁ ଶାନ୍ତି ହିଁ ଏକମାତ୍ର ବିକଳ୍ପ । ଧଉଳି ଶାନ୍ତି ସ୍ତୁପର ସ୍ୱର୍ଣ ଜୟନ୍ତୀ କାର୍ଯ୍ୟକ୍ରମରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଦେଶରୁ ବୌଦ୍ଧ ସନ୍ୟାସୀ ମାନେ ଭାଗ ନେବାକୁ ଧଉଳି ପହଂଚିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଅବସରରେ ଆହ୍ୱାନ କରିଛନ୍ତି ଯେ –ଆସନ୍ତୁ ସମସ୍ତେ ମିଶି ଶାନ୍ତିର ବାର୍ତାକୁ ପ୍ରଚାର କରିବା ଓ ବିଶ୍ୱକୁ ଆଗାମୀ ପୀଢି ପାଇଁ ଏକ ସୁରକ୍ଷିତ ସ୍ଥାନ ଭାବେ ତିଆରି କରିବା। ସେ କହିଛନ୍ତି ଯେ ଓଡିଶାର ଇତିହାସ ଧଉଳି ଓ କଳିଙ୍ଗ ଯୁଦ୍ଧରୁ ଆରମ୍ଭ ହୁଏ। ଏହି ଯୁଦ୍ଧରେ ଭୀଷଣ ରକ୍ତପାତ ହୋଇଥିଲା । ଏହା ସତ୍ୱେ ଧଉଳି ମାନବିକତାର ନୈତିକ ବିଜୟର ଗୀତ ଗାଉଛି ।

## ୩୧ରୁ ଭୁବନେଶ୍ୱରରୁ ଆରମ୍ଭ ହେବ କଂଗ୍ରେସର ଭାରତ ଯୋଡ଼ ଯାତ୍ରା

ଭୁବନେଶ୍ୱର, ୨୮/୧୦(ନି.ପ୍ର): ଅକ୍ଟୋବର ୩୧ ତାରିଖ ଭୁବନେଶ୍ୱର ସ୍ଥିତ ଇନ୍ଦିରା ପାର୍କ ଠାରୁ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ "ଭାରତ ଯୋଡ଼ ଯାତ୍ରା- ଓଡ଼ିଶା" କାର୍ଯ୍ୟକ୍ରମ ଆରମ୍ଭ ହେବ। ଶୁକ୍ରବାର କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତ ଯୋଡ଼ ଯାତ୍ରା- ଓଡ଼ିଶା" କାର୍ଯ୍ୟାନ୍ୱୟନ କମିଟି ଅଧକ୍ଷ ତଥା ବିଧାୟକ ସନ୍ତୋଷ ସିଂ ସାଲୁଜା ଏହି ସୂଚନା ଦେଇଛନ୍ତି। ଏହି ଭାରତ ଯୋଡ଼ ଯାତ୍ରା ଓଡ଼ିଶାରେ ୨୭ ଟି ଜିଲ୍ଲା, ୧୯ ସଂସଦୀୟ କ୍ଷେତ୍ର, ୨୨୫୦ କି.ମି. ରାସ୍ତାକୁ ପ୍ରାୟ ୧୦୦ ଦିନରେ ଅତିକ୍ରମ କରିବ। ଏହି ଯାତ୍ରାରେ ବରିଷ୍ଠ କଂଗ୍ରେସ ନେତା, ସାଂସଦ ଓ ବିଧାୟକ, ପୂର୍ବତନ ସାଂସଦ, ପୂର୍ବତନ ମନ୍ତ୍ରୀ, ପୂର୍ବତନ ବିଧାୟକ, ଛାମୁଆ ସଂଗଠନ, ଜିଲ୍ଲା କଂଗ୍ରେସ ସଭାପତି, ବୁଦ୍ଧିଜୀବୀ, କୃଷକ, ଶ୍ରମିକ, ବେକାର ଯୁବକ ଯୁବତୀ, ମହିଳା, ଛାତ୍ର ଛାତ୍ରୀ, ସାମାଜିକ ଅନୁଷ୍ଠାନ ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଅଂଶ ଗ୍ରହଣ କରିବେ। ଓଡ଼ିଶାରେ ସାମାଜିକ ଅର୍ଥନୈତିକ ଓ ରାଜନୈତିକ ସ୍ଥିତିର ବୈପ୍ଳବିକ ପରିବର୍ତନ ପାଇଁ ଏହି "ଭାରତ ଯୋଡ଼ ଯାତ୍ରା – ଓଡ଼ିଶା" ଉଦ୍ଦିଷ୍ଟ। ରାଜ୍ୟର ଏ ପରିସ୍ଥିତିର ପରିବର୍ତନ ପାଇଁ କଂଗ୍ରେସ ସଂକଳ୍ପବଦ୍ଧ। ଏଣୁ ଆସନ୍ତୁ ସ୍ୱାଭିମାନୀ, ସୁରକ୍ଷିତ, ଦୁର୍ନୀତିମୁକ୍ତ ଓ ସ୍ୱାବଲମ୍ବୀ ଓଡ଼ିଶା ଗଠନ ପାଇଁ ଅଭିପ୍ରେତ "ଭାରତ ଯୋଡ଼ ଯାତ୍ରା- ଓଡ଼ିଶା"ରେ ସାମିଲ ହେବା।

## ୧୧ କୋଟି ଟଙ୍କାର ବ୍ରାଉନସୁଗାର ଜବତ : ୬ ଗିରଫ



ବାଲେଶ୍ୱର, ୨୮/୧୦(ନି.ପ୍ର): ଜିଲାରେ ବ୍ରାଉନ ସୁଗାର କାରବାର ରୋକିବା କ୍ଷେତ୍ରରେ ବାଲେଶ୍ୱର ପୁଲିସକୁ ମିଳିଛି ଆଶାତୀତ ସଫଳତା। ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ପୁଲିସ ଟିମ ସହର ଉପକଣ୍ଠ ଫୁଲାଡ଼ି ଅଞ୍ଚଳରୁ ଶୁକ୍ରବାର ଭୋର ୧୧ କୋଟି ଟଙ୍କାର ବ୍ରାଉନସୁଗାର ଜବତ କରିଥିବା ବେଳେ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଯୁବକମାନେ ହେଲେ ମଧ୍ୟପ୍ରଦେଶରଶେଖ ଶେଖ ଆୟୁବ, ଅରଡ଼ବଜାର ଅଞ୍ଚଳର ଜାମସେଦଙ୍କ ପୁତ୍ର ଶେଖ ହୁସେନ, ଶେଖ ଜୁଲଫୁକରଙ୍କ ପୁତ୍ର ଲାଡ଼େନ ଓରଫ ଶେଖ ସଫିକ, ଶେଖ ଜାମସେଦଙ୍କ ପୁତ୍ର ଶେଖ ରାଜୁ ଓ ବାବୁ ଓରଫ ଶେଖ ସମିର, ଏବଂ ରବୀନ୍ଦ୍ର ତରେଇଙ୍କ ପୁତ୍ର ରିଣ୍ଟୁ ତରେଇ। ସେମାନଙ୍କ ଠାରୁ ୬ ଗୋଟି ପଲିଥିନ ପ୍ୟାକେଜର ୧୦.୬ କେଜି ବ୍ରାଉନସୁଗାର ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୧୧ କୋଟି ଟଙ୍କା ହେବ ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବାଞ୍ଚଳ ଜୋନ ପୁଲିସ ଆଇଜି ହିମାଂଶୁ ଲାଲ ସୂଚନା ଦେଇଛନ୍ତି। ଏଥି ସହିତ ଓଡି-୦୧ଜେଡ / ୯୩୬୫ ନଂର ୟମାହା ଏଫଜେଡ ମୋଟରସାଇକେଲ, ଓଡି-୦୧ଏଏମ/ ୭୧୪୦ ନଂର ହୋଣ୍ଡା ସ୍କୁଟି, ୫ଟି ଅଣ୍ଡ୍ରୟେଡ ମୋବାଇଲ ଫୋନ ଓ ଗୋଟିଏ କିପେଡ ମୋବାଇଲ, ୨୧ ହଜାର ଟଙ୍କା ଏବଂ ଗୋଟିଏ ଆଧାରକାର୍ଡ଼ ପୁଲିସ ଜବତ କରିଥିବା ଆଇଜି କହିଛନ୍ତି। ଫୁଲାଡ଼ି ଅଞ୍ଚଳରେ ବିପୁଳ ପରିମାଣର ବ୍ରାଉନସୁଗାର ହେବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ଏସପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଠିତ ଟିମ ଅରଡ଼ବଜାରରୁ ଫୁଲାଡ଼ି ପର୍ଯ୍ୟନ୍ତ ଅଞ୍ଚଳ ଉପରେ ନଜର ରଖିଥିଲା। ଗତକାଲି ବିଳମ୍ବିତ ରାତିରେ ଫୁଲାଡ଼ି ନିକଟ ବୁଢ଼ାବଳଙ୍ଗ ନଦୀକୂଳରେ ବ୍ରାଉନସୁଗାର ହସ୍ତାନ୍ତର କରାଯିବା ବେଳେ ପୁଲିସ ଟିମ ଚଢ଼ଉ କରିଥିଲା। ତେବେ ଅନ୍ୟ କେତେକ ଅଭିଯୋଗ ଘଟଣାସ୍ଥଳରୁ ଖସି ପଳାଇ ଯାଇଥିବା ବେଳେ ୬ଜଣଙ୍କୁ ପୁଲିସ ଗିରଫ କରିବାରେ ସଫଳ ହୋଇଥିବା ଏସପି ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନଙ୍କୁ ପଚରାଉଚୁରା ଚାଲିଥିବା ବେଳେ ଆସାମ ସୀମାନ୍ତରୁ ଏହି ବ୍ରାଉନସୁଗାର ଆସିଥିବା ଜଣାପଡ଼ିଛି ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସିଟି ଡିଏସପି ଗାୟତ୍ରୀ ପ୍ରଧାନ, ସଦର ଏସଡିପିଓ ଶଶାଙ୍କ ଶେଖର ଦେଉରା, ସହଦେବଖୁଣ୍ଟା ଥାନାଧିକାରୀ ଶୁଭ୍ରାଂଶୁ ଶେଖର ମିଶ୍ର ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।


## ସାହିତ୍ୟିକ ବନ୍ଧୁଙ୍କୁ ସାଦର ନିମନ୍ତ୍ରଣ

ଆସନ୍ତା ୩୧/୧୦/୨୨ରିଖ ସୋମବାର ସଂଧ୍ୟା ୬ ଘଟିକାରେ ଡକ୍ଟର ଭାଗବତ ବେହେରାଙ୍କ ଲିଖିତ ଦୁଇଗୋଟି ଉପନ୍ୟାସ 'ଇମିତି ହୁଏ' (ସାମାଜିକ) ଓ 'ଗୋପୀ' (ପୌରାଣିକ) ଟାଉନ୍‌ହଲ୍ ନିକଟସ୍ଥ ନୃତ୍ୟ ସଂଗୀତ କଳାମନ୍ଦିର ଠାରେ ଲୋକାର୍ପିତ ହେବ । ଉକ୍ତ ଉତ୍ସବରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ସାହିତ୍ୟିକ ବନ୍ଧୁମାନଙ୍କୁ ସାଦର ନିମନ୍ତ୍ରଣ ।

ଡକ୍ଟର ଭାଗବତ ବେହେରା (ଲେଖକ)

# ୩୧ରେ ଚଲକି ଗ୍ରାମରେ ପଂଚାୟତ ଲୋକସେବା ଶିବିର

ବଲାଙ୍ଗିର ,୨୮/୧୦ (ନି.ପ୍ର): ଅକ୍ଟୋବର ୩୧ ତାରିଖ ପୂର୍ବାହ୍ନ ୮ଟା ଠାରୁ ମୁରିବାହାଲ ବ୍ଲକ ଅନ୍ତର୍ଗତ ଚଲକି ଗ୍ରାମ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପଂଚାୟତ ଲୋକ ସେବା ଶିବିର ଅନୁଷ୍ଠିତ ହେବ । ଏହି ପଂଚାୟତ ଲୋକ ସେବା ଶିବିରରେ ଜିଲ୍ଲାର ବିଭିନ୍ନ ବିଭାଗ ପକ୍ଷରୁ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ଜନହିତକର ଓ ଲୋକାଭିମୁଖୀ ଯୋଜନା ଗୁଡିକ ସମ୍ପର୍କରେ ପଂଚାୟତ ଅନ୍ତର୍ଗତ ଗ୍ରାମର ଗ୍ରାମବାସୀଙ୍କୁ ସଚେତନ କରିବା ପାଇଁ ବିଭାଗୀୟ ଷ୍ଟଲ ସହ ଯୋଜନା ସମ୍ପର୍କିତ ସୂଚନା ସମ୍ବଳିତ ବ୍ୟାନର ଲଗାଯିବା । ଏତଦବ୍ୟତୀତ ପଂଚାୟତ ଲୋକ ସେବା ଶିବିରରେ ସ୍ୱାସ୍ଥ୍ୟ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ଶ୍ରମ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଉଦ୍ୟାନ କୃଷି ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ପଂଚାୟତରାଜ ଓ ପାନୀୟ ଜଳ ବିଭାଗ, ମିଶନ ଶକ୍ତି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ବୟନ ଶିଳ୍ପ ଓ ହସ୍ତତନ୍ତ ବିଭାଗ ତଥା ଅନ୍ୟାନ୍ୟ ବିଭାଗର ଯୋଜନା ସମ୍ପର୍କରେ ସଚେତନତା ସହ ଯୋଗ୍ୟ ହିତାଧିକାରୀ ମାନଙ୍କୁ ବିଭାଗୀୟ ସହାୟତା ଓ ପରାମର୍ଶ ଦିଆଯିବ । ଚଲକି ଗ୍ରାମରେ ଅନୁଷ୍ଠିତ ହେବାକୁଥିବା ଏହି ପଂଚାୟତ ଲୋକ ସେବା ଶିବିରରେ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗଦେବେ । ଶିବିରରେ ସମ୍ପୃକ୍ତ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗ୍ରାମର ଗ୍ରାମବାସୀ ମାନେ ବହୁ ସଂଖ୍ୟାରେ ଯୋଗଦାନ କରି ବିଭିନ୍ନ ଯୋଜନା ଗୁଡିକର ସୁଯୋଗ ନେବା ପାଇଁ ଅନୁରୋଧ କରାଯାଉଛି ।

# ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ୨୦୩୦ର ଜିଲ୍ଲାସ୍ତରୀୟ କର୍ମଶାଳା

କେନ୍ଦ୍ରାପଡ଼ା ,୨୮/୧୦ (ନି.ପ୍ର): ଓଡିଶାରେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ୨୦୩୦ର ସଫଳ ରୂପାୟନ କ୍ଷେତ୍ର ଅଧିକାରୀ ମାନଙ୍କ ପାଇଁ ଜିଲ୍ଲା ସ୍ତରୀୟ ଏକ ୨ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ଯୋଜନା ସଂଯୋଜକ ବିଭାଗ ପକ୍ଷରୁ ପ୍ରତ୍ୟେକ ଜିଲ୍ଲାର କ୍ଷେତ୍ର ସ୍ତରୀୟ ଅଧିକାରୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର କର୍ମଶାଳା କରାଯିବ । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଜିଲ୍ଲାରେ ଏକ ୨ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସାମାଜିକ ଓ ପାରିବେଶିକ ବିକାଶ କୁ ସୁନିଶ୍ଚିତ କରିବା ପାଇଁ ମିଳିତ ଜାତି ସଂଘ ପକ୍ଷରୁ ୨୦୧୫ ମସିହାରେ ୧୭ ଟି ପ୍ରମୁଖ ଲକ୍ଷ୍ୟକୁ "ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ" ବା ଏସଡିଜି ଭାବେ ଚିହ୍ନଟ କରାଯାଇଛି । ସେହି ଲକ୍ଷ୍ୟ ଗୁଡିକୁ ୨୦୩୦ ସୁଦ୍ଧା ହାସଲ କରିବା ଲାଗି ରାଜ୍ୟ ସରକାର ଆବଶ୍ୟକ ଖସଡା ଓ ପଦକ୍ଷେପ ନେଉଛନ୍ତି । କେନ୍ଦ୍ରାପଡା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ୨ ଦିନିଆ କର୍ମଶାଳାକୁ ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ଉଦ୍‌ଘାଟନ କରିଥିଲେ । ଏଥିରେ ରାଜ୍ୟ ସରକାରଙ୍କର ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ପ୍ରଦିପ କୁମାର ଜେନା, ଜିଲ୍ଲାର ସମସ୍ତ ବିଭାଗର ଏସଡିଜି ଲକ୍ଷ୍ୟକୁ ୨୦୩୦ ମସିହା ସୁଦ୍ଧା ପୂରଣ କରିବା ପାଇଁ ବାର୍ତା ଦେଇଥିଲେ । ଜିଲ୍ଲା ଏସଡିଜିର ନୋଡାଲ ଅଧିକାରୀ ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା ଏହି କର୍ମଶାଳାରେ ଯୋଗ ଦେଇ ଜିଲ୍ଲାର ୧୮ଟି ବିଭାଗର ସରକାରୀ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ ୨ଟି ଗ୍ରାମ ପଂଚାୟତର ସରପଂଚ ଭାଗ ନେଇଥିଲେ । ଜାତିସଂଘ ପକ୍ଷରୁ ନିର୍ଦ୍ଧାରିତ କରାଯାଇ ଥିବା ୧୭ଟି ଲକ୍ଷ୍ୟ କିପରି ହାସଲ ହୋଇ ପାରିବ ସେ ବିଷୟରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀ ମାନଙ୍କୁ ପ୍ରଶିକ୍ଷଣ ଦିଆ ଯାଇଥିଲା । "ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ" ୨୦୩୦ ଏଜେଣ୍ଡାରେ ରାଜ୍ୟରୁ ଦାରିଦ୍ର ସଂପୂର୍ଣ୍ଣ ଦୂରୀକରଣ, ଖାଦ୍ୟ ନିରାପତାକୁ ସୁନିଶ୍ଚିତ କରି କ୍ଷୁଧାମୁକ୍ତ ରାଜ୍ୟ ଗଠନ କରିବା, ସମସ୍ତଙ୍କ ପାଇଁ ପୋଷଣ ମୁକ୍ତ ଖାଦ୍ୟ ଉପଲବ୍ଧ କରାଇବା, ଗୁଣାତ୍ମକ ଶିକ୍ଷା ସହ ଲୋକଙ୍କୁ ଉତମ ସ୍ୱାସ୍ଥ୍ୟ ସେବା ଯୋଗାଇବା, ମହିଳା ସଶକ୍ତିକରଣ ପ୍ରକ୍ରିୟାକୁ ତ୍ୱରାନିତ୍ୱ କରାଇବା, ଲିଙ୍ଗଗତ ଅସାମନତା ଦୂର କରିବା, ସମସ୍ତଙ୍କ ପାଇଁ ବିଶୁଦ୍ଧ ପାନୀଜ ଜଳ ସୁନିଶ୍ଚିତ କରିବା, ଶିଳ୍ପାୟନକୁ ପ୍ରୋତ୍ସାହନ ଦେବା, ଜଳବାୟୁ ପରିବର୍ତନ ଏବଂ ଏହାର ପ୍ରଭାବର ମୁକାବିଲା କରିବା ପାଇଁ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବା ତଥା ସ୍ଥାନୀୟ ସମ୍ବଳର ଉଚିତ୍ ବ୍ୟବହାର କରିବା ଉପରେ କର୍ମଶାଳାରେ ଗୁରୁତ୍ୱାରୋପ କରା ଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଯୋଜନା ଓ ସଂଯୋଜନା ବିଭାଗର ସାମର୍ଥ୍ୟ ବୃଦ୍ଧି ବିଶେଷଜ୍ଞ ସରୋଜ କୁମାର ଦାସଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ରାଜ୍ୟ ଏସ୍‌ଡିଜି ସେଲର ସହକାରୀ ନିର୍ଦ୍ଦେଶିକା ଅର୍ଚ୍ଚିତା ଦାସ, ଡ଼ଃ ଉପାସନା ମହାପାତ୍ର, ଅର୍ଥନୀତି କ୍ଷେତ୍ର ବିଶେଷଜ୍ଞ (ପିଏମୟୁ, ଏସ୍‌ଡିଜେ) ପ୍ରଦିପ କୁମାର ପଣ୍ଡା, ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡ଼ଃ ଅର୍ଦ୍ଧ୍ୟା ପ୍ରଧାନ, ଜିଲ୍ଲା ପରିଷଦ କାର୍ଯ୍ୟକ୍ରମ ପ୍ରବନ୍ଧକ ଅବଦୁଲ ରେହେମାନ ଖାନ ପ୍ରମୁଖ ତାଲିମ ଦାତା ଭାବେ ଯୋଗ ଦେଇଥିଲେ । ଏହି କର୍ମଶାଳାରେ ଭାଗ ନେଇଥିବା ସରକାରୀ ଅଧିକାରୀ ତାଲିମ ଦାତା ମାନେ ସ୍ଥାନୀୟ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ ।

## ସଙ୍କୁଚିତ ହେଉଛି ଗ୍ରାମ ମୁଖ୍ୟ ରାସ୍ତା

ଧର୍ମଶାଳା ,୨୮/୧୦ (ନି.ପ୍ର): ଜନ ସଂଖ୍ୟ ହୁହୁ ହୋଇ ବଢିବଢି ଚାଲିଛି । ଗ୍ରାମାଚଂଳରେ ଜନବସତି ସଂଖ୍ୟା ବଢି ଚାଲିଛି । ଫଳରେ ବେକାରୀ ସମସ୍ୟା ଯୋଗୁଁ ଅନେକ ଲୋକେ ବାହାର ରାଜ୍ୟକୁ ଚାଲିଯାଉଥିବା ବେଳେ ଅନେକ ଗାଁ ଗଣ୍ଡାରେ ଛୋଟବଡ ଦୋକାନମାନ ଖୋଲି ରୋଜଗାର କରୁଛନ୍ତି । ହେଲେ ଏଭଳି ପରିସ୍ଥିତରେ ଗାଁ ମୁଖ୍ୟ ରାସ୍ତା ସଙ୍କୁଚିତ ହେବାରେ ଲାଗିଛି । ଫଳରେ ଯାତାୟତରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ଅବିଭକ୍ତ ବ୍ରହ୍ମବରଦା ଅଂଚଳରେ । ବ୍ରହ୍ମବରଦା ଓ ମହେଶ୍ୱପୁର ପଂଚାୟତର ମୁଖ୍ୟ ବଜାର ହେଉଛି ବ୍ୟାଙ୍କଛକ, ଇଦଗାହ ଛକ, ପୁରୁଣା ଫାଣ୍ଡି ଛକ, ମଙ୍ଗଳା ମାର୍କେଟ, ତାରିଣୀଛକ, ଚାନ୍ଦପୁର ଓ ବୟେଛକ । ବ୍ରାହ୍ମଣୀ ନଦୀ ସେତୁଠାରୁ ତାରିଣୀଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା କଡରେ ଦୋକାନୀମାନେ ରାସ୍ତା ଅବରୋଧ କରୁଛନ୍ତି । ରାସ୍ତା ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି । ଏଠାକୁ ପ୍ରତ୍ୟେକ ଦିନ ସ୍ଥାନୀୟ ୧୦ ଗୋଟି ପଂଚାୟତର ଶହଶହ ଜନସାଧାରଣ ନିର୍ଭର କରିଥାନ୍ତି ।

# ମାଙ୍କଡ଼, କୁକୁର ଉପଦ୍ରବରେ ଲୋକେ ଅତିଷ୍ଠ : ପ୍ରଶାସନର ନିଘା ନାହିଁ

ସାଲେପୁର ,୨୮/୧୦ (ନି.ପ୍ର): ସାଲେପୁର, ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଦିନକୁ ଦିନ ମାଙ୍କଡ ଓ କୁକୁରମାନଙ୍କର ପାର୍ଦୁଭାବ ବଢିବଢି ଚାଲିଛି । କୁକୁର ଓ ମାଙ୍କଡମାନଙ୍କର ଆଶାତୀତ ବଂଶ ବୃଦ୍ଧି ଘଟିବାରୁ ସେମାନେ ସଠିକ୍ ଭାବେ ଖାଦ୍ୟ ନପାଇ ହିଂସ୍ର ହୋଇଯାଉଥିବା ଦେଖାଯାଇଛି । ଏହି ପଶୁମାନେ ହିଂସ୍ର ପାଲଟିଯାଉଥିବାରୁ ସମାଜରେ ଲୋକମାନଙ୍କର ବହୁ କ୍ଷତି ସାଧନ କରୁଛନ୍ତି । ବିଶେଷ କରି କୁକୁରମାନଙ୍କର ବଂଶବୃଦ୍ଧି କମାଇବା ପାଇଁ ବନ୍ଧ୍ୟାକରଣ କରାଯିବା ଏବଂ ମାଙ୍କଡମାନଙ୍କୁ ଜନଗହଳି ପୂର୍ଣ୍ଣ ଅଂଚଳରୁ ନିଆଯାଇ ଜଙ୍ଗଲରେ ସୁରକ୍ଷିତ ଭାବେ ଛଡାଯିବା ପାଇଁ ଅନେକ ଥର ବ୍ଲକ ଓ ତହସିଲ ପ୍ରଶାସନ ନିକଟରେ ଲୋକମାନେ ଅଭିଯୋଗ କରୁଥିଲେ ମଧ୍ୟ ସେମାନେ ଏଥିପ୍ରତି ଦୃଷ୍ଟି ଦେଉ ନାହାଁନ୍ତି । ଯାହାଦ୍ୱାରା ଲୋକମାନେ ପ୍ରତିମୁହୂର୍ତରେ ବିଭିନ୍ନ ସମସ୍ୟାରେ ପଡୁଥିବା ସହିତ ବହୁ କ୍ଷତି ସହୁଛନ୍ତି । ବେଳେବେଳେ ରାସ୍ତା ଉପରେ ମାଙ୍କଡ ପଲ ବସିରହୁଥିବାରୁ ବାଟୋଇମାନେ ଯାତାୟାତ ପାଇଁ ଭୟଭୀତ ହେଉଥିବା ବେଳେ କୁକୁରମାନେ ମଧ୍ୟ ଅତର୍କତ ଭାବେ ଆସି ଲୋକମାନଙ୍କୁ କାମୁଡି ପକାଉଥିବା ଦେଖାଯାଇଛି । ଏପରିକି ବିଭିନ୍ନ ବିଦ୍ୟାଳୟ ଚାଲୁଥିବା ବେଳେ ପାଖରେ ଥିବା ମାଙ୍କଡମାନେ ହିଂସ୍ର ପାଲଟି ଛାତ୍ର ଛାତ୍ରୀମାନଙ୍କୁ ଆକ୍ରମଣ କରୁଥିବା ଦେଖାଯାଇଛି । ଗତ ଶୁକ୍ରବାର ଦିନ ଖଣ୍ଡସାହି ଜଗନ୍ନାଥ ବିଦ୍ୟାପୀଠର ସପ୍ତମ ଶ୍ରେଣୀର ଛାତ୍ରୀ ଶୁଭସ୍ମିତା ବେହେରା ଶ୍ରେଣୀ ଗୃହ ସମ୍ମୁଖରେ ଠିଆ ହୋଇଥିଲା ବେଳେ ମାଙ୍କଡପଲରୁ ଗୋଟିଏ ମାଙ୍କଡ ବାହାରି ହଠାତ୍ ତାଙ୍କୁ ଆକ୍ରମଣ କରିଥିଲା ।

ସେହିପରି ସରପଡା ଗ୍ରାମର ୨/୩ ଜଣ ମାଙ୍କଡ କାମୁଡାରେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ମାଙ୍କଡମାନଙ୍କର ବଂଶ ବୃଦ୍ଧି ଯୋଗୁ ବିଭିନ୍ନ ପନିପରିବାର ଚାଷ ଓ ବାଡିରେ ଲଗାଯାଇଥିବା କଦଳୀ, ଅମୃତ ଭଣ୍ଡା, ପିଜୁଳି, କରମଙ୍ଗା ସମେତ ଅନ୍ୟାନ୍ୟ ଫଳ ବହୁ ମାତ୍ରାରେ ପ୍ରଭାବିତ ହେଉଛି । ଏପରିକି ଫୁଲ ଗଛର ପତ୍ର ଓ କଢକୁ ମଧ୍ୟ ମାଙ୍କଡମାନେ ଖାଇ ଦେଉଥିବା ଦେଖାଯାଇଛି । ସେହିଭଳି କୁକୁରମାନେ ମଧ୍ୟ ହିଂସ୍ର ହୋଇ ଅନେକ ସମୟରେ ଲୋକମାନେ ପାଳିଥିବା ଛେଳି, ମେଣ୍ଢା, କୁକୁଡା ଓ ଅନ୍ୟାନ୍ୟ ଗୃହପାଳିତ ପଶୁମାନଙ୍କର ବହୁତ କ୍ଷତି କରୁଛନ୍ତି । ଗତ ତିନିଦିନ ତଳେ ସରପଡା ଗ୍ରାମର ବିଚିତ୍ରାନନ୍ଦ ପୃଷ୍ଟିଙ୍କ ଏକ ନବଜାତ ବାଛୁରୀକୁ କୁକୁର ପଲ ଆକ୍ରମଣ କରି ଖାଇଦେଇଥିବା ଜଣାଯାଇଛି । ଏହାଛଡା ବିଦ୍ୟାଳୟକୁ ଯିବା ସମୟରେ ଛାତ୍ର ଛାତ୍ରୀମାନଙ୍କୁ କାମୁଡିବାକୁ ଗୋଡାଇବା ଏବଂ ରାସ୍ତାରେ ବାଇକ ଯିବା ସମୟରେ ହଠାତ୍ ବାଇକ୍ ଆଗକୁ ପଶିଯିବାରୁ ଦୁର୍ଘଟଣା ଘଟି ଲୋକମାନଙ୍କର ବହୁ କ୍ଷତି ହେଉଥିବା ଦେଖିବାକୁ ମିଳିଛି । ତୁରନ୍ତ ଉପଦ୍ରବ କରୁଥିବା କୁକୁର ମାଙ୍କଡପଲଙ୍କୁ ଆୟତରେ ରଖିବା ପାଇଁ କଟକ ଜିଲ୍ଲାପାଳଙ୍କ ଠାରେ ବ୍ଲକ ଅଂଚଳବାସୀ ଦାବି କରିଛନ୍ତି ।

## ହାତୀ ଆତଙ୍କ ନେଇ ଅଂଚଳବାସୀ ଭୟଭୀତ

ଧର୍ମଶାଳା ,୨୮/୧୦ (ନି.ପ୍ର): ଖାଦ୍ୟ ଅଭାବରୁ ଜଙ୍ଗଲି ହାତୀ ଏବେ ଗାଁ ମୁହାଁ ହୋଇଛନ୍ତି । ଯାହାକୁ ନେଇ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଂଜିରା ପଂଚାୟତସ୍ଥ କାଲୁଣି ଗଡା ଅଂଚଳରେ । ଏଠାରେ କିଛି ହାତୀ ଆସିଥିବା ନେଇ ବନବିଭାଗ ସ୍ୱିକାର କରିଛି । ଡାଳିଜୋଡା ବନାଚଂଳ ଅଧିନ ଗଡମଧୁପୁର ବିଟ୍ ଅଧିନରେ ଥିବା ଏକ ନର୍ସରୀରେ ହାତି ପଶିଥିବା ନର୍ସରୀ ଦାୟିତ୍ୱରେ ଥିବା କର୍ମଚାରୀ ଏହାକୁ ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ବନପାଳ ଦତହରି ନାୟକ ଖବର ପାଇଁ ସଦଳବଳେ ଘଟଣାସ୍ଥଳରେ ପଂହଚି ହାତୀଙ୍କ ଗତିବିଧି ଉପରେ ନଜର ରଖିଛି । ଏହି ହାତୀକୁ ନେଇ ଅଂଚଳବାସୀ ଭୟଭୀତ ହୋଇପଡିଛନ୍ତି ।

# ରାଧାଦାମୋଦର ପୂଜାରେ କମ୍ପୁଛି ଶ୍ରୀକ୍ଷେତ୍ର

ପୁରୀ ,୨୮/୧୦ (ନି.ପ୍ର): ପବିତ୍ର ତୀର୍ଥକ୍ଷେତ୍ର ଶ୍ରୀକ୍ଷେତ୍ର । ଧର୍ମମାସ କାର୍ତିକ । କାର୍ତିକ ମାସରେ ରାଧାଦାମୋଦର ପୂଜା କଲେ ଅନେକ ପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଦ୍ୱାପର ଯୁଗରେ ଗୋପୀମାନେ ଏହି ପୂଜା କରୁଥିଲେ । ଶ୍ରୀମନ୍ଦିରରେ ଏକ ମାସ ଧରି ଶ୍ରୀଜୀଉମାନଙ୍କର ରାଧାଦାମୋଦର ବେଶ ଅନୁଷ୍ଠିତ ହେଉଛି । କାର୍ତିକରେ ଶେଷ ପାଂଚଦିନ ପଂଚୁକରେ ମହାପ୍ରଭୁଙ୍କର ପାଂଚଦିନ ଯାକ ବିଭିନ୍ନ ବେଶ ଅନୁଷ୍ଠିତ ହେବ । ମହାପ୍ରଭୁଙ୍କୁ ଦର୍ଶନ, କାର୍ତିକ ପୁରାଣ ଶ୍ରବଣ, ପଂଚତୀର୍ଥରେ ସ୍ନାନ, ଚଉରା ମୂଳରେ ରାଧାଦାମୋଦର ପୂଜା, ହବିଷ୍ୟାଅନ୍ନ ପାଳନ ଓ ସଂଧ୍ୟାରେ ଆକାଶଦୀପ ପୂଜା କରିବା ପାଇଁ ଶ୍ରୀକ୍ଷେତ୍ର ପୁରୀକୁ ପ୍ରାୟ ନଅ ହଜାର ହବିଷ୍ୟାଳୀଙ୍କ ଆଗମନ ହୋଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ତିନି ହଜାର ହବିଷ୍ୟାଳି ରହିବା ପାଇଁ ବୃନ୍ଦାବତୀ ନିବାସ, ଅକ୍ଷୟପାତ୍ର ଫାଉଣ୍ଡେସନ ବିଲିଡ଼ିଂ, ମୋଚିସାହି କଲ୍ୟାଣ ମଣ୍ଡପ ଓ ବାଗେଡ଼ିଆ ଧର୍ମଶାଳାରେ ରହଣି ବ୍ୟବସ୍ଥା ହୋଇଛି । କାର୍ତିକ ମାସଯାକ ଶ୍ରୀକ୍ଷେତ୍ରରେ ଭୋର ୪ଟାରୁ ଧାର୍ମିକ ମାହୋଲ ଦେଖାଦେଇଛି । ମହୋଦଧି କୂଳ, ମାର୍କଣ୍ଡେୟ ପୁଷ୍କରିଣୀ, ଶ୍ୱେତଗଙ୍ଗା ପୁଷ୍କରିଣୀ, ନରେନ୍ଦ୍ର ପୁଷ୍କରିଣୀ ଓ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ହବିଷ୍ୟାଳୀମାନେ ରାଇ ଦାମୋଦର ପୂଜା କରୁଥିବାର ଦେଖିବାକୁ ମିଳିଛି । ଏହାସହ ଶ୍ରୀକ୍ଷେତ୍ର ସାହିବାସିନ୍ଦା ହବିଷ୍ୟାଳିମାନେ ଦାଣ୍ଡ ଦୁଆର ଓ ଛାତ ଉପରେ ଥିବା ବୃନ୍ଦାବତୀ ଚଉରା ମୂଳରେ ରାଧାଦାମୋଦର ପୂଜା କରୁଛନ୍ତି । ଘରୋଇ ହବିଷ୍ୟଳିମାନେ ହବିଷ୍ୟ ପାଇଁ ଓଉ, ମୁଗ ଡ଼ାଲି, ଅଦା, ସାରୁ, କଂଚା କଦଳୀ, ପାଳୁଅ, କନ୍ଦମୂଳ ଆଦି ପରିବା କିଣି ହବିଷ୍ୟ ଅନ୍ନ ରନ୍ଧନ କରି ବିନା ଫୁଟଣ ଓ ହଳଦୀରେ ମୁଗଡ଼ାଲମା ପ୍ରସ୍ତୁତ କରି ସୂର୍ଯ୍ୟାସ୍ତ ପୂର୍ବରୁ ଗୋଟିଏ ଥର ଅନ୍ନ ଭୋଜନ କରୁଥିବା ଦେଖିବାକୁ ମିଳିଛି । ଅନେକ ହବିଷ୍ୟାଳି ମହାପ୍ରସାଦ ସେବନ କରୁଛନ୍ତି । ଶ୍ରୀଜୀଉଙ୍କ ଦର୍ଶନ କରିବା ପାଇଁ ସକାଳୁ ରାତି ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ହବିଷ୍ୟାଳିମାନଙ୍କ ଭିଡ଼ ଲାଗି ରହୁଛି । ହବିଷ୍ୟାଳି କେନ୍ଦ୍ରରେ ଥିବା ହବିଷ୍ୟାଳିମାନଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିରକୁ ଯିବା ପାଇଁ ଗାଡ଼ି ଓ ଗାଇଡ଼ ବ୍ୟବସ୍ଥା କରାଯାଇଛି । ଏହାସହ ହବିଷ୍ୟାଳି କେନ୍ଦ୍ରମାନଙ୍କରେ କାର୍ତିକ ମାହାତ୍ମ୍ୟ ପୁରାଣ ବ୍ରାହ୍ମଣ ପାଠ କରି ହବିଷ୍ୟାଳିମାନଙ୍କୁ ବୁଝାଉଛନ୍ତି । ଏହା ସହ ଭଜନ, କୀର୍ତନ ସହ ଆଧାତ୍ମିକ କାର୍ଯ୍ୟକ୍ରମ କରାଯାଉଛି । ବିଭିନ୍ନ ମଠ, ମନ୍ଦିର ଓ ଧର୍ମଶାଳାରେ କାର୍ତିକ ମାହାତ୍ମ୍ୟ ସହ ଗୀତା ଭାଗବତ ପଠନ କରାଯାଉଛି । ଏବେ ଶ୍ରୀକ୍ଷେତ୍ରରେ ଧାର୍ମିକ ବାତାବରଣ ସୃଷ୍ଟି ହୋଇଛି ।

# ବଲାଙ୍ଗିର ରାଣୀବନ୍ଧର ଚେହେରା ବଦଳିବ : ଜିଲ୍ଲାପାଳଙ୍କ ଉନ୍ନୟନ କାର୍ଯ୍ୟ ପରିଦର୍ଶନ

ବଲାଙ୍ଗିର ,୨୮/୧୦ (ନି.ପ୍ର): ବଲାଙ୍ଗିର ରାଣୀବନ୍ଧ ର ଚେହେରା ବଦଳିବାକୁ ଯାଉଛି ଓ ରାଜା ରାଜୁଡ଼ା ଅମଳରୁ ବଲାଙ୍ଗିରରେ ବନ୍ଧ ପୋଖରି କଟା ଇତ୍ୟାଦି କରି ବଲାଙ୍ଗିର ସହର ମଧ୍ୟରେ ଲୋକଙ୍କ ବ୍ୟବହାର କୁ ଲଗାଯାଇ ଥିଲା । କାଳକ୍ରମେ ଏହି ବନ୍ଧ ଗୁଡିକ ଲୋକଙ୍କ ବ୍ୟବହାର ରେ ଥିଲେ ମଧ୍ୟ ଯତ୍ନର ଅଭାବ ଓ ବନ୍ଧ ହୁଡ଼ା ଓ ପୋଖରି ଜାଗା ଦାଖଲରେ ରହି ବ୍ୟବହାର ଉପଯୋଗରେ ଅସୁବିଧା ଦେଖା ଯାଇଥିଲା ଓ ପୂର୍ବରୁ ସମସ୍ତ ବନ୍ଧ କୁ ସଂଯୋଗ କରି ବର୍ଷା ଦିନରେ ନୂତନ ପାଣି ଭରିବା କାମ କେନାଲ ନାଳ ଗୁଡିକ ବନ୍ଦ କରି ତାଉପରେ ଲୋକେ ଘର କରି ରହିବା ପରେ ଦିର୍ଘ ବର୍ଷ ହେଲା ଆଉ ନୂତନ ଜଳ ପୋଖରୀରେ ପ୍ରବେଶ କରିବା ପାଇଁ ରାସ୍ତା ବନ୍ଦ ହୋଇଯାଇଛି । ଏବେ ପୋଖରି ଗୁଡିକ ଉନ୍ନତିକରଣ ପାଇଁ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ଉଦ୍ୟମ ଆରମ୍ଭ ହୋଇଛି ।

ବଲାଙ୍ଗୀର ଜିଲ୍ଲାପାଳ ଚଞ୍ଚଳ ରାଣା ଆଜି ସକାଳୁ ବଲାଙ୍ଗୀର ସହରର ବିଭିନ୍ନ ସ୍ଥାନ ବୁଲି ଉନ୍ନତିମୂଳକ ପଦକ୍ଷେପ ନେଇଛନ୍ତି । ବଲାଙ୍ଗୀର ଜନତା କିଭଳି ସ୍ୱଚ୍ଛରେ ରହିବେ ସେ ନେଇ ଆଜି ରାଣୀ ବନ୍ଧ ପରିଦର୍ଶନ କରି ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ଆଦେଶ ଦେଇଥିଲେ । ରାଣୀ ବନ୍ଧର ଚତୁଃପାର୍ଶ୍ୱ ବୁଲି ବନ୍ଧ ହୁଡା ଚାରିପଟେ ପଡ଼ିଥିବା ଆବର୍ଜନା ଏବଂ ପୋଖରୀକୁ ଜବରଦଖଲ କରିଥିବା ସ୍ଥାନ ତୁରନ୍ତ ଖାଲି କରିବା ପାଇଁ ଆଦେଶ ଦେଇଥିଲେ । ବନ୍ଧ ହୁଡାରେ ବସବାସ କରୁଥିବା ଲୋକଙ୍କୁ ସେଠାରୁ ଉଚ୍ଛେଦ କରି ଅନ୍ୟତ୍ର ଥଇଥାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ ଶ୍ରୀ ରକ୍ଷଣା । ସେଠାରେ ବସବାସ କରୁଥିବା ଲୋକଙ୍କୁ ବୁଝାଇ ଅନ୍ୟତ୍ର ଆଶ୍ରୟ ଦେଇ ଶୃଙ୍ଖଳିତ ଭାବେ ରହିବା ପାଇଁ କହିଥିଲେ । ପୋଖରୀ ତୁଠ ଅଳିଆ ଆବର୍ଜ୍ଜନା କରୁଥିବା ତଥା ପୋଖରୀ ହୁଡ଼ାରେ ଝାଡା ବସୁଥିବା ବ୍ୟକ୍ତିଙ୍କ ଫଟୋ ଉଠାଇ ତାଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇ ଛନ୍ତି ।ପୋଖରୀକୁ ଯିବା ପାଇଁ ଅନେକ ରାସ୍ତା ଥିବା ବେଳେ କେବଳ ଗୋଟିଏ ମୁଖ୍ୟ ରାସ୍ତା ରଖି ସମସ୍ତ ରାସ୍ତା କୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଜି ସକାଳୁ ଜିଲ୍ଲାପାଳ ସହର ର ଅନେକ ସ୍ଥାନ ବୁଲି ଉନ୍ନତିମୂଳକ ପଦକ୍ଷେପ ନେଇଛନ୍ତି । ପରିଦର୍ଶନ ସମୟରେ ବଲାଙ୍ଗୀର ପୌର ପରିଷଦ ନିର୍ବାହୀ ଅଧିକାରୀ, ମୁକ୍ତା ଯୋଜନା ଅଧିକାରୀ ଏବଂ ତୁଡ଼ା ଅଧିକାରୀଙ୍କ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ ।

# ପୌରପାଳିକା ଉନ୍ନୟନ କାର୍ଯ୍ୟକ୍ରମ ସମୀକ୍ଷା ବୈଠକ

ଝାରସୁଗୁଡ଼ା ,୨୮/୧୦ (ନି.ପ୍ର): ଜିଲ୍ଲାର ତିନିଟି ପୌରପାଳିକାରେ ଚାଲୁ ରହିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି । ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ଜିଲ୍ଲା ପରିଷଦ ସଭା କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ , ତିନି ପୌରପାଳିକାର ନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ପକ୍କା ରାସ୍ତା, ଡ୍ରେନ, ଷ୍ଟ୍ରୀଟ ଲାଇଟ, ପାଇଖାନା, ପାନୀୟ ଜଳ, ଆବାସ ଗୃହ, ପରିଚୟ ଗୃହ , ପିଲାଙ୍କ ଖେଳପୋକରଣ ଓ ଖାଲି ଥିବା ସ୍ଥାନଗୁଡିକର ବିକାଶ ଆଦି ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମ୍ପନ୍ନ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ଓ ଏଥି ସକାଶେ ନିର୍ଦ୍ଦିଷ୍ଟ ଭାବେ କାର୍ଯ୍ୟଖସଡ଼ା ପ୍ରସ୍ତୁତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ଜିଲ୍ଲାପାଳ ସହରାଞ୍ଚଳ ଅଧିବାସୀଙ୍କ ଉତମ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାର ଉନ୍ନତି ଦିଗରେ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଏବଂ ଫାଇଭ ଟି ସ୍କୁଲ ରୂପାନ୍ତରଣ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରିଥିଲେ ।

# ମଣିଷ ସବୁଠୁ ଶ୍ରେଷ୍ଠ ପ୍ରାଣୀ, ତେଣୁ ଆମେ ସମସ୍ତଙ୍କୁ ଶ୍ରେଷ୍ଠ ଆଚରଣ ଦେଖାଇବା ଉଚିତ୍: ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

ସୁବର୍ଣ୍ଣପୁର ,୨୮/୧୦ (ନି.ପ୍ର): ଭାରତର ଜ୍ଞାନ ର ଗ୍ରନ୍ଥ ବେଦ ଓ ଯଜ୍ଞ ର ପ୍ରସାର ରେ ବ୍ୟକ୍ତି ଓ ବ୍ୟକ୍ତିତ୍ୱର ବିକାଶ ଘଟେ ବୋଲି ସୁବର୍ଣ୍ଣପୁର ଜିଲ୍ଲା କୁ ୬ ଦିନିଆ ଗସ୍ତ ରେ ଆସିଥିବା ବେଦ ପ୍ରଚାରକ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ କହିଚନ୍ତି । ସୁବର୍ଣ୍ଣପୁର ଜିଲ୍ଲାର ବେଦ ପ୍ରଚାର ସମିତି ପକ୍ଷରୁ ବିଭିନ୍ନ କାର୍ଯକ୍ରମ ତଥା ହବନ୍ ଓ ୧୧ କୁଣ୍ଡିୟ ଯଜ୍ଞରେ ଭାଗ ନେବାକୁ ଆସିଥିବା ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଗତ ୬ ଦିନ ଧରି ସୁବର୍ଣ୍ଣପୁର ଜ଼ିଲ୍ଲା ର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସାହାରା ଟ୍ରଷ୍ଟ, ପୋଲିସ ରିଜର୍ଭ କଲୋନୀ ସମେତ ସହର ତଥା ଜ଼ିଲ୍ଲା ର ବିଭିନ୍ନ ଶିକ୍ଷା ଅନୁଷ୍ଠାନ, ଅନୁଷ୍ଠାନ ଓ ବିଭିନ୍ନ କାର୍ଯକ୍ରମ ରେ ଯୋଗ ଦେଇ ପ୍ରବଚନ ପ୍ରଦାନ କରି ସାରା ଜ଼ିଲ୍ଲା ରେ ଏକ ଅଧାତ୍ମିକ ପରିବେଶ ସୃଷ୍ଟି କରିଥିଲେ । ଏହି କାର୍ଯକ୍ରମକୁ ବେଦ ପ୍ରଚାରକ ସମିତି ର ପଙ୍କଜ ମେହେର, ମହାଜନ ଆର୍ଯ୍ୟ, ସୁଦାମ ମିଶ୍ର ତଥା ଜିଲ୍ଲା ବେଦ ପ୍ରଚାର ସମିତି ସଂଯୋଜନା କରିଥିଲେ । କର୍ମ ଫଳ ମୀମାଂସା ଉପରେ, ଧନ ସବୁବେଳେ କାମରେ ଆସେନି, ଧର୍ମ ସବୁ ଜନ୍ମ ରେ କାର୍ଯ୍ୟ ରେ ଆସେ, କୃତଜ୍ଞତା ହେଉଛି ବଡ଼ ଧର୍ମ, ପିଲାମାନଙ୍କୁ ସଂସ୍କାର ଶିଖାଇବା, ପିତା ମାତାଙ୍କୁ ବଂଚିଥିଲା ବେଳେ ଶ୍ରଦ୍ଧା କରିବା ଉପରେ, ଓମ ଉଚ୍ଚାରଣ ଓ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ ଦ୍ୱାରା ମନ ର ସ୍ଥିରତା, ସନାତନ ଧର୍ମ ଓ ତାରି ମୂଳ ଧର୍ମ ବେଦ ଉପରେ, ଆମ ଧର୍ମ ସଂସ୍କୃତି ଉପରେ ବୁଝାଇଥିଲେ କ୍ଷ ଏବଂ ମଣିଷ ହେଉଛି ଶ୍ରେଷ୍ଠ ପ୍ରାଣୀ ସେଥିପାଇଁ ଆମେ ସବୁବେଳେ ସମାଜ ରେ ସମସ୍ତ ଙ୍କୁ ଶ୍ରେଷ୍ଠ ଆଚରଣ କରିବା ଆମ ଦାୟିତ୍ୱ ଓ କର୍ତ୍ତବ୍ୟ ହେବା ଉଚିତ ବୋଲି ଦୀର୍ଘ ସମୟ ଧରି ଅନେକ ବାଣୀ ପ୍ରଦାନ କରି ଛୋଟ ଛୋଟ ପିଲାଙ୍କୁ ଓ ମା ମାନଙ୍କୁ ବିଭିନ୍ନ ପ୍ରଶ୍ନ ମାଧମ ରେ ସାମାଜିକ ସଂସ୍କାର ଶିଖାଇଥିଲେ ।

# କୋରୁକୁଣ୍ଡା ଶିବ ମନ୍ଦିରଠାରେ ବିଜେପି ତରଫରୁ ସାଙ୍ଗଠନିକ ବୈଠକ ଅନୁଷ୍ଠିତ

ମାଲକାନଗିରି ,୨୮/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା କୋରୁକଣ୍ଡା ଶିବ ମନ୍ଦିର ଠାରେ ଭାରତୀୟ ଜନତା ପାର୍ଟି ତରଫରୁ କୋରୁକୁଣ୍ଡା ମଣ୍ଡଳ ଜୋନ ୧ର ସାଙ୍ଗଠନିକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ପରିଡ଼ାଙ୍କ ନେତୃତ୍ୱରେ ହୋଇଥିଲା । ବୈଠକରେ ମୁଖ୍ୟ ଅତିଥି ଭାବେ ବିଜେପି ମାଲକାନଗିରି ଜିଲ୍ଲା ସଭାପତି ନୀମାଇ ଚନ୍ଦ୍ର ପାଲ, ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ପ୍ରଭାରୀ ନବଘନ ଲୋକେଇ, ପୂର୍ବତନ କୋରୁକୁଣ୍ଡା ବ୍ଲକ ଅଧକ୍ଷା ସାବିତ୍ରୀ ପଡ଼ିଆମି, ଜିଲ୍ଲା ଉପସଭାପତି ସୁବାସ ପଡିଆମି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ବୈରାଗୀ, ସୁକିଲିନ ସରକାରଙ୍କ ସମେତ ମଣ୍ଡଳର ବିଭିନ୍ନ ପଦପଦବୀରେ ଥିବା କାର୍ଯ୍ୟକର୍ତା ବୈଠକରେ ଉପସ୍ଥିତ ଥିଲେ ।

# ଧାନକ୍ଷେତରେ ହସିଲାଣି ସୁନାର ଫସଲ : ଚାଷୀ ମନ ଉତ୍‌ଫୁଲ୍ଲିତ

ସାଲେପୁର ,୨୮/୧୦ (ନି.ପ୍ର): ଚଳିତ ବର୍ଷ ଖରିଫ ଧାନ ଚାଷକୁ ନେଇ ଚାଷୀକୁଳ ବେଶ୍ ଉତ୍ଫୁଲ୍ଲିତ ହୋଇଉଠିଛି । ଅକ୍ଟୋବର ମାସ ଶେଷ ନହେଉଣୁ କ୍ଷେତରେ ହସିଲାଣି ଧାନର ସୁନା ଫସଲ । ପ୍ରକୃତି ମାଆର ସୁଦୟା ଯଦି ଏକ ମାସ ପର୍ଯ୍ୟନ୍ତ ଏହି କ୍ଷେତ ଉପରେ ରହିବ ତାହା ହେଲେ ଚାଷୀକୁଳ ଯଥେଷ୍ଟ ପରିମାଣରେ ଏଥର ଧାନ ଫସଲ ଅମଳ କରିବାକୁ ବେଶ୍ ଆଶାବାଦୀ ହୋଇଛି । ପବିତ୍ର ଗର୍ଭଣା ସଂକ୍ରାନ୍ତୀରେ ଚାଷୀ ଘରେ ମା' ଲକ୍ଷ୍ମୀଙ୍କର ପୂଜାର୍ଚ୍ଚନା କରି ଧାନ ଫସଲର ସୁରକ୍ଷା ପାଇଁ ଗୁହାରୀ ଜଣାଇ କ୍ଷେତକୁ ପୂଜା କାଠି ନେଇ ମାରିବାକୁ ଯିବା ପରେ ଏ ବର୍ଷର ଧାନ ଫସଲକୁ ଦେଖି ବହୁତ ଖୁସୀ ହୋଇଥିବା ପ୍ରକାଶ କରିଛନ୍ତି ।

ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଚଳିତ ବର୍ଷ ମୋଟ ୧୩ ହଜାର ୭୫୩ ହେକ୍ଟର ଚାଷ ଜମିରେ ଖରିଫ ଧାନ ଚାଷ କରାଯାଇଥିବା ବେଳେ ଡିପ ଓ ଖାଲୁଆ ଜମିରେ ଭଲ ଧରଣର ଫସଲ ହୋଇଛି । ଜଳସେଚନ ବିଭାଗ ପକ୍ଷରୁ କେନାଲକୁ ସଫେଇ କରି ପାଣି ଛାଡିବାର କିଛି ବିଳମ୍ବ ହୋଇଥିବାରୁ ଚାଷୀମାନେ ଧାନ ରୁଆପୋତା ପାଇଁ ହଇରାଣ ହରକତ ହୋଇଥିଲେ । ବହୁ ଡେରିରେ ଧାନ ଚାଷ କାର୍ଯ୍ୟ ଆରମ୍ଭ କରାଯାଇଥିଲା ବେଳେ ପ୍ରଥମେ ପ୍ରବଳ ଖରା ଯୋଗୁ କ୍ଷେତରେ ଜଳସେଚନ ଠିକ୍ ଭାବେ ହୋଇ ନପାରି ଅମଳରେ ବାଧା ଉପୁଜିବାର ଆଶଙ୍କା ଦେଖାଯାଇଥିବାରୁ ଚାଷୀକୂଳ ମଧ୍ୟରେ ହତାଶର ଭାବ ସୃଷ୍ଟି ହୋଇ ଚିନ୍ତାରେ ପଡିଥିଲେ । ଅଗଷ୍ଟ ମାସ ଠାରୁ ଅକ୍ଟୋବର ମାସ ମଧ୍ୟରେ ଗତ ତିନିମାସ ଧରି ସଂଗଠିତ ହୋଇଥିବା ତିନୋଟି ଲଘୁଚାପ ଯୋଗୁ ଲଗାଣ ବର୍ଷା ଧାନ ଫସଲକୁ ହୃଷ୍ଟପୁଷ୍ଟ କରିବାରେ ବହୁ ସହାୟକ ହୋଇଥିଲା । ଏବେ କ୍ଷେତରେ ଧାନଗଛ ଗୁଡିକରେ ଥୋଡ ବାହାରିବା ଦେଖି ଚାଷୀମାନେ ଭଲ ଅମଳ ହେବ ବୋଲି ପ୍ରକାଶ କରିଥିଲେ ।

ଅପରପକ୍ଷରେ ଅକ୍ଟୋବର ମାସରେ ସିତ୍ରାଙ୍ଗ ନାମକ ବାତ୍ୟା ଆମ ରାଜ୍ୟର ଉପକୂଳ ଦେଇ ଅତିକ୍ରମ କରିବ ବୋଲି ପ୍ରଚାରିତ ହେବା ପରେ ଏହାଦ୍ୱାରା ଧାନ ଫସଲ କ୍ଷୟକ୍ଷତି ହେବାର ଆଶଙ୍କା ନେଇ ଚାଷୀମାନେ ଭୟଭୀତ ହୋଇ ରହିଥିଲେ । ଏହି ବାତ୍ୟା ନହେବାରୁ ଚାଷୀଏବେ ଖୁସିବ୍ୟକ୍ତ କରିଛନ୍ତି । ଚଳିତ ବର୍ଷ ପାଗର ଅନୁକୂଳ ପରିସ୍ଥିତି ଓ ପରିବେଶ ପାଇଁ ଭଲ ଧାନ ଫସଲ ହୋଇଛି ଏବଂ ଅମଳ ମଧ୍ୟ ଭଲ ହେବ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି । ଠିକ୍ ସମୟରେ ଏବଂ ସଠିକ୍ ପରିମାଣରେ ଲଗାଣ ବର୍ଷା ହେବା ଫଳରେ ଧାନ ଫସଲକୁ କୌଣସି ରୋଗପୋକ ପ୍ରଭାବିତ କରିପାରିନଥିବା କୃଷି ଅଧିକାରୀ ପ୍ରକାଶ କରିଛନ୍ତି । ଆଉ ମାତ୍ର ଏକ ମାସ ମଧ୍ୟରେ ଧାନ ପାଚି ଯିବା ପରେ ଚାଷୀମାନେ ଏହାକୁ ଅମଳ କରିବେ । ଏବେ ମଧ୍ୟ କୃଷି ବିଭାଗର କର୍ମଚାରୀମାନେ ଧାନ ଫସଲର ସୁରକ୍ଷା ପ୍ରତି ତତ୍ପର ରହିଛନ୍ତି ।

# ଦେଶର ପ୍ରଥମ ଡିଜିଟାଲ ଗାର୍ଡେନ

ଏବେ ତ ସବୁକିଛି ଡିଜିଟାଲ। ଏହି ସୁବିଧାକୁ ଆହୁରି ସହଜ ସରଳ କରିବା ପାଇଁ ତିଆରି ଚାଲିଛି ଡିଜିଟାଲ ଗାର୍ଡେନ। ଦେଶର ପ୍ରଥମ ଡିଜିଟାଲ ଗାର୍ଡେନ କେରଳରେ ତିଆରି ହେବାକୁ ଯାଉଛି। ଏହାର କାମ ମଧ୍ୟ ଆରମ୍ଭ ହୋଇସାରିଲାଣି। ଏଥିପାଇଁ ରାଜଭବନ ସ୍ଥିତ ୨୧ ଏକର କ୍ଷେତ୍ରରେ ବିସ୍ତୃତ ହୋଇଥିବା କନକ କୁନୁ ଗାର୍ଡ଼େନରେ ଯେତେ ବି ଗଛ ଅଛି ତା'କୁ ଡିଜିଟାଲ କରାଯିବା ଆରମ୍ଭ ହୋଇଛି। ବଗିଚାରେ ଥିବା ସବୁ ଗଛକୁ କ୍ୟୁ ଆର୍ କୋର୍ଡ଼ ଦିଆଯାଇଛି। ସ୍ମାର୍ଟଫୋନ୍ ଜରିଆରେ ଗଛରେ ଲାଗିଥିବା କ୍ୟୁ ଆର କୋର୍ଡ଼କୁ ସ୍କାନ କରି ତା'ର ପୂରା ସୂଚନା ହାସଲ କରିପାରିବେ ଲୋକମାନେ। ଏଥିରେ ଗଛର ବିଭିନ୍ନ ପ୍ରଜାତି, ବୟସ, ବଟାନିକାଲ ନାମ, ପ୍ରଚଳିତ ନାମ, ଗଛର ଫୁଲ ଆସୁଥିବା ଋତୁ, ଚିକିତ୍ସା







ଏବଂ ଅନ୍ୟ ସବୁ ସୂଚନା ତୁରନ୍ତ ମିଳିଯିବ। ଏହି ଗାର୍ଡେନରେ ୧୨୬ବିଭିନ୍ନ ଗଛର ପ୍ରଜାତି ବୃକ୍ଷ ରହିଛି। ଯାହାକୁ ଡିଜିଟାଲ ଫର୍ମାଟରେ ସଂଯୋଗ ପରିବର୍ତ୍ତନ କରାଯାଇଛି। ଏହି ବଗିଚାକୁ ବିକଶିତ କରିବା ପାଇଁ କେରଳ ବିଶ୍ୱବିଦ୍ୟାଳୟର ବନସ୍ପିତ ବିଜ୍ଞାନ ବିଭାଗର ଡ. ଏ. ଗଙ୍ଗାପ୍ରସାଦ ଏବଂ ଅଖିଳେଶ ନାୟର ମୁଖ୍ୟ ରୂପେ ଯୋଗଦାନ ଦେଇଛନ୍ତି। କନକକୁନୁ ଗାର୍ଡେନରେ ହଜାର ଗଛ ରହିଛି। ସେଥିରୁ ପାଖାପାଖି ୬୦୦ଟି ଗଛରେ କ୍ୱିକ୍ ରେସପନ୍ସ ବା କ୍ୟୁଆର କୋର୍ଡ଼ ଲଗାଇ ଦିଆଯାଇସାରିଛି। ଏବେ କେବଳ କୋଡ଼ିଙ୍ଗର କାମ ଚାଲିଛି। ଆମେରିକା ଏବଂ ଜାପାନା ପରି ଦେଶରେ ଗଛରେ କ୍ୟୁଆର କୋର୍ଡ଼ କିମ୍ବା ମାଇକ୍ରୋ ଚିପ୍ ଲଗାଇବା ଏକ ସାଧାରଣ କଥାରେ ପରିଣତ ହୋଇଗଲାଣି। କ୍ୟୁ ଆର କୋର୍ଡ଼ ଯୋଗୁଁ ପ୍ରତିଦିନ ବଗିଚାକୁ ବୁଲିଆସୁଥିବା ଲୋକ ଏବଂ ପର୍ଯ୍ୟଟକଙ୍କ ଭିତରେ ଗଛ ପ୍ରତି ସଚେତନତା ବଢ଼ିଥାଏ। ଦିଲ୍ଲୀର ଲୁଟିୟନ୍ସ ଜୋନ୍ ସ୍ଥିତ ଲୋଧି ଗାର୍ଡ଼େନର ଗଛ ଗୁଡ଼ିକରେ ମଧ୍ୟ ପ୍ରଥମେ କ୍ୟୁ ଆର କୋର୍ଡ଼ ଲଗାଯାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଯେ ଲୋକଙ୍କୁ ପୁରୁଣା ଗଛ ବିଷୟରେ ଅଧିକ ସୂଚନା ମିଳିପାରୁ। ଏଠାରେ ୧୦୦ରୁ ଅଧିକ ଗଛକୁ କୋର୍ଡ଼ିଙ୍ଗ କରାଯାଇଛି। ଯେଉଁ ଗଛରେ କ୍ୟୁ ଆର କୋର୍ଡ଼ ଲଗାଯାଇଛି ସେଥିରୁ ଅନେକ ଗଛର ବୟସ ୧୦୦ବର୍ଷରୁ ଅଧିକ। ବଗିଚାରେ ଅନେକ ଔଷଧୀୟ ବୃକ୍ଷ ମଧ୍ୟ ରହିଛି।




# ଅଧିକ ବ୍ୟାୟାମ ବିପଦ

ବ୍ୟାୟାମ ଯୋଗୁ ଆମର ଅନେକ ଉପକାର ହୋଇଥାଏ। ହୃଦୟ ସ୍ଥିତିରେ ଉନ୍ନତି, ସୁନିଦ୍ରା, ଶାରୀରିକ ଶକ୍ତି ବୃଦ୍ଧି ଆତ୍ମବିଶ୍ୱାସରେ ବୃଦ୍ଧି ହେବା ଇତ୍ୟାଦିର ଲାଭ ଆମକୁ ବ୍ୟାୟାମରୁ ହିଁ ମିଳିଥାଏ। ଆଇବିଏଫ୍ ଏକ୍ସପର୍ଟ ଡ଼ ପାର୍ଥ ଜୋଶୀଙ୍କ ଅନୁସାରେ ବ୍ୟାୟାମ ଦ୍ୱାରା ମଧ୍ୟ କିଛି ନକରାତ୍ମକ ପରିସ୍ଥିତି ସୃଷ୍ଟି ହୁଏ, ଯାହା ପ୍ରତି କମ୍ ଲୋକଙ୍କ ଦୃଷ୍ଟି ଯାଇଥାଏ। ଯେପରି ଅଧିକ ବ୍ୟାୟାମ ବନ୍ଧ୍ୟାପଣର କାରଣ ମଧ୍ୟ ହୋଇପାରେ। ତେଣୁ ଏହି ଉର୍ବରାତ ବା ଫର୍ଟିଲିଟିର ହ୍ରାସ ପୁରୁଷ ବା ସ୍ତ୍ରୀମାନଙ୍କ ମଧ୍ୟରେ ଦେଖାଯାଇଥାଏ। ଏହାକୁ ଏମେନୋରିୟା ବା ରଜୋରୋଧ କୁହାଯାଏ। ଏହି ସ୍ଥିତିକୁ ସାମ୍ନା କରିବାକୁ ପଡ଼େ ଯେତେବେଳେ ମହିଳାମାନଙ୍କୁ ୩ ମାସ ପର୍ଯ୍ୟନ୍ତ ପିରିୟଡ୍ସ ଆସେନାହିଁ। ମହିଳାମାନଙ୍କର ଏପରି ସ୍ଥିତି ହେବାର କାରଣ ସେମାନେ ଶରୀରର ଆବଶ୍ୟକତା ଅନୁଯାୟୀ ଜରୁରୀ କ୍ୟାଲୋରୀ ଥିବା ଖାଦ୍ୟ ଖାଆନ୍ତି ନାହିଁ ଓ ନିୟମିତ ବ୍ୟାୟାମ କରନ୍ତି। ଶରୀରରେ କ୍ୟାଲୋରୀର ଅଭାବ ସିଧା ଉର୍ବତରା ଉପରେ ପଡ଼ିଥାଏ ତା ନୁହେଁ। ଯୌନ ଇଚ୍ଛା ଉପରେ ମଧ୍ୟ ଏହାର ପ୍ରଭାବ ପଡ଼େ। ଏହାବ୍ୟତି ଅତ୍ୟଧିକ ସ୍ୱାସ୍ଥ୍ୟ ଯୋଗୁଁ ଶରୀରରେ ଏଷ୍ଟ୍ରୋଜେନ୍ ହର୍ମୋନର ଉତ୍ପନ୍ନ ବୃଦ୍ଧି ପାଇଥାଏ, ଯାହାଦ୍ୱାରା ସ୍ତ୍ରୀର ପ୍ରଜନନ ପ୍ରଣାଳୀ ସହିତ ସଂଯୋଗ ଅଣ୍ଡା ଉତ୍ସର୍ଜନ ଓ ପିରିୟଡ୍ସ ଉପରେ ପ୍ରଭାବ ପଡ଼ିବା ଦ୍ୱାରା ବନ୍ଧ୍ୟାପଣର ବିପଦ ବଢ଼ିଯାଏ। ପୁରୁଷମାନଙ୍କ ମଧ୍ୟରେ ହେଭି ଟ୍ରେନିଂ ନେବା ସମୟରେ ଶରୀରରେ ଶୁକ୍ରାଣୁ ବା ସ୍ପର୍ମ ସଂଖ୍ୟାରେ ହ୍ରାସ ପାଇଥାଏ। ଅଧିକ ସମୟ ବ୍ୟାୟାମ କରିବା ଯୋଗୁ ନା କେବଳ ସ୍ପର୍ମର ସଂଖ୍ୟାରେ ହ୍ରାସ ପାଏ ତାହା ନୁହେଁ ରିପ୍ରଡକ୍ସନର କ୍ଷମତା ମଧ୍ୟ ହ୍ରାସ ପାଇଥାଏ।



# ମେଡିଟେସନ ପାଇଁ 'ମେଡି ଟ୍ରେନ୍'

ମେଡିଟେସନ ପାଇଁ ଆମ ଶରୀର ଏବଂ ମନକୁ ନିୟନ୍ତ୍ରଣ କରିଥାଏ। ବ୍ୟସ୍ତବହୁଳ ଜୀବନରେ ମେଡିଟେସନ ନିହାତି ଜରୁରୀ। ଏହାକୁ ଦୃଷ୍ଟିରେ ରଖି ବୈଜ୍ଞାନିକମାନେ ଆରମ୍ଭ କରିଛନ୍ତି ଫମେଡି ଟ୍ରେନ୍'। କଣ ଏହି ମେଡିଟ୍ରେନ୍ ଫମେଡି ଟ୍ରେନ' ହେଉଛି ମେଡିଟେସନ ବା ଧ୍ୟାନର ଡିଜିଟାଲ ପ୍ରୋଗ୍ରାମ୍। ବୈଜ୍ଞାନିକମାନେ ବ୍ୟକ୍ତିଗତ ଉପଯୋଗ ପାଇଁ ମେଡିଟେସନ ବା ଧ୍ୟାନ ପ୍ରଶିକ୍ଷର ଦେଉଥିବା ଲୋକଙ୍କ ପାଇଁ ଡିଜିଟାଲ ପ୍ରୋଗାମ ଆରମ୍ଭ କରିଛନ୍ତି। ଯାହାର ନାମ ହେଉଛି ମେଡିଟ୍ରେନ। ଏହା ଛଅ ସପ୍ତାହରେ ଯୁବିପିଢ଼ିଙ୍କ ଭିତରେ ଏକାଗ୍ରତା ଏବଂ ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସକ୍ଷମ ହୋଇପାରିବ। ମେଡି ଟ୍ରେନ୍ ନାମକ ଏକି ପ୍ରୋଗ୍ରାମୟ ଏମିତି କିଛି ଆଲଗୋରିଦମ୍ ବ୍ୟବହାର କରିଥାଏ, ଯାହା ପ୍ରତିଯୋଗୀଙ୍କ କ୍ଷମତା ଅନୁସାରେ କହିବ ଯେ ମେଡିଟେସନ ସେସନ୍ ପାଇଁ କେତେ ସମୟ ଦେବା ଆବଶ୍ୟକ। ଏହାଦ୍ୱାରା ସେମାନେ ଶ୍ୱାସ ପ୍ରକ୍ରିୟାକୁ ନିୟନ୍ତ୍ରଣ କରିବାରେ ଅଭ୍ୟାସ କରିପାରିବେ। ଆମେରିକାର ସାନ୍ ଫ୍ରାନସ୍କିକୋ ସ୍ଥିତ ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆ ଏହା ଉପରେ ଗବେଷଣା ପାଇଁ ୧୮ରୁ ୩୫ ବୟସର ୫୯ ପ୍ରତିଯୋଗୀଙ୍କୁ ସାମିଲ କରିଥିଲା। ଯେଉଁଥିରେ ସେମାନେ ମସ୍ତିଷ୍କ ଉପରେ ନଜର ରଖାଯାଇଥିଲା। ରିସର୍ଚ୍ଚ ଅନୁସାର ଏକାଗ୍ରତା ଏବଂ ସ୍ମରଣଶକ୍ତି ଉପରେ ପଡୁଥିବା ପ୍ରଭାବ ସେତିକି ଥିଲା ଯେତିକି ପୂର୍ବ ଅଧ୍ୟୟନରେ ମଧ୍ୟମ ଆୟୁ ବର୍ଗର ଲୋକଙ୍କୁ ମାସ ମାସ ଧରି ଧ୍ୟାନ ପ୍ରଶିକ୍ଷଣରେ ଦର୍ଶାଯାଇଥିଲା। କିନ୍ତୁ ଫମେଡି ଟ୍ରେନ୍' ଜରିଆରେ ସେମାନେ କମ୍ ସମୟ ଭିତରେ ନିଜର ଧ୍ୟାନ ଏବଂ ସ୍ମରଣ ଶକ୍ତିକୁ ବୃଦ୍ଧି କରିପାରିଥିଲେ ବୋଲି ଅଧ୍ୟୟନରେ ସ୍ପଷ୍ଟ ହୋଇଥିଲା। ମେଡି ଟ୍ରେନ୍ ଦ୍ୱାରା ସୁସ୍ଥ ରହିବାପାଇଁ କିପରି ମେଡିଟେସନର ପ୍ରଭାବ ରହିଥାଏ ତାହାକୁ ବିଭିନ୍ନ ଉପାୟରେ ଲୋକଙ୍କୁ ଶିଖାଯାଏ। ମେଡିଟେସନରୁ ପ୍ରେରିତ ଫମେଡି ଟ୍ରେନ୍'କୁ ସଫ୍ଟୱେର ପ୍ରୋଗାମ୍ ରୂପରେ ଡିଜାଇନ୍ , ବିକଶିତ ଏବଂ ପରୀକ୍ଷଣ କରାଯାଇଥିଲା। ଏହାକୁ ମୋବାଇଲ କିମ୍ବା ଟ୍ୟାବ୍ ଜରିଆରେ ମଧ୍ୟ ଲୋକ ଶିଖିପାରିବେ। ବର୍ତ୍ତମାନର ଡିଜିଟାଲ ଯୁଗରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ବୈଜ୍ଞାନିକମାନେ ଆଶା କରିଛନ୍ତି। କୌଣସି ବ୍ୟକ୍ତିର ଧ୍ୟାନ ଅବଧିକୁ ବଢ଼ାଇବା ଏବଂ ସ୍ମରଣଶକ୍ତି ବୃଦ୍ଧି କରିବାରେ ଏହା ସକ୍ଷମ ହୋଇପାରିବ।





## ଦୁନିଆର ସବୁଠାରୁ ଦାମୀ ସାପ

ଦୁନିଆର କିଛି ଏପରି ସାପ ଅଛନ୍ତି ଯାହା କୋଟିକୋଟି ଟଙ୍କାରେ ବିକ୍ରି ହୁଅନ୍ତି। ଆଜି ଆମେ ଏପରି ଏକ ସାପ ବିଷୟରେ ଜାଣିବା ଯାହା ଦୁନିଆରେ ସବୁଠାରୁ ଦାମୀ ସାପ। ଏହି ପ୍ରଜାତିର ସାପ ଏପରିତ ଅନେକ ରଙ୍ଗର



ହୋଇଥାନ୍ତି କିନ୍ତୁ ସବୁଜ ଓ ନୀଳ ରଙ୍ଗର ପାଇଥାନର ଚାହିଦା ଅଧିକ । ପାଇଥନ ସାପର ଏହା ସବୁଠାରୁ ଦାମୀ ପ୍ରଜାତି। ଏହି ସାପ ଇଣ୍ଡୋନେସିଆର ଦ୍ୱୀପ, ନ୍ୟୁଗିନି ଓ ଅଷ୍ଟ୍ରେଲିଆରେ ଦେଖିବାକୁ ମିଳୁଛି। ଏହି ୱେବସାଇଟ୍ ଅନୁସାରେ, ଏହି ପାଇଥନ ବହୁତ ଚର୍ଚ୍ଚିତ ପ୍ରାଣୀ ମଧ୍ୟରୁ ଅନ୍ୟତମ। ଦୁଇମିଟର ଲମ୍ବା ଫଗ୍ରୀନ୍ ଟ୍ରି ପାଇଥନ' ଓଜନ ଦେଢ଼କିଲୋ। ଏହା ସରୀସୃପ ଓ ମାଦା କୀଟପତଙ୍ଗମାନଙ୍କୁ ଖାଏ। ଇଣ୍ଡୋନୋସିଆରେ ଏହି ସାପ ବହୁତ ଚର୍ଚ୍ଚିତ ଓ ଏହାର ଦାମ ଅଧିକ ଥିବାରୁ ଏହାକୁ ଚୋରା କାରବାର ମଧ୍ୟ କରାଯାଏ। ମାଲେସିଆର କରେନ୍ସି ରିଙ୍ଗିତରେ ଏହି ବିରଳ ଗ୍ରୀନ୍ ଟି ପାଇଥାନର ମୂଲ୍ୟ ଆର୍ଏମ୍ ୧.୮ ମିଲିୟନ୍ (ଭାରତୀୟ ମୁଦ୍ରାରେ ୩ କୋଟି ଟଙ୍କା)।

# ଜଳପାନର ଆବଶ୍ୟକତା

ଦୈନିକ ପ୍ରତ୍ୟେକ ବର୍ଗର ବ୍ୟକ୍ତି ଅତି କମରେ ୭ରୁ ୮ ଗିଲାସ ପାଣି ପିଇବା ଉଚିତ। ଜଳର ଆବଶ୍ୟକତା ଶରୀର ନିମନ୍ତେ ରହିଛି, ଏହା ସମସ୍ତେ ବୁଝିନେବା ଆବଶ୍ୟକ। କାନାଡାର ବିଶେଷଜ୍ଞଗଣ ଏହା ଉପରେ ତଥ୍ୟ ପ୍ରକାଶ କରିଛନ୍ତି।



- ନିୟମିତ ଭାବେ ଆବଶ୍ୟକ ପରିମାଣରେ ଜଳ ନପିଇଲେ, ଶରୀରରେ ବିଭିନ୍ନ ଅସୁବିଧା ଉପୁଜିଥାଏ।
- ବିଶେଷଜ୍ଞଙ୍କ ପରୀକ୍ଷାରୁ ପ୍ରକାଶିତ ଯେ ଶରୀରରେ ଜଳର ମାତ୍ରା କମ୍ ହେଲେ ରକ୍ତ ଗାଢ଼ ହୋଇଥାଏ। ରକ୍ତସଂଚାଳନ ଶରୀରରେ ଠିକ୍ ଭାବେ ହୁଏ ନାହିଁ। ପାଣି କମ୍ ପିଇଲେ ରକ୍ତଚାପ ବଢ଼େ।
- ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିବା ବ୍ୟକ୍ତି ନିୟମିତ ୧୦ ଗିଲାସ ପାଣି ପିଇବା ଉଚିତ୍।
- ନିୟମିତ ଆବଶ୍ୟକ ପରିମାଣରେ ପାଣି ପିଇଲେ ତ୍ୱଚା ସମ୍ବନ୍ଧୀୟ ରୋଗ, ବୃକକ୍ ରୋଗରୁ ମଧ୍ୟ ମୁକ୍ତି ମିଳେ।

# ହୋଟେଲ ରୁମରେ କାହିଁକି ବିଛାଯାଇଥାଏ ହ୍ୱାଇଟ୍ ବେଡସିଟ୍ ?

ହୋଟେଲମାନଙ୍କରେ ପ୍ରାୟତଃ ଧଳା ବେଡସିଟ୍ ବିଛାଯାଇଥିବା ଆପଣମାନେ ନିଶ୍ଚିତ ଦେଖିଥିବେ। ସମସ୍ତ ହୋଟେଲରେ ଧଳା ଚାଦର କାହିଁକି ବିଛାଯାଇଥାଏ ବୋଲି ଆପଣଙ୍କ ମନରେ କେବେ ନା କେବେ ପ୍ରଶ୍ନ ଉଠିଥିବ । ତେବେ ଆସନ୍ତୁ ଜାଣିବା ହୋଟେଲ ରୁମର ବେଡରେ କାହିଁକି ଧଳା ଚାଦର ବିଛାଯାଇଥାଏ ଓ ଅନ୍ୟ ରଙ୍ଗର ଚାଦର କାହିଁକି ବ୍ୟବହାର କରାଯାଇନଥାଏ ?

ସବୁବେଳେ ଆମ ମନକୁ ଆସେ ଯେ, ଧଳା ବେଡସିଟ୍ ଅଧିକ ମଇଳା ହୋଇଯାଏ । କିନ୍ତୁ ଆପଣ ଜାଣନ୍ତି କି, ହୋଟେଲରେ ଧଳା ବେଡସିଟ୍ ରଖିବାର ସବୁଠାରୁ ବଡ କାରଣ ହେଉଛି ଏହାକୁ ସଫା କରିବା ଅତି ସହଜ । ତେବେ ହୋଟେଲ ରୁମ୍ ଗୁଡିକ ବ୍ଲିଚ୍ ଏବଂ କ୍ଲୋରାଇନରେ ଧୁଆଁଯାଇଥାଏ । ଏହି କାରଣରୁ ବେଡସିଟ୍ ସହଜରେ ସଫା ହୋଇଯାଏ ଏବଂ ଗଭୀର ଦାଗ ମଧ ବାହାର କରାଯାଇଥାଏ। ଯଦି ଏକ ରଙ୍ଗୀନ ଚାଦର ପକାନ୍ତି, ତେବେ ଏହାକୁ ବ୍ଲିଚରେ ଧୋଇହେବ ନାହିଁ, କାରଣ ନୀଳ ରଙ୍ଗରେ ରଖାଯିବାବେଳେ ରଙ୍ଗୀନ ସିଟ୍ ମଳିନ ପଡ଼ିଯିବ । ଏହା ବ୍ୟତୀତ ବ୍ଲିଚ୍ ଏବଂ କ୍ଲୋରାଇନ୍ ସହିତ ସଫା କରିବା ହେତୁ ଧଳା ଚାଦରରୁ କୌଣସି ପ୍ରକାରର ଗନ୍ଧ ଆସିନଥାଏ ।

ଏହା ସହ ଧଳା ରଙ୍ଗ ସବୁବେଳେ ବିଳାସପୂର୍ଣ୍ଣ ଜୀବନଶୈଳୀ ସହିତ ଜଡିତ ବୋଲି ବିବେଚନା କରାଯାଏ, ତେଣୁ ହୋଟେଲ ରୁମରେ ଧଳା ଚାଦର ରଖାଯାଏ। ଯାହାଦ୍ୱାରା ରୁମକୁ ବିଳାସପୂର୍ଣ୍ଣ ଲୁକ୍ ଦିଆଯାଇପାରିବ । ଏହା ବ୍ୟତୀତ ରୁମଟି ଧଳା ରଙ୍ଗରେ ଅଧିକ ବଡ଼ ଦେଖାଯାଏ, ତେଣୁ ଖଟ ଉପରେ ଧଳା ବେଡସିଟ୍ ବିଛାଯାଏ । କମ୍ ମୂଲ୍ୟରେ ଚାଦର କିଣିବା ପାଇଁ ଧଳା ରଙ୍ଗ ହେଉଛି ସର୍ବୋତ୍ତମ ବିକଳ୍ପ ।

***ଧଳା ରଙ୍ଗ ହେଉଛି ଶାନ୍ତିର ପ୍ରତୀକ :-***

ଧଳା ରଙ୍ଗ ଶାନ୍ତିର ପ୍ରତୀକ ଭାବରେ ବିବେଚନା କରାଯାଏ ଏବଂ ସକରାତ୍ମକତା ଆଣିଥାଏ । ଏପରି ପରିସ୍ଥିତିରେ, ଧଳା ଚାଦର ଉପରେ ଶୋଇବା ମନକୁ ଶାନ୍ତ ରଖେ ଏବଂ ଲୋକମାନେ ଶାନ୍ତିରେ ଶୋଇଥାନ୍ତି । ମନକୁ ଶାନ୍ତ ରଖିବା ସହିତ ଧଳା ରଙ୍ଗ ହୃଦୟକୁ ଖୁସି ରଖିବାରେ ମଧ ସହାୟକ ହୋଇଥାଏ । ସେଥିପାଇଁ ଅଧିକାଂଶ ହୋଟେଲ ରୁମରେ କେବଳ ଧଳା ବେଡସିଟ୍ ବ୍ୟବହାର କରନ୍ତି । ହୋଟେଲ ରୁମର ବେଡ ଉପରେ ଧଳା ଚାଦର ବିଛାଇବାର ଅଭ୍ୟାସ ୯୦ ଦଶକ ପରେ ଆରମ୍ଭ ହୋଇଥିଲା ।



# କେଉଁ ସମୟରେ ଦରକାର ପଡିଥାଏ ଇନସୁଲିନ ?

ଅଗ୍ନାଶୟରେ ଉତ୍ପାଦିତ ଏକ ହରମୋନ ହେଉଛି ଇନସୁଲିନ । ଯାହା ବ୍ଲଡ ଗ୍ଲୁକୋଜକୁ ସନ୍ତୁଳିତ କରିବା ସହ ଶରୀରକୁ ଗ୍ଲୁକୋଜକୁ ଶକ୍ତି ଭାବେ ବ୍ୟବହାର କରିଥାଏ । ତେବେ ଏହା ପେଟର ତଳିଭାଗରେ ହେଉଥିବା ଏକ ଗ୍ଲାଣ୍ଡ । ଡାଇବେଟିସ ରୋଗୀମାନଙ୍କୁ ଅନେକ ସମୟରେ ଇନସୁଲିନର ଆବଶ୍ୟକତା ପଡିଥାଏ । ତେବେ ଆସନ୍ତୁ ଜାଣିବା ଶରୀରରେ ଇନସୁଲିନର ଆବଶ୍ୟକତା କ'ଣ ଏବଂ କେବେ ପଡିଥାଏ।

ଇନସୁଲିନ ମୁଖ୍ୟତଃ ବ୍ଲଡ ସୁଗାର ନିୟନ୍ତ୍ରଣ କରିଥାଏ । ଯେବେ ଆମ ଶରୀରରେ ରକ୍ତିରେ ଗ୍ଲୁକୋଜର ପରିମାଣ ଅଧିକ ହୁଏ, ତେବେ ଇନସୁଲିନ ଗ୍ଲୁକୋଜକୁ ଲିଭରରେ ଜମା କରିବା ଭଳି କାମ କରିଥାଏ । ତେବେ ବ୍ଲଡ ସୁଗାର କମ୍ ନ ହେବା ପର୍ଯ୍ୟନ୍ତ ଷ୍ଟୋର ହୋଇ ରହିଥିବା ଗ୍ଲୁକୋଜ ବାହାରି ନଥାଏ । ମଣିଷ ଶରୀରରେ ଇନସୁଲିନର ସଠିକ ଉପଯୋଗ ନ ହେବା କିମ୍ବା ଶରୀରରେ ଇନସୁଲିନ ନିର୍ମାଣ ନ ହେବା ଦ୍ୱାରା ଡାଇବେଟିସ ଭଳି ରୋଗ ଦେଖା ଦେଇଥାଏ । ଏହି ସମୟରେ ଅତିରିକ୍ତ ଇନସୁଲିନର ବ୍ୟବହାର ଆବଶ୍ୟକ ହୁାଏ ।ଡାଇବେଟିସ ମୁଖ୍ୟତଃ ଟାଇପ-୧ ଏବଂ ଟାଇପ-୨ ପ୍ରକାରର ହୋଇଥାଏ । ଟାଇପ-୧ ଡାଇବେଟିସ ଏକ ଅଟୋମ୍ୟୁନ ରୋଗ ଅଟେ । ଏହି ରୋଗରେ ଶରୀର ନିଜେ ନିଜ ଉପରେ ଆକ୍ରମଣ କରିଥାଏ । ଏହି ରୋଗ ସମୟରେ ।ଣୀର ସଠିକ ଭାବରେ ଇନସୁଲିନ ପ୍ରସ୍ତୁତ କରିପାରିନଥାଏ । କାରଣ ରକ୍ଷା କରୁଥିବା ସେଲ୍ସ ଅଗ୍ନାଶୟରେ ଇନସୁଲିନ ପ୍ରସ୍ତୁତକାରୀ ସେଲ୍ସଗୁଡିକୁ କ୍ଷତି ପହଞ୍ଚାଇଥାନ୍ତି । ତେବେ ବିଶେଷ କରି ଯୁବବର୍ଗରେ ଏପରି ଡାଇବେଟିସ ଦେଖା ଦେଇଥାଏ । ସେହିପରି ଟାଇପ-୨ ଡାଇବେଟିସରେ ଶରୀରକୁ ସାଧାରଣଭବେ ରଖିବା ପାଇଁ ଅଧିକ ମାତ୍ରାରେ ଇନସୁଲିନର ଆବଶ୍ୟକତା ପଡିଥାଏ । ତେବେ ଅଧିକ ଉତ୍ପାଦନ ପରେ ଅଗ୍ନାଶୟରେ ଇନସୁଲିନ ପ୍ରସ୍ତୁତକାରୀ ସେଲଗୁଡିକ ଜଳିଯାଇଥାନ୍ତି । ତେବେ ଏହି ପ୍ରକାରର ଡାଇବେଟିସ କୌଣସି ବୟସର ବ୍ୟକ୍ତିଙ୍କୁ ହୋଇପାରେ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଘନୀଭୂତ ହେଉଛି ବିପଦ...

ରୁଷିଆ ଏବଂ ୟୁକ୍ରେନ୍ ଯୁଦ୍ଧ ଏବେ ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି । ଉଭୟ ପକ୍ଷ ଏବେ ଆଣବିକ ଯୁଦ୍ଧର ଧମକ ଦେଇଛନ୍ତି । ସେପ୍ଟେମ୍ବର ମାସ ଠାରୁ ୟୁକ୍ରେନ୍ ସେନା ରୁଷିଆ ଅଧିଗତ କ୍ଷେତ୍ରକୁ ପୁନଃଦଖଲ କରିଆସୁଥିବା ବେଳେ ପୁଣି ଥରେ ଏହି ଯୁଦ୍ଧର ଦୃଶ୍ୟ ବଦଳିବାରେ ଲାଗିଛି । ରାଷ୍ଟ୍ରପତି ଭାଦିମିର ପଟିନ୍ ଅଧିକ ସଂଖ୍ୟକ ସେନା ପଠାଇ ୟୁକ୍ରେନ୍‌କୁ ସାନି ଦଖଲ କରିବା ଲାଗି ଯୁଦ୍ଧ ନିଆଁକୁ ତେଜିଛନ୍ତି । ପୂର୍ବରୁ ଯେଉଁସବୁ ଭାରୀ ଅସ୍ତ୍ର ବ୍ୟବହାର କରାଯାଇନଥିଲା । ଏବେ ସେସବୁର ବ୍ୟବହାର ଦେଖିବାକୁ ମିଳିଛି । କେବଳ ସେତିକି ନୁହେଁ, ଜନବସତିପୂର୍ଣ୍ଣ ଅଞ୍ଚଳରେ ଅଧିତର ଆକ୍ରମଣ ହେଉଛି ଏବଂ ସେଥିରେ ପ୍ରତିଦିନ କେଇ ଡଜନ ୟୁକ୍ରେନ୍ ନାଗରିକଙ୍କର ପ୍ରାଣହାନି ଘଟିଚାଲିଛି । ଜାତିସଂଘ ମାନବାଧିକାର ସଂଗଠନର ଆକଳନ ଅନୁସାରେ, ଏପର୍ଯ୍ୟନ୍ତ ଏହି ଯୁଦ୍ଧରେ ପ୍ରାୟ ଛଅ ହଜାରରୁ ଅଧିକ ନାଗରିକ ପ୍ରାଣ ହରାଇଛନ୍ତି । ସେମାନଙ୍କ ମଧ୍ୟରେ ଏହଜାର ପର୍ଯ୍ୟନ୍ତ ଶିଶୁ ରହିଛନ୍ତି । କିନ୍ତୁ ବାସ୍ତବ ମୃତ୍ୟୁସଂଖ୍ୟା ଆହୁରି ଅଧିକ ହୋଇପାରେ । ଏପରି ସ୍ଥଳେ ବର୍ତ୍ତମାନ ରୁଷିଆ ପକ୍ଷରୁ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣକୁ ଆହୁରି ତୀବ୍ର କରାଯାଇଛି । ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡେମିର୍ ଜେଲେନର୍ସ ଅଭିଯୋଗ କରିଛନ୍ତି ଯେ, ରୁଷିଆ ଇରାନଠାରୁ ସହିଦ୍-୧୩୬ କାମିକାଜି ଡ୍ରୋନ୍ କିଣି ଏହା ମାଧ୍ୟମରେ ୟୁକ୍ରେନ୍‌ର ଜନବସତି ଅଞ୍ଚଳରେ ପ୍ରାୟ ୪୦୦ ଥର ଆକ୍ରମଣ କରିସାରିଛି । ଏହିସବୁ ଡ୍ରୋନ୍‌ରେ ବିସ୍ଫୋରକ ଠାରୁ ଆରମ୍ଭ କରି ଛୋଟ ଛୋଟ କ୍ଷେପଣାସ୍ତ୍ରମାନ ଖଞ୍ଜାଯାଇଛି । ସେହିଭଳି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବ୍ୟବହାର ଫଳରେ ଏବେ ଖେରସୌ ଠାରୁ ରାଜଧାନୀ କିଭ ଏବଂ ଝାପାରଝିଆ ଆଦି କ୍ଷେତ୍ରରେ ବ୍ୟାପକ ଧନଜୀବନ କ୍ଷୟକ୍ଷତି ଘଟିଛି । ଏକପକ୍ଷରେ ୟୁକ୍ରେନ୍ ରୁଷିଆ ବିରୁଦ୍ଧରେ 'ଡାଟି ବମ୍' ବ୍ୟବହାର କରିବାର ଯୋଜନା କରୁଛି ବୋଲି ରୁଷିଆ ପକ୍ଷରୁ ଅଭିଯୋଗ କରାଯାଉଥିବା ବେଳେ ରୁଷିଆ ପକ୍ଷରୁ ଆବଶ୍ୟକ ପଡିଲେ ଆଣବିକ ଅସ୍ତ୍ର ବ୍ୟବହାର କରାଯିବ ବୋଲି ରାଷ୍ଟ୍ରପତି କ୍ଲାଦିମିର୍ ପୁଟିନ୍ ସ୍ପଷ୍ଟ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସେ ଗତ ସପ୍ତାହରେ ଆଣବିକ ଡ୍ରିଲ୍ ପାଇଁ ମଧ ନିର୍ଦ୍ଦେଶ ଦେଇଛନ୍ତି । ଏହାର ଜବାବରେ ପାଶ୍ଚାତ୍ୟ ରାଷ୍ଟ୍ରମାନେ ମଧ ଉତ୍ତର-ପଶ୍ଚିମ ୟୁରୋପରେ ସେମାନଙ୍କର ଆଣବିକ ଅସ୍ତ୍ରାଭ୍ୟାସ ଆରମ୍ଭ କରିଛନ୍ତି ବୋଲି ନାଟୋ ମହାସଚିବ ଜେନ୍ସି ଷ୍ଟାଲଟେନବର୍ଗ କହିଛନ୍ତି । ୟୁକ୍ରେନ୍ ଯୁଦ୍ଧରେ କୌଣସି ପକ୍ଷ ଏଭଳି ଗଣବିଧ୍ୱସୀ ମାରଣାସ୍ତ୍ର ବ୍ୟବହାର ନକରିବାକୁ ଏବେ ସମଗ୍ର ବିଶ୍ୱ ୟୁକ୍ରେନ୍ ଏବଂ ରୁଷିଆକୁ ପରାମର୍ଶ ଦେବାରେ ଲାଗିଛନ୍ତି । ଏହାର ପରିଣତି ଭୟାବହ ହେବ ଏବଂ ସେଥିରେ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣନାଶର ଆଶଙ୍କା ରହିଛି ବୋଲି କୁହାଯାଇଛି । କିନ୍ତୁ ଏହି ଯୁଦ୍ଧକୁ ରୋକିବା ଲାଗି ବିଶ୍ୱ ନେତୃବର୍ଗ ଯେଉଁଭଳି ପ୍ରୟାସ ମୂଳରୁ କରିବା କଥା ତାହା କରାଯାଇନାହିଁ ବୋଲି ବୁଝିବାରେ ଆଉ କାହାକୁ ଅଛପା ନାହିଁ । ଯେହେତୁ ରୁଷିଆ ଏବଂ ଆମେରିକା ନେତୃତ୍ୱାଧୀନ ନାଟୋ ମେଣ୍ଟ ମଧ୍ୟରେ ୟୁକ୍ରେନକୁ ଆଳ କରି ଏହି ଯୁଦ୍ଧ ଏବେ ଚାଲିଛି ତାହା ଧୀରେ ଧୀରେ ଅଧିକ ତୀବ୍ର ହେଉଛି ସିନା ପ୍ରଶମିତ ହେବାର କୌଣସି ଲକ୍ଷଣ ଜଣାପଡୁନାହିଁ । ଗୁରୁତ୍ୱପୂର୍ଣ୍ଣ ବନ୍ଦର ନଗରୀ ଖେରସୌ ଏବେ ରଣକ୍ଷେତ୍ର ପାଲଟିଛି । ସେଠାରେ ଆଗାମୀ ଦିନରେ ଯୁଦ୍ଧ ଅଧିକ ଭୟଙ୍କର ହେବା ବୋଲି ଆଶଙ୍କା କରି ସେ କ୍ଷେତ୍ରର ଅର୍ଦ୍ଧାଧିକ ନାଗରିକ ଅନ୍ୟତ୍ର ପଳାୟନ କରିସାରିଲେଣି । ଅପର ପକ୍ଷରେ ରଷିଆ ୟୁକେର ଶକ୍ତିକେନ୍ଦ୍ରଗୁଡିକ ଉପରେ ଆକ୍ରମଣ କରି ସେ ଦେଶକୁ ଅନ୍ଧକାରମୟ କରିଦେବାକୁ ପ୍ରୟାସ ଚଳାଇଛି । ଫଳରେ ଆସନ୍ତା ଶୀତଦିନେ କୋଟି କୋଟି ଲୋକଙ୍କୁ ଦୟନୀୟ ସ୍ଥିତିରେ ଜୀବନ ବଞ୍ଚିବାକୁ ପଡ଼ିବ । ଇତିପୂର୍ବରୁ ୟୁରୋପକୁ ଗ୍ୟାସ୍ ପାଇପ୍ ଲାଇନ୍ ବନ୍ଦ୍ କରି ରୁଷିଆ ସେଠାରେ ଶକ୍ତି ସଂକଟ ସୃଷ୍ଟି କରିବାରେ ସକ୍ଷମ ହୋଇଛି । ତେଣୁ ସେହି ରଣନୀତି ୟୁକ୍ରେନ୍ ପାଇଁ ପ୍ରୟୋଗ କରିଛି । ଆଣବିକ ଯୁଦ୍ଧ ଭୟ କେବଳ ୟୁକ୍ରେନ ପାଇଁ ନୁହେଁ, ସମଗ୍ର ୟୁରୋପ ଏବଂ ବିଶ୍ୱ ପାଇଁ ଏକ ବିପଦ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ କୌଣସି ଯୁଦ୍ଧରେ କେହି ଏହାର ପ୍ରୟୋଗ କରିନାହାଁନ୍ତି । ଏକବିଂଶ ଶତାବ୍ଦୀରେ ଏହା କେବଳ ଶକ୍ତି ଉତ୍ପାଦନ ପାଇଁ ହିଁ ଉପଯୋଗ ହେଉଛି । ତଥାପି ନିଜ ଅସ୍ତ୍ରାଗାରରେ ଗଚ୍ଛିତ ରଖୁଥିବା ଅଣୁ ଅସ୍ତ୍ରକୁ ପ୍ରୟୋଗ କରିବାର ଧମକ ଦେଖାଇ ବିଶ୍ୱକୁ ବିପଦ ଆଡ଼କୁ ଟାଣିନେବାର ଔଦ୍ଧତ୍ୟ କ୍ଷମତାଲିପସୁ ନେତାଙ୍କ ମୁଣ୍ଡରୁ ହଟିନାହିଁ । ତେଣୁ ୟୁକ୍ରେନ୍ ଯୁଦ୍ଧକୁ ଯଥାଶୀଘ୍ର ବନ୍ଦ୍ କରିବା ଦାୟିତ୍ୱ ଏବେ ବିଶ୍ୱ ନେତୃବର୍ଗ ମୁଣ୍ଡାନ୍ତୁ । ସେଥିରେ ସମସ୍ତଙ୍କର ମଙ୍ଗଳ ।

## ଗଣତାନ୍ତ୍ରିକ ପଦ୍ଧତିରେ ପାଞ୍ଚ ଶହ ଟଙ୍କିଆ ଭୋଟ୍ ଦାତା



### ବିଷ୍ଣୁ ପ୍ରସାଦ ଦାସ

ସାଧାରଣ ଜନତାଙ୍କ ମଧ୍ୟରୁ ଯେ କୌଣସି ନିର୍ବାଚନ ବେଳେ ୬୦ ରୁ ୭୦ ପ୍ରତିଶତ ନାଗରିକ ଭୋଟ୍ ଦେଇଥାନ୍ତି । ଖୁବ୍ ଶିକ୍ଷିତ ଭୋଟ୍ ଦାତା ନିଜେ ସଚେତନ ଆଉ ନିଜ ବିବେକାନୁଯାଇ ଭୋଟ୍ ଦେଇ ନିଜର ସୁନଗରିକତାର ପରିଚୟ ଦେଇଥାନ୍ତି, ଆଉକିଛି ପ୍ରାର୍ଥୀତ୍ୱକୁ ନା' ପସନ୍ଦ କରି ଭୋଟ୍ ବର୍ଜନ କରିବାକୁ ଶ୍ରେୟ ମନେକରନ୍ତି । ଏହିସବୁ ବର୍ଗର ଭୋଟ୍ ଦାତା ଖୁବ୍ ସମାଲୋଚକ ଆଉ ଅନ୍ୟର ଦୋଷକୁ ବାଛିବାରେ ସିଦ୍ଧ ହସ୍ତ, କିନ୍ତୁ ନିଜେ କିଛି କରିବାର ସାମର୍ଥ୍ୟ ତା'ଙ୍କ ପାଖରେ ନାହିଁ, କେବଳ ବାକ୍ୟବୀର । ଏମାନେ ରାଜନୀତିରେ ବିଶ୍ୱାସ କରନ୍ତିନାହିଁ ବୋଲି ମନେହୁଏ । ରାତାରାତି ରୋମ ନଗରୀ ଗଢିବାର ସ୍ୱପ୍ନ ଦେଖି ବିଭୋର ହେଉଥିବା ବ୍ୟକ୍ତିଟି ବାସ୍ତବତା ଜାଣିବା ପୂର୍ବରୁ ବିଷୟ ବସ୍ତୁ ବଦଳାଇ ନୂତନ ବିଷୟ ଉପରେ ସାଗରଗର୍ଭକ ଭାଷଣ ଆରମ୍ଭ କରିଦେଇଥାଏ ଆଉ ଅନ୍ୟର ଛିଦ୍ର ଖୋଜିବାରେ ସର୍ବଦା ବ୍ୟସ୍ତ ଥାଏ । ଭୋଟ୍ ଦେବା ପରି ଏକ ଦାୟିତ୍ୱକୁ ଏଡାଇ ଦେଇ ଅନ୍ୟ କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତି ସମାଜ ପାଇଁ ଆଦୌ ଭଲ ସନ୍ଦେଶ ଦେଉନାହାନ୍ତି । ବାକି ରହିଲେ ନିମ୍ନ ମଧ୍ୟବିତ୍ତ ବର୍ଗର ଭୋଟ୍ ଦାତା । ଖୁବ୍ ସ୍ୱାଭିମାନି ଆଉ ଖୋସାମତ ପ୍ରିୟ, ଏମାନଙ୍କୁ ମିଠାକଥା, ସ୍ନେହ, ଶ୍ରଦ୍ଧା ଓ ଉଚ୍ଚ ଆସନ ଦରକାର ତା'ହେଲେ ସେମାନେ ପୁରା ତୁମର । ବାକି ନିମ୍ନ ଶ୍ରେଣୀର ଭୋଟ୍ ପ୍ରାୟ କିଣା ଯାଏ ଖାଲି ମଧ୍ୟସ୍ତି ଦରକାର । କିଏ କେତେରେ ରାଜି, କେତେରେ କେତେ ମିଳିବ ଆଉ କିଏ ବେଶୀ ଦେବ, ମଦ, ମାଂସ, ଟଙ୍କା, ଲୁଗାପଟା, ଭବିଷ୍ୟତ ପାଇଁ ବ୍ୟାଙ୍କ ଋଣ, ବାସଗୃହ ତଥା ବିଭିନ୍ନ ପ୍ରକାର ସରକାରୀ ସହାୟତାର ଲମ୍ବା ତାଲିକା ଏମାନଙ୍କ କାନକୁ ଖୁବ୍ ମଧୁର ଶୁଭେ ଓ ଆଖିକୁ ଖୁବ୍ ରଙ୍ଗୀନ ସ୍ୱପ୍ନ ପରି ଦିଶେ, ତା'ପରେ ମୁଣ୍ଡ ପିଛା ପାଞ୍ଚ ଶହ ଟଙ୍କିଆ ଗାନ୍ଧୀ ନୋଟ କେତୋଟି ଧରାଇ ଦେଇ ମଧ୍ୟସ୍ତି ଚାଲିଗଲା ପରେ ଲିଭିଯାଇଥିବା ଚୁଲିରେ ଅଗ୍ନି ସଂଯୋଗ ହୋଇ କୁକୁଡ଼ା ମାଂସ, ଠିପି ବନ୍ଦ ନାଲିପାଣି ପରିବାରର ମନଟାକୁ ହାଲକା କରିଦିଏ । ପରଦିନ ଭୋଟ୍, ସଖାଳ ହେଉ ହେଉ ମଧ୍ୟସ୍ତି ପୁଣି ସମସ୍ତଙ୍କୁ ମନେ ପକେଇ ଦିଏ ତାଙ୍କ ଦଳର ଚିନ୍‌ହ । ଭୋଟ୍ କେନ୍ଦ୍ରକୁ ଯିବା ଆସିବା ପାଇଁ ଗାଡିର ବି ବନ୍ଦୋବସ୍ତ ହୋଇଥାଏ । ସତେକି ଆଜି ଭୋଟର ମାନେ ବିଶିଷ୍ଟ ବ୍ୟକ୍ତି ଆଉ ଭୋଟ୍ କିଣିବାକୁ ଆସିଥିବା ପ୍ରାର୍ଥୀ ତାଙ୍କର ମହାନ ସେବକ । ସେ ଯାହାହେଉ, ଭୋଟ୍ କାଗଜ ଉପରେ ମୋହର ଦେଇ ବାକ୍ସ ରେ ପକାଇବା ବା ମେସିନ ସୁଇଜ ଉପରେ ଟିପିଦେବା ପରେ 'ତୁ କିଏ ନା' ମୁଁ କିଏ?' ଜିତିଲେ ପାଞ୍ଚ ବର୍ଷ ଆଉ ଧାରା ଛୁଆଁ ପାଇବା ମୁସ୍କିଲ ।

ପାଞ୍ଚ ଶହ ଟଙ୍କାକୁ ପାଞ୍ଚ ବର୍ଷ, ବର୍ଷକୁ ଏକ ଶହ ଟଙ୍କା ତେବେ ଦିନକୁ କେତେ? ମାତ୍ର ୨୭.୫ ପଇସା, ଆଉ ଅନ୍ୟାୟ ଉପାୟ ରେ ଜିତିଥିବା ପ୍ରାର୍ଥୀଙ୍କ ଆୟ?? ନ' କହିବା ଭଲ । ଆଜିର ଯୁଗରେ ଚାରଣି, ଆଠଣି ତ' ଆଉ ଚାଲୁନାହିଁ, ସବୁଠାରୁ କମ ମୂଲ୍ୟର ମୁଦ୍ରା ଏକ ଟଙ୍କିଆ ମୁଦ୍ରା ତେବେ ଏଇ ୨୭.୫ ପଇସାର ମୂଲ୍ୟ କେତେ ଓ ଏହାର ଉପଯୋଗ କେତେ?? ଗତ ନିର୍ବାଚନ ସମୟରେ ସାରା ଦେଶରେ ରାଜନୈତିକ ଦଳ ମାନେ ପରସ୍ପର ଉପରକୁ ନିର୍ବାଚନ ଆଇନ ଉଲଂଘନ ପରିପେକ୍ଷୀରେ ଆଙ୍ଗୁଳି ଉଠାଇବା ଦୃଶ୍ୟ, ଟଙ୍କା ବାଣ୍ଟିବା ଦୃଶ୍ୟ, ଗୁଣ୍ଡଓ ଗର୍ଦ୍ଦି କରିବା ଦୃଶ୍ୟ ଟିଭି ଓ ଖବର କାଗଜ ମାଧ୍ୟମରେ ବହୁଳ ପ୍ରସାରିତ ହୋଇଥିଲା, କିନ୍ତୁ କେହି ନିଜ ଦୋଷ ସ୍ୱୀକାର କରିବାର ସତସାହସ ଦେଖାଇ ପାରିନଥିଲେ ଓ ଏହାତ' ରାଜନୀତିର ଖେଳ ନିଜେ ଗୋଟାପଣେ ତୁଳସୀ ଆଉ ବିରୋଧୀ ପକ୍କା ବିଛୁଆତି ବୋଲି କଳେ ବଳେ କୌଶଳେ ଯୁକ୍ତି ଦ୍ୱାରା ପ୍ରମାଣିତ କରିବାରେ ଦଳୀୟ ପ୍ରବକ୍ତା ସିଦ୍ଧ ହସ୍ତ ଓ ନିର୍ବାଚନ ସରିନାହିଁ କି ସରିବ ନାହିଁ ନିର୍ଦ୍ଧାରିତ ସମୟ ଆସିଲେ ଆହୁରି ଆସିବ ତେଣୁ ଆମର ସଚେତନତା ଆଉ ନେତା ଚୟନ ପ୍ରକ୍ରିୟା ଆମପାଇଁ ଗୋଟିଏ ପରୀକ୍ଷା ଓ କିଛିଦିନ ତଳେ ପଡୋଶୀ ରାଜ୍ୟ ର କିଛି ରାଜନେତା ଭୋଟ ପାଇଁ ଜନତାଙ୍କୁ ସର୍ବସାଧାରଣରେ ଜିଅନ୍ତା କୁକୁଡ଼ା ସହିତ ମଦ ବୋତଲ ଦେବାର ଦୃଶ୍ୟ ଖୁବ ଦୃଷ୍ଟିକଟୁ ହୋଇଥିଲା ଏପରିକି କିଛି ଚ୍ୟାନେଲ ବ୍ୟଙ୍ଗାତ୍ମକ ଦୃଷ୍ଟିରେ ଏହାକୁ ପ୍ରସାରିତ କରିଥିଲେ, ସତ୍ୟ ସର୍ବଦା ସତ୍ୟ ତେଣୁ ଏହି ଦୃଶ୍ୟ ସମାଜକୁ କ'ଣ ସକାରାତ୍ମକ ସନ୍ଦେଶ ଦେଉଛି କି? ସର୍ବସାଧାରଣ ସ୍ଥାନରେ ବର୍ତ୍ତମାନ କିଛି ଅଲାଯୁକ ନେତାଙ୍କ ଦ୍ୱାରା ଗଣତନ୍ତ୍ର ବିକ୍ରି ହେଉଛି ଓ ଦିନ ଆସିବ ଆମେ ଆମ ଉତ୍ତରପିଢ଼ିଙ୍କ ପାଖରେ ମଥା ନତ କରି ନିଜ କୁତ୍ସିତ ଚିନ୍ତାଧାରା ପାଇଁ ଲଜ୍ଜା ଅନୁଭବ କରିବା ଓ ଭୋଟ ପାଇଁ ଶକ୍ତିର ଆବଶ୍ୟକତା କଣ ଜରୁରୀ ? ଗଣତନ୍ତ୍ର ଶାସନରେ ସର୍ବସାଧାରଣ ବାଛିଥିବା ପ୍ରତିନିଧି ଦାୟିତ୍ୱ ନେଇ ନିଜର ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିବାର ନିୟମ ଏବଂ ପରମ୍ପରା ଆଜି ବିରଳ, 'ଜୋର ଯାହାର ମୁଲକ ତାହାର' ଏହି ନୀତି ତଥା ପରସ୍ପର ଉପରକୁ କାଦୁଅ ଫିଙ୍ଗା ରାଜନୀତି ହୁଏତ ଆମର ଦେହସୁହା ହୋଇ ଗଲାଣି ଓ ଅସମ୍ଭବ ଦୁର୍ନୀତି ତଥା ମିଥ୍ୟ ର ଆଶ୍ରୟ ନେବା ଏକ ସାଧାରଣ କଥାରେ ଆଜି ପରିଣତ ତେଣୁ କାହାକୁ ନିଜ ବିଶ୍ୱାସ ବଳୟ ଭିତରେ ରଖିବେ ଏବଂ କାହାକୁ ଦୂରେଇଦେବେ?? ଜନତା ବୋକା ନେତା ସର୍ବ ଶକ୍ତିମାନ, ସାମାନ୍ୟ ଉପ ନିର୍ବାଚନ ଟିଏ ହେଲେ ମଧ ଗଣ୍ଡା ଗଣ୍ଡା ମନ୍ତ୍ରୀ, ନେତା, କର୍ମୀ କିଛି ସରକାରୀ କଳ ପ୍ରାଣମୂର୍ଚ୍ଛା ଉଦ୍ୟମ କରନ୍ତି ଯେପରି ତାଙ୍କ ପ୍ରାର୍ଥୀ ବିଜୟ ଲାଭ କରିବ ଓ ଭାଇ ! ଏହା କେବଳ କ୍ଷମତାର ଖେଳ ଛଡା ଆଉ କିଛି ନୁହେଁ, ପାଟି ଖୋଲିଲେ ଶତ୍ରୁ ହେବାର ଭୟ ତେଣୁ ଯାହା ହେଉଛି ହେଉ ଆମେ କମ୍ବଳ ଘୋଡ଼ି ହୋଇ ଶୋଇଯିବା, ଆପେ ବଞ୍ଚିଲେ ବାପାର ନାଁ ....ଓ ଆମେ ପ୍ରଥମେ ଚିନ୍ତା କରିବା କଥା ଯିଏ ମୁଣ୍ଡ ପିଛା ୫୦୦ ଟଙ୍କା ବାଣ୍ଟି ଅନ୍ୟାୟ ଉପାୟରେ ଭୋଟ ଜିତି ଆସୁଛି ସେ କ'ଣ କେବେବି ନିରପେକ୍ଷ ଆଉ ସଚୋଟ ହୋଇ ଜନତାଙ୍କ ପାଇଁ କାମ କରିପାରିବ ? କେବେବି ଏହା ସମ୍ଭବ ନୁହେଁ ଓ ଆମେ ସବୁ ଜାଣିଛୁ ତେବେବି ଅନ୍ୟାୟକୁ ବିରୋଧ କରିବାର ସାହସ ଯୁଟାଇ ପାରୁନାହୁଁ କାରଣ ଆମ ଧନ ଜୀବନ ଉପରେ ଭୟ ରହୁଛି ଓ ତେଣୁ ହିନ୍ଦୀ କଥାରେ ଅଛି ' ସବସେ ଚୁପ ଭଲା ' ସବୁଠାରୁ ଭଲ ଚୁପ ରୁହ କାହାରି ଶତ୍ରୁ ହୁଅ ନାହିଁ, ଯେ ଯାହା କରୁଛି ଦେଖି ଯାଅ, ଶୁଣି ଯାଅ ଆଉ ନିଜ ବାଟରେ ଆଗେଇ ଚାଲ ଓ 'ନରୋତ୍ତମ ଦାସ କହେ .....' ସେହିପରି କେହି କାହାରି ଠାରୁ ଭଲ ବା ମନ୍ଦ ନୁହନ୍ତି ସମସ୍ତେ ସମାନ ଓ ନିର୍ବାଚନ ରେ କରିଥିବା ଖର୍ଚ୍ଚର ୧୦୦ ଗୁଣରୁ ଅଧିକ ଆୟ ତଥା ପଓଞ୍ଚିଜି ପାଇଁ ସଞ୍ଚୟ ତ' ଏମାନଙ୍କ ପାଇଁ ଏକ ସାଧାରଣ କଥା । ତେଣୁ ସର୍ବସାଧାରଣ ଭୋଟ୍ ଦିଅନ୍ତୁ ଓ ଉଚିତ ପ୍ରାର୍ଥୀଙ୍କୁ ଭୋଟ୍ ଦିଅନ୍ତୁ ଯେ କି ଆପଣଙ୍କ ପାଇଁ ନିୟମ ଅନୁଯାୟୀ କାର୍ଯ୍ୟ କରିବେ, ସୁସାଶନ ଦେବାପାଇଁ ଆଗଭର ହେବେ । ଦୁର୍ନୀତି ଆରମ୍ଭ ପୂର୍ବରୁ ଦୁର୍ନୀତିକୁ ମୂଳ ପୋଛ କରିଲେ ସୁନ୍ଦର ସମାଜର ଗଠନ ସମ୍ଭବ, ତା' ନହେଲେ ଆମେ ଏମିତି ଲାଂଛିତ ଅପମାନିତ, ନିଷ୍ପେସିତହେଉଥିବା ଓ ସବୁବେଳେ ସରକାରଙ୍କୁ ଦୋଷ ଦେଉଥିବା ।


ସ୍ନେହ କୁଟୀର, ଝାଞ୍ଜିରୀ
ମଙ୍ଗଳ, କଟକ -୭୫୩୦୦୯
ମୋ: ୯୯୩୭୧୭୪୦୯୭


## ଅବକ୍ଷୟଗାମୀ ଯୁବସମ୍ପଦ ଓ ତାହାର ପରିଣାମଦର୍ଶୀ ବିନିଯୋଗ

### ଡା. ବିଜୟ କୁମାର ପାତ୍ର

ଜୀବନ ଅବସ୍ଥା ଚକ୍ରର ସବୁଠାରୁ ମୂଲ୍ୟବାନ ସମୟ ଯୁବାବସ୍ଥା । ପିଢ଼ି ପରେ ପିଢ଼ି ଏହି ଯୁବାବସ୍ଥାକୁ ଶକ୍ତିର ଉତ୍ସ ରୂପେ ପ୍ରୟୋଗ କରି ଆଗକୁ ଆଗେଇଥାନ୍ତି । କଥାରେ ଅଛି ଯେଉଁ ଦେଶର ଯୁବକ ଯେତେ ବଳବାନ, ବୁଦ୍ଧିମାନ ଓ ବିଦ୍ୟାବାନ, ସେ ଦେଶ ସେତେ ସମର୍ଥ । ପୃଥିବୀରେ ଯୁବ ସଂଖ୍ୟାର ଏକ ଦଶମାଂଶ ଭାରତରେ ଠୁଳ । ତଥାପି ଏବେ ସୁଦ୍ଧା ଭାରତ ବିକଶିତ ନୁହେଁ, ଏକ ବିକାଶ ଶୀଳ ଦେଶର ମାନ୍ୟତା ବହନ କରେ । କିଛି ଐତିହାସିକ ଭୁଲ, ବିଖଣ୍ଡିତ ସମାଜ ବ୍ୟବସ୍ଥା ଏବଂ ସାମାଜିକ ବିଶୃଙ୍ଖଳା ଏଥି ପାଇଁ ଦାୟୀ କହିଲେ ବାହୁଲ୍ୟ ହେବ ନାହିଁ । ଭାରତ ପାଖରେ ଥିବା ବିଶାଳ ଯୁବଶକ୍ତି ଉପଯୁକ୍ତ ଉପଯୋଗ ନହୋଇ ପାରି ବିପଥ ଗାମୀ । ଏ ପରିସ୍ଥିତି ପାଇଁ ଦାୟୀ ଅନେକ ଗୁଡିଏ କାରକ ଉପରେ ଏକ ସୂକ୍ଷ୍ମ ଦୃଷ୍ଟି ନିକ୍ଷେପ ସମୟର ଆହ୍ୱାନ । ଭାରତବର୍ଷର ଗତାନୁଗତିକ ସାମାଜିକ ବ୍ୟବସ୍ଥାରେ ଯୁବଗୋଷ୍ଠୀ ସାଧାରଣତଃ ଅତ୍ୟନ୍ତ ଭାବପ୍ରବଣ । ଗାନ୍ଧୀ, ସୁଭାଷଙ୍କ ଭଳି ଜନନାୟକଙ୍କ ଡ଼ାକରାରେ ଯେଉଁ ଦେଶର ଯୁବଶକ୍ତି ଜୀବନକୁ ଜଳାଞ୍ଜଳି ଦେଇ ଦେଶ ସ୍ୱାଧୀନ ପାଇଁ ତ୍ୟାଗର ଚରମ ନିଦର୍ଶନ ଦେଇ ଜାଣେ, ସେ କେବେ ଦୁର୍ବଳ ହେଇପାରେନା । ସାମ୍ପ୍ରତିକ ଶାସନତନ୍ତ୍ରରେ ଅସାଧୁ ସ୍ୱାର୍ଥନ୍ୱେଷୀ ରାଜନୀତିଜ୍ଞ ମାନେ ନିଜର ବ୍ୟକ୍ତିଗତ ସ୍ୱାର୍ଥ ସାଧନ ନିମିତ୍ତ ଦୁର୍ଲଭ ଯୁବ ସମ୍ବଳକୁ ଅପବ୍ୟବହାର କରିବାରେ ଲାଗିପଡିଛନ୍ତି । ଫଳତଃ ଦେଶ ବିକାଶରେ ବ୍ରତୀ ହେବା ପରିବର୍ତ୍ତେ ଯୁବଗୋଷ୍ଠୀ ବିନାଶ କାର୍ଯ୍ୟରେ ଲିପ୍ତ । ଇଂରେଜ ଦତ୍ତ ପ୍ରଶାସନିକ ବ୍ୟବସ୍ଥା ଅମଲା ମାନଙ୍କୁ କ୍ଷମତାଖୋର ଓ ଅର୍ଥ ପିପାସୁ କରି ରଖିଛି । ଶାସନ ଓ ପ୍ରଶାସନିକ କାର୍ଯ୍ୟ ନିର୍ବାହ ପାଇଁ ରାଜକୋଷର ଏକ ସିଂହ ଭାଗ ଅତି ଅନାବଶ୍ୟକ ଭାବେ ବ୍ୟୟ ବରାଦ କରାଯାଇ ଗଳାବାଟ ଦେଇ ଆତ୍ମସାତ କରାଯାଉଛି । ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ପାଇଁ ଉଦ୍ଦିଷ୍ଟ ଅର୍ଥ କିଛି ମୁଷ୍ଟିମେୟ, ନିଜର କ୍ଷମତା ବଳରେ ଲୁଟି ନେଉଛନ୍ତି । ସୁତରାଂ ଶାସକ ଓ ଶାସିତ ମଧ୍ୟରେ ଶ୍ରେଣୀଗତ ତାରତମ୍ୟ ବୃଦ୍ଧି ପାଇବାରେ ଲାଗିଛି । ଫଳ ସ୍ୱରୂପ ସମଗ୍ର ଦେଶରେ ଏକ ବିଶୃଙ୍ଖଳିତ ସମାଜ ବ୍ୟବସ୍ଥା ଚରମରେ ପହଂଚିଛି ।

କୁହାଯାଏ ଭାରତ ଭୂଖଣ୍ଡ ଜ୍ଞାନର ଭଣ୍ଡାର । କୋଟି କୋଟି ବୁଦ୍ଧିମାନ, ମେଧାପ୍ରବୀଣ ଯୁବ ସମ୍ଭାରରେ ବଳଶାଳୀ ଭାରତ ଏବେବି ଅବିକଶିତ ।ଶିକ୍ଷା ବ୍ୟବସ୍ଥାରେ ମୌଳିକ ଭିତିଭୂମିର ଅଭାବ, ଗୁଣାତ୍ମକ ଶିକ୍ଷାଦାନରେ ତ୍ରୁଟି ଏବେବି ଏକ ଅଭିଶାପ ସଦୃଶ । ଅଧିକନ୍ତୁ ପ୍ରଜ୍ଞାର ହତାଦର, ମେଧାବୀ ଶକ୍ତିମାନଙ୍କର ଦୁରୁପଯୋଗ, ଯୁବଗୋଷ୍ଠିକୁ ଅନ୍ୟ ଦେଶମନସ୍କ ହେବାପାଇଁ ବାଧ କରେ ।

ପାଶ୍ଚତ୍ୟକୁ ଅନୁକରଣ କରି ଯୁବଗୋଷ୍ଠୀ ଆଜି ବିପଥଗାମୀ । ବସ୍ତୁ ଉପଭୋଗ କରିବାର ଚରମ ମାନସିକତାର ଶିକାର ସାଜି ନିଶା, ଦୁଷ୍କର୍ମ, ଚୌର୍ଯ୍ୟ, ରାହାଜାନୀ ଓ ଉତ୍ପୀଡନ ଭଳି ଯାବତୀୟ କୁପନ୍ଥା ଆପଣେଇ ନେଉଛନ୍ତି । ଅସାଧୁ ଶକ୍ତିମାନଙ୍କ ପୃଷ୍ଟପୋଷକତାରେ ଅପରାଧ ପ୍ରବଣତା ଶିଖରରେ ପହଂଚିଛି । ଦେଶ ବିକାଶ ସାଧନରେ ଜଣେ ହେବା ବଦଳରେ ଦେଶ ପାଇଁ ବୋଝ ହୋଇ ବଂଚୁଛନ୍ତି ।

ଭାରତର ସାମାଜିକ, ଧାର୍ମିକ ଓ ଅର୍ଥନୈତିକ ମୂଳଦୁଆ କୃଷି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । ଜଳପ୍ରଳୟ ସମୟରେ ନାନାଦି ଶସ୍ୟବୀଜ ସଂରକ୍ଷିତ ରଖିବା, ମଗଧ ଓ ଅଙ୍ଗ ମଧ୍ୟରେ ଜଳସେଚନ ପାଇ ଶତ୍ରୁତା ଏବଂ ଭଗବାନ୍ ବଳରାମ ଆୟୁଧ ରୂପେ ଲଙ୍ଗଳ ବ୍ୟବହାର କରିବା ଭାରତବର୍ଷରେ କୃଷିର ପ୍ରାଚୀନତାକୁ ପରିପ୍ରକାଶ କରେ । ଅଧୁନା କୃଷିକ୍ଷେତ୍ରର ବିକାଶ ଦିଗରେ ସମ୍ପୂର୍ଣ୍ଣ ସରକାରୀ ଉଦାସୀନତା, ଜଳସେଚନ ଭଳି ଅତ୍ୟାବଶ୍ୟକ ଭିତ୍ତିଭୂମିକୁ ଗୁରୁତ୍ୱ ନଦେବା ତଥା କୃଷିଜାତ ସାମଗ୍ରୀର ବିଶୃଙ୍ଖଳିତ ବଜାର ବ୍ୟବସ୍ଥା, ଶିକ୍ଷିତ ଅବା ଅଶିକ୍ଷିତ ଯୁବଗୋଷ୍ଠି ପାଇଁ କୃଷିକୁ ବୃତ୍ତି ରୂପରେ ଗ୍ରହଣ କରିବାକୁ କୌଣସି ପ୍ରେରଣା ବା ଉଦ୍ଦୀପନା ସୃଷ୍ଟି କରେ ନାହିଁ । ଅତଏବ ବେଲୁନ ଭଳି ଫୁଲୁଥିବା ଯୁବସମାଜ ପକ୍ଷେ ବେକାର ହେବା ଛଡା ଅନ୍ୟ କୌଣସି ଉପାୟ ନଥାଏ । ସର୍ବ ଶେଷରେ ଅବ୍ୟବସ୍ଥିତ ଶିକ୍ଷାନୀତି, ନୂତନ ଶିକ୍ଷା ପ୍ରତିଷ୍ଠା ଦିଗରେ ସରକାରୀ କୁଣ୍ଠା, ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଓ ମାନବୀୟ ଦକ୍ଷତା ଥାଇ ମଧ ଯୁବଗୋଷ୍ଠୀ ପାଖରେ କିଛି କରି ଦେଖାଇବାର ସୁଯୋଗ ନଥାଏ । ଯୁବଶକ୍ତିର ସମ୍ପୂର୍ଣ୍ଣ ବିନିଯୋଗ ପାଇଁ ଉପରୋକ୍ତ ସମସ୍ୟା ଗୁଡିକୁ ଦୂରଦୃଷ୍ଟି ଓ ପରିଣାମଦର୍ଶୀ ଭାବେ ସମାଧାନ କରାଗଲେ ଯୁବସଂପଦର ଯଥାର୍ଥ ଉପଯୋଗ କରି ଭାରତବର୍ଷ ଯେ ସମଗ୍ର ବିଶ୍ୱରେ ବିଶ୍ୱଗୁରୁ ହୋଇପାରିବ ଏଥିରେ ତିଳେମାତ୍ର ଦ୍ୱିଧା ନାହିଁ ।


ଉପଖଣ୍ଡ ପ୍ରାଣୀ ଚିକିତ୍ସା
ଅଧିକାରୀ, ଢେଙ୍କାନାଳ
(ମୋ) ୭୦୦୮୬୧୭୯୧୨


## କବିତା କୋଣାର୍କ

### ଅଭିଶପ୍ତ ଯାଯାବର



**ଦୀପକ କୁମାର ନାଏକ**

ମୁଁ ସେଇ ଅଭିଶପ୍ତ ଯାଯାବର
ଯିଏ ଆଦୌ । ଦରକାର ନଥିଲା ଦୁନିଆଁର
ମୁଁ ସେଇ ଅଭିଶପ୍ତ ଯାଯାବର
ଜେଜେଙ୍କର ଭଲ ନାତି ହୋଇପାରିଲିନି
ଭଲ ପୁଅ ହେଇପାରିଲିନି ବାପାମାଆଙ୍କର
ମୁଁ ସେଇ ଅଭିଶପ୍ତ ଯାଯାବର
ଦାଦା ଖୁଡିଙ୍କର ଭଲ ପୁତୁରା ହୋଇପାରିଲିନି
ଭଲ ଭଣଜା ହେଇପାରିଲିନି ମାମୁଁମାଇଁଙ୍କର
ମୁଁ ସେଇ ଅଭିଶପ୍ତ ଯାଯାବର
ଭାଉଜଙ୍କର ଭଲ ଦିଅର ହୋଇପାରିଲିନି
ଭଲ ଭାଇ ହେଇପାରିଲିନି ଭାଇ ଭଉଣୀର
ମୁଁ ସେଇ ଅଭିଶପ୍ତ ଯାଯାବର
ମୋ ସ୍ତ୍ରୀର ଭଲ ସ୍ୱାମୀ ହୋଇପାରିଲିନି
ଭଲ ବାପା ହେଇପାରିଲିନି ଛୁଆଙ୍କର
ମୁଁ ସେଇ ଅଭିଶପ୍ତ ଯାଯାବର
ଗୁରୁଙ୍କର ଭଲ ଶିଷ୍ୟ ହୋଇପାରିଲିନି
ଭଲ ସାଙ୍ଗ ହେଇପାରିଲିନି ସାଙ୍ଗ ସାଥିଙ୍କର
ମୁଁ ସେଇ ଅଭିଶପ୍ତ ଯାଯାବର
ଦୁନିଆଁରେ ଭଲ ମଣିଷ ହୋଇପାରିଲିନି କି
ଭଲ ଚରିତ୍ର ହେଇପାରିଲିନି ସମାଜର
ମୁଁ ସେଇ ଅଭିଶପ୍ତ ଯାଯାବର
ଯଦି କିଛି ଲୋକ ଭଲପାଉ ଥାଆନ୍ତି ମୋତେ
ବଡ଼ ପଣ ସେଇ ମହାନ୍ ଙ୍କର
ମୁଁ ସେଇ ଅଭିଶପ୍ତ ଯାଯାବର
ସେମାନଙ୍କ ବଡ ପଣ ଭାବି ଖୁସି ଆନନ୍ଦ ରେ
ନତମସ୍ତକ ହୋଇଯାଏ ମୋର
ମୁଁ ସେଇ ଅଭିଶପ୍ତ ଯାଯାବର
ମୁଁ ଏମିତି ଅଭିଶପ୍ତ ଯାଯାବର
ସ୍ୱର୍ଗତ ତ ସ୍ୱର୍ଗ ନର୍କରେ ଯାଗା ନାହିଁ ମୋର
ମୁଁ ସେଇ ଅଭିଶପ୍ତ ଯାଯାବର
ଯଦି କିଛି ମୋହର ଦୋଷ ତୃଟି ରହିଥାଏ
କ୍ଷମା ଦେବ ଭାବି ମୋତେ ନିଜର
ମୁଁ ସେଇ ଅଭିଶପ୍ତ ଯାଯାବର ।।


ଗ୍ରାମ-ଗଣ୍ଡାନାଳୀ, ବ୍ଲକ୍-ହିନ୍ଦୋଳ
ଜିଲ୍ଲା-ଢ଼େଙ୍କାନାଳ
ମୋ:-୮୬୩୭୨୬୧୮୨୮


### 'ରିକ୍ତ ହସ୍ତ - ୨'

**ଦିଲିପ୍ କୁମାର ତ୍ରିପାଠୀଙ୍କ**



ଏକାନ୍ତର ହାତ ଧରି ମୁଁ ଏମିତି ଚାଲେ ବିନା କାରଣରେ
ଅଭ୍ୟାସ ନୁହେଁ ମୋର ପାଖୁଡା ଛିଡେଇବା ବିନା କାରଣରେ

ଏମିତି ତ' ମୁଁ ରୋଜ୍ ଭାବେ ଆଜି,ଏବେ,ଏଇନା କହିଦେବି
ହେଲେ, ଏମିତି କେମିତି ଯିବି ତୋ ଆଗକୁ ବିନା କାରଣରେ

ତାରା ମାନଂକ ଗହଳିରେ ମୁଁ ଏବେବି ଚିହ୍ନି ପାରେ ଜହ୍ନକୁ
ସେ ଭାବୁଛି ମୁଁ ତୁଚ୍ଛାରେ ପଛରେ ପଡିଛି, ବିନା କାରଣରେ

ନେ ଯେତେ ସମୟ ପାରୁଛୁ ନେ ,ରଖିବାକୁ ତୋ ମନରେ ମୋତେ
ହେଲେ, ଥରେ ରହିଲେ ଆଉ ବାହାରିବିନି ବିନା କାରଣରେ

ସେଫାଳି ଦେଖିଲେ, ମନେପଡେ ତୋ ଦେହର ଭୁରୁଭୁରୁ ଗନ୍ଧ
ମୁଠାମୁଠା ସେଫାଳି ରଖେ ମୋ ପକେଟ୍ ରେ ବିନା କାରଣରେ

ରାସ୍ତା କଡ ବିଜୁଳିବତୀକୁ ମୁଁ ଜହ୍ନ ଭାବି ପ୍ରାୟ ଦଉଡେ
କୁହୁଡି ନାହିଁ, ହେଲେ ବଉଳ ଝଡେ, ଗାଁରେ...
ବିନା କାରଣରେ ।


ଢେଙ୍କାନାଳ, ପର୍ଜଙ୍ଗ, କୁନ୍ଦନଦେଇପୁର ଶାସନ
ମୋ: ୯୭୭୮୧୦୬୧୦୫


### ଦାମ୍ପତ୍ୟରେ ଏକୋଇଶି ଖୁସି

**ଅଧାପକ ପ୍ରଦୀପ୍ତ କୁମାର ଦାସ**

ଦୁହେଁ ମିଶି ସ୍ୱସଂସାର କରୁଥିବୁ ପୂର୍ଣ୍ଣ
ଭଲପାଇବାରୁ କେବେ ନକରିବୁ କ୍ଷୂର୍ଣ୍ଣ,

ନଧରିବୁ ଦୋଷ ତୃଟି ନହେବୁ ନିଷ୍ଠୁର
ଇଷ୍ଟପ୍ରାଣତାରେ ଆମେ ସାଜିବୁ ଅକ୍ରୁର,

ଜୀବନରେ କେବେ କା'ର ନକରିବୁ କ୍ଷତି
ଅନ୍ୟାୟ କରିବୁ ନାହିଁ ହୋଇ ମୂଢ଼ମତି,

ଦି'ଦିନିଆ ଦୁନିଆଁରେ ଧରି ଅହଙ୍କାର
ନକରିବୁ ଛାରଖାର ଜୀବନ କାହାର,

ଆଜି ଆମେ ଦୁଃଖ ଭୁଲି ହେବୁ ଟିକେ ଖୁସି
ଆମ ଦାମ୍ପତ୍ୟ ଛୁଇଁଛି ଆଜି ଏକୋଇଶି,

ଏହି ଅବସରେ ପ୍ରଭୁ ପାଦରେ ଭକତି
ଢ଼ାଳିଦେଇ କରୁଅଛୁ ତାହାଙ୍କୁ ପ୍ରଣତି,

ପିତାମାତାଙ୍କ ଚରଣେ ହୋଇ ମଥାନତ
ବାରବାର କରୁଅଛୁ ତାଙ୍କୁ ଦଣ୍ଡବତ,

ଗୁରୁଜନଙ୍କୁ ସମ୍ମାନ ସାନଙ୍କୁ ସେନେହଁ
ସଭିଏଁ ଆମ ନିଜର କେହି ପର ନୁହଁ,

ସତ୍ୟ ଧର୍ମେ ରହି ଆମେ ବାଣ୍ଟୁଥିବୁ ପ୍ରେମ
ଅକାଳରେ ଆମ ପାଖ ନମାଡ଼ିବ ଯମ ।


କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର
ମୋ: ୮୫୯୪୮୮୫୮୯୮


### ମୋ ସହ ଆଉ କଣ ତୋର ଅଛି

**ସୁନନ୍ଦା ମହାନ୍ତି**

ସଂବାଳୁଆରୁ ପ୍ରଜାପତି ହେଲା ପରେ
ତୋ ଅତୀତ ଇତି ହୋଇଯାଇଛି
କଇଁଛ ଠେକୁଆ ଦୌଡ଼
ପ୍ରତିଯୋଗିତାରେ
ମୁଁ ନୀରବ ଦର୍ଶକ ସାଜିଛି ।

ଅଣ୍ଡା ଖୋଳରୁ ପଦାକୁ ଶାବକ
ଆସିବା ପରେ
ନିଜ ଠିକଣା ଭୁଲିଛି
ବାୟା ଚଢ଼େଇ ବସା ଦୋହଲାଇ
ପବନ ବାତ୍ୟା ରୂପ
ନେଇସାରିଛି
ସମୁଦ୍ର ଢ଼େଉସବୁ ଫେରିଗଲା ପରେ
ବାଲୁକା ଶିଳ୍ପ କହାକୁ ଖୋଜୁଛି ।

ସବାରୀରେ ଝିଅ
ଶାଶୁ ଘରକୁ ଗଲାପରେ
ଅନାମିକା ନବବଧୂ ସାଜିଛି
ଝିଅ ଥିଲି ହେଲି ବୋହୁ
ଦୁଇକୁଳର ହିତା
କିଏ ପିଠିରେ ପଡୁଛି
ତୁ ଏଠୁ ଯିବା ପରେ
ମଳୟ ବସନ୍ତ ଫଗୁଣ
ନିଆରା ନିଆରା ଲାଗୁଛି

ତୋ ସହର ତତେ ବଡ
ମୋ ସହର ମତେ
ମୋ ସହ ତୋର ଆଉ କଣ ଅଛି ?

ତଥାପି ଏ ମାୟା ମୋହ
ଆକୁଳ ଓ ବ୍ୟାକୁଳତା
ହୃଦୟରେ ମୁଣ୍ଡ
କୋଡି କଚାଡି ମାରୁଛି
ତୁ ମୁଁ ସେ ଓ ସେମାନେ ଜାଣନ୍ତି
ଘଡ଼ିଏ ବଞ୍ଚିବା ନିଶା
ମତେ ଓ ତତେ ଡୋରି ଲଗାଇଛି ।


ସାକ୍ଷୀଗୋପାଳ, ପୁରୀ
୭୦୦୮୯୪୨୨୧୫







ଧ୍ୱନି ପ୍ରତିଧ୍ୱନି
ଆମ କୁନାକୁନିଙ୍କ ଆପଣା ପୃଥିବୀ ୫ | ଶନିବାର, ୨୯ ଅକ୍ଟୋବର ୨୦୨୨

# ମିନା ଅପାଙ୍କ ରାମାୟଣ ଟୁଙ୍ଗି (୬୦)

## ହନୁମାନଙ୍କ ସମୁଦ୍ର ଲଙ୍ଘନ ଲାଗି ପ୍ରତିଜ୍ଞା



କାର୍ତ୍ତିକ ସାହୁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

"ରାମାୟଣର କିଷ୍କିନ୍ଧ୍ୟା କାଣ୍ଡରେ କୁକ୍କଟ ପକ୍ଷୀକୁ ନେଇ ଏକ ସୁନ୍ଦର ଉପାଖ୍ୟାନ ଅଛି । ସେ କଥା ଆଗ ଶୁଣ ।"

ମିନା ଅପା ରାମାୟଣ କଥା ଆରମ୍ଭ କଲେ ।

ସୀତାଙ୍କ ବିରହରେ ରାମ ଦୁଃଖୀ ହୋଇ ବଣ ଜଙ୍ଗଲରେ ବୁଲୁଥାନ୍ତି । ସେ ଅତ୍ୟନ୍ତ ଭାବ ବିହ୍ୱଳ ହୋଇ ପଶୁ, ପକ୍ଷୀ ଓ ବୃକ୍ଷଲତାଙ୍କୁ ସୀତାଙ୍କ ଖବର ପଚାରୁଥାନ୍ତି । ତାଙ୍କର ବିଶ୍ୱାସ ଥିଲା ଯେ ସେ କାହାଠାରୁ ତ ସୀତାଙ୍କ ଖବର ପାଇବେ । ଏକ ବକ ପକ୍ଷୀଠାରୁ ସୀତାଙ୍କ ଖବର ପାଇ ସେ ତାଙ୍କୁ ବରଦାନ ଦେଇଥିଲେ । ସେହିପରି ତାଙ୍କ ସାମ୍ନାକୁ ଆସିଥିଲା ଏକ କୁକ୍କୁଟ ପକ୍ଷୀ ।

କୁକ୍କୁଟ ପକ୍ଷୀଟି ଶ୍ରୀରାମଙ୍କୁ କହିଥିଲା କି ସେ ମା' ସୀତାଙ୍କ ରୋଦନ କରିବାର ଶୁଣିଛି । ଏ କଥା ବି ଶୁଣିଛି ଯେ ତାଙ୍କୁ ଲଙ୍କାର ରାଜା ରାକ୍ଷସ ରାବଣ ଅପହରଣ କରିନେଇଛି । ମା' ସୀତା ତାଙ୍କ ବାର୍ତ୍ତା ଆପଣଙ୍କ ପାଖରେ ପହଂଚାଇବାକୁ କହିଛନ୍ତି । ଆପଣଙ୍କ ସହିତ ଦେଖା ହୋଇଗଲା । ଆପଣ ଶୀଘ୍ର ଲଙ୍କାକୁ ଯାଇ ମାତା ସୀତାଙ୍କୁ ଉଦ୍ଧାର କରନ୍ତୁ ।

କୁକ୍କୁଟ ପକ୍ଷୀର କଥାରେ ରାମ ବ୍ୟାକୁଳ ହୋଇ ଉଠିଲେ । ପରେ ଶାନ୍ତ ହୋଇ ସେ ପକ୍ଷୀକୁ ଧନ୍ୟବାଦ ଦେଲେ ଓ ଖୁସିହୋଇ ପକ୍ଷୀ ଓ ତାର ବଂଶଧରମାନଙ୍କ ମସ୍ତକରେ ମୁକୁଟ ରହିବା ବର ପ୍ରଦାନ କଲେ । କୁକ୍କୁଟ ପକ୍ଷୀଙ୍କୁ ରାମ ପକ୍ଷୀ ବୋଲି କୁହାଯାଏ ।

ଲକ୍ଷ୍ମଣ ଶ୍ରୀରାମଙ୍କ ବାର୍ତ୍ତା ସୁଗ୍ରୀବଙ୍କୁ ଦେଇ ସାରିଥିଲେ ଓ ତାଙ୍କୁ ସତର୍କ କରାଇ ଦେଇଥିଲେ । ଲକ୍ଷ୍ମଣଙ୍କ ଚେତାବନୀରେ ସୁଗ୍ରୀବ ତତ୍ପର ହୋଇ ଉଠିଥିଲେ ଓ ତାଙ୍କ କପି ସେନାଙ୍କୁ ଧରି ରାମଙ୍କ ପାଖକୁ ଆସିଥିଲେ ।

ବିଭିନ୍ନ ଦିଗକୁ କପି ସେନାଙ୍କୁ ପଠାଇବା ଯୋଜନା କଲେ ସୁଗ୍ରୀବ । ସେ ତାଙ୍କର ବଛା ବଛା ବଳଶାଳୀ ସେନାପତିମାନଙ୍କୁ ସେନାର ନେତୃତ୍ୱ ଦେବାକୁ କହିଥିଲେ ।

ସୁଗ୍ରୀବ ତାଙ୍କ ସେନାପତି ବନିତାଙ୍କୁ ପୂର୍ବ ଦିଗକୁ ନିଜ କପିସେନାଙ୍କୁ ନେଇ ଯିବାକୁ ଆଦେଶ ଦେଲେ । ସେ ବନିତାଙ୍କ ବୁଦ୍ଧି ଓ ବଳ ଜାଣିଥିଲେ । ବନିତା ମଧ୍ୟ ବିଭିନ୍ନ ନୀତିଶାସ୍ତ୍ର ଓ ତତ୍ତ୍ୱରେ ପାରଙ୍ଗମ ଥିଲେ । ସୁଗ୍ରୀବଙ୍କ ଆଦେଶ ପାଇ ବନିତା ସଂଗେ ସଂଗେ କପି ସେନାବାହିନୀ ନେଇ ପୂର୍ବ ଦିଗରେ ଯାତ୍ରା ଆରମ୍ଭ କଲେ ।

ସୁଗ୍ରୀବ ପୁତ୍ର ପ୍ରତିମ ଯୁବରାଜ ଅଙ୍ଗଦଙ୍କ ଆଡ଼େ ଅନେଇଲେ । ବାଳିପୁତ୍ର ଅଙ୍ଗଦ ବେଶ ବଳଶାଳୀ ଓ ବୁଦ୍ଧିମାନ ଥିଲେ । ସୁଗ୍ରୀମ ଅଙ୍ଗଦଙ୍କୁ ଦକ୍ଷିଣ ଦିଗରେ ଯାତ୍ରାର ଆରମ୍ଭ କରିବାକୁ କହିଲେ । ତାଙ୍କ ସାଂଗରେ ଅଭିଜ୍ଞ କପି ବୀର ଜାମ୍ବବାନ, ନଳ, ନୀଳ, ଗବାକ୍ଷ ଓ ଗବୟ ଓ ଅନ୍ୟମାନଙ୍କୁ ଯିବାକୁ ଆଦେଶ ଦେଲେ ।

ବରିଷ୍ଠ ସେନାଧ୍ୟକ୍ଷ, ଜ୍ଞାନୀ ଓ ବୁଦ୍ଧିମାନ ସୁଷେଣଙ୍କୁ ପଶ୍ଚିମ ଦିଗକୁ ପଠାଇଲେ ସୁଗ୍ରୀବ । ବଳବାନ ମରୀଚ ବାନରଙ୍କୁ ମଧ୍ୟ ସୁଷେଣଙ୍କ ସାଂଗରେ ଯିବାକୁ ଆଦେଶ ଦେଲେ ।

ଆଉ ଗୋଟିଏ ଦିଗ ରହିଲା । ଶତବାଳୀ ନାମକ ଏକ ବାନରଙ୍କୁ ଡାକି ସୁଗ୍ରୀବ ତାଙ୍କୁ ଉତ୍ତର ଦିଗକୁ ଯିବାକୁ କହିଲେ ।

ବିଭିନ୍ନ ଦିଗକୁ ଯାଉଥିବା ବୀରମାନ ଶ୍ରୀରାମଙ୍କୁ ପ୍ରଣାମ କରି ନିଜ ନିଜ କପି ସେନାଙ୍କୁ ନେଇ ପ୍ରସ୍ଥାନ କଲେ ।

ଶେଷକୁ ସୁଗ୍ରୀବ ବୀର ହନୁମାନଙ୍କ ଆଡ଼େ ଚାହିଁଲେ । ସେ ଜାଣିଥିଲେ ହନୁମାନ ସବୁ ଦିଗରେ ଓ ସବୁ ଯାଗାକୁ ଯାଇପାରିବେ । ପୃଥିବୀ, ଆକାଶ ଓ ପାତାଳର ଯେ କୌଣସି ଯାଗାକୁ ଯାଇପାରିବେ ହନୁମାନ । ସେଥିଲାଗି ତାଙ୍କୁ ଶ୍ରୀରାମଙ୍କ ବିଶେଷ ଦୂତ କରି ମାତା ସୀତାଙ୍କୁ ଠାବ କରିବାକୁ ସୁଗ୍ରୀବ ଅନୁରୋଧ କଲେ ।

ଶ୍ରୀରାମଙ୍କ ମନରେ ଏ କଥା ଉଦ୍ରେକ ହେଲା ଯେ ବୀର ହନୁମାନ ସୀତାଙ୍କୁ ଠାବ କରିବେ । ସେଥିଲାଗି ସେ ହନୁମାନଙ୍କୁ ନିଜ ହସ୍ତର ମୁଦ୍ରିକା ପ୍ରଦାନ କଲେ ଓ କହିଲେ- "ଏହି ମୁଦ୍ରିକାକୁ ସୀତା ଚିହ୍ନିପାରିବେ ଓ ତୁମକୁ ବାର୍ତ୍ତା ଦେବେ ।"

ଶ୍ରୀରାମଙ୍କ ଆଶୀର୍ବାଦ ପାଇ ହନୁମାନ ମାତା ସୀତାଙ୍କୁ ଠାବ କରିବାକୁ ବାହାରିଗଲେ ।

ଅନେକ ଦିନ ବିତିଗଲା । ମାତା ସୀତାଙ୍କୁ କେହି ଠାବ କରିପାରିଲେନି । ହନୁମାନ ମଧ୍ୟ ଭାରତଖଣ୍ଡ ଓ ଅନ୍ୟ ଜାଗା ଗଲେ ।

ସମୁଦ୍ର ମଧ୍ୟରେ ଥିବା ଏକ ଦ୍ୱୀପ ହିଁ ବାକିଥିଲା । ବାନର ସେନା ସମୁଦ୍ର ଲଂଘିବାକୁ ସକ୍ଷମ ନଥିଲେ । ଜାମ୍ବବାନ ହନୁମାନଙ୍କୁ ଚାହିଁଲେ ଓ କହିଲେ- ଏହି ଶୁଭକାର୍ଯ୍ୟ ତୁମେ ହିଁ କରିପାରିବ ।

ହନୁମାନ ଶ୍ରୀରାମଙ୍କୁ ସ୍ମରଣ କଲେ ଓ ସମୁଦ୍ର ସେପାରିକୁ ଯାଇ ମାତା ସୀତାଙ୍କୁ ଠାବ କରିବାକୁ ପ୍ରତିଜ୍ଞା କଲେ । ପିଲାମାନେ, କିଷ୍କିନ୍ଧ୍ୟା କାଣ୍ଡ ଏଇଠି ସରିଲା । ଆଜି ପାଇଁ ରାମାୟଣ କଥା ଏଇଠି ରହିଲା ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

# ସୁନେଲୀ ଫୁଲ ଓ ପିମ୍ପୁଡି ରାଣୀ



ନଗେନ୍ଦ୍ର ନାଥ ପଟ୍ଟନାୟକ



ରାଜୁହାତୀ ଥରେ ଶ୍ୟାମଘନ ଜଙ୍ଗଲରେ ଜୀବଜନ୍ତୁଙ୍କ ପାଇଁ ଏକ ମଜାଳିଆ ପ୍ରତିଯୋଗିତାର ଆୟୋଜନ କଲା । ଦୂର ଜଙ୍ଗଲରେ ଏକ ସୁନେଲି ରଙ୍ଗର ଫୁଲ ଫୁଟୁଥାଏ । ଫୁଲଟି ଖୁବ୍ ସୁନ୍ଦର ଓ ଚମତ୍କାର ଦିଶୁଥିଲା ।

ରାଜୁହାତୀ ସବୁ ପ୍ରତିଯୋଗୀଙ୍କୁ ପ୍ରତିଯୋଗିତାର ନିୟମକାନୁନ ବତେଇଲା । ଭୂଇଁରେ ଲମ୍ବା ଗାରଟିଏ ଟାଣିଦେଇ କହିଲା -ତୁମେମାନେ ସମସ୍ତେ ଏଇ ନିର୍ଦ୍ଦିଷ୍ଟ ଲାଇନରେ ରହି ସିଧା ସେଇ ସୁନେଲି ଫୁଲ ଆଡେ ଦୌଡିବ । ଯେ ସେଇ ଫୁଲର ମହକକୁ ନେଇ ସବା ଆଗ ଆସିବ ତାକୁ ପ୍ରତିଯୋଗିତାରେ ବିଜେତା ବୋଲି ସର୍ବ ସାଧାରଣରେ ଘୋଷଣା କରାଯିବ ।

ହରିଣ, ଠେକୁଆ କୋକୀ ଶିଆଳୀ ହେରିକା ଜୀବଜନ୍ତୁ ପ୍ରତି ଯୋଗିତାରେ ନିଜର ନାମ ଲେଖାଇଲେ । ପ୍ରତିଯୋଗିତା ପାଇଁ ସଭିଏଁ ଗୋଟିଏ ଜାଗାରେ ରୁଣ୍ଡହେଲେ । ସେତିକିବେଳେ ଏ ପ୍ରତିଯୋଗିତାରେ ପିମ୍ପୁଟିଟିଏ ବି ନିଜ ନାମ ଲେଖାଇବା ଲାଗି ଆସିଲା । ପିମ୍ପୁଡିକୁ ଦେଖି ପଶୁମାନେ ଠୋ ଠୋ ହେଇ ହସିବାକୁ ଲାଗିଲା । ସେମାନେ ପିମ୍ପୁଡିକୁ କହିଲେ -ପିମ୍ପୁଡି ରାଣୀ, ତୁ କଣ ପ୍ରତି ଯୋଗିତାରେ ଭାଗନେବୁ । ଆମର ଗୋଟିଏ ପଦପାତ ତୋର ହଜାର ପଦପାତ ସହ ସମାନ । ପିମ୍ପୁଡି ଉଦାସ ମୁହଁରେ କହିଲା -ମାନୁଚି ମୁଁ ଗୋଟେ ଛୋଟିଆ ଜୀବ, ମୁଁ କଅଣ କରିବି ଯେ ! ଏଥିରେ ମୋ ଦୋଷ କୋଉଠି ? ହାତୀଭାଇ -ତୁମେ କହିଲ, ଛୋଟିଆଟେ ହୋଇଥିବାରୁ ମୁଁ କଅଣ ପ୍ରତିଯୋଗିତାରୁ ବାହାରିଯିବି ?

ରାଜୁହାତୀ କହିଲା -ନାଇଁ. . .ନାଇଁ ପିମ୍ପୁଡି ରାଣୀ, ବିଲକୁଲ ନୁହେଁ । ତୁ ଅଲବତ୍ ପ୍ରତିଯୋଗିତାର ଅଂଶଗ୍ରହଣ କରିବୁ । କାରଣ ପ୍ରତିଟି ପ୍ରତିଯୋଗିତରେ ହାରଜିତ୍ ରହିଛି । ଏଥିରେ ଅଧିକ ପ୍ରତିଯୋଗୀ ଯୋଗଦେଲେ ପ୍ରତି ଯୋଗିତାର ମହତ୍ୱ ବଢେ । ଏଡେ ବକଟେ ସିନା ହେଲେ କମଜୋର ତ ନୁହଁ ।

ରାଜୁହାତୀ ଶାଗୁଆ ରଙ୍ଗର ପତକା ଦେଖାଇ ଦୌଡ ପ୍ରତିଯୋଗିତା ଆରମ୍ଭ କଲା । ଜୀବଜନ୍ତୁ ସବୁ ଖୁବ୍ ଜୋରରେ ଦୌଡିବାକୁ ଲାଗିଲେ । ସମସ୍ତେ ବେଗାବେଗି ସେଇ ସୁନେଲୀ ଫୁଲର ମହକକୁ ନେଇ ଫେରି ଆସିବାକୁ ହାଇଁପାଇଁ ହେଉଥିଲେ । ଏ ଭିତରେ ସେ ପ୍ରତିଯୋଗିତା ବାବଦରେ ଶେରସିଂହ କାନକୁ ଖବର ଗଲା । ତେଣୁ ସେଇ ରାସ୍ତାକୁ ସେ ଆଗେ ଘେରିରହିଲା । ଶେରସିଂହକୁ ଦେଖି ସବୁ ଜୀବଜନ୍ତୁ ଡରରେ ଛାନିଆଁ ହେଇ ଜୀବନ ବିକଳରେ ଇଆଡେ ସିଆଡେ ପଳେଇଗଲେ । ଯେନତେନ ପ୍ରକାରେ ସମସ୍ତେ ଯେଝା ଯେଝାର ଜୀବନ ବଂଚାଇଲେ ।

ଫେରିଆସି ଜୀଜବନ୍ତୁମାନେ ରାଜୁ ହାତୀକୁ ସବୁକଥା ବଖାଣିଲେ । ରାଜୁ ହାତୀ ପ୍ରତିଯୋଗିତା ପୂରା ନ ହେବାରୁ ମୁହଁ ଶୁଖାଇଲା । କହିଲା -ଏ ପ୍ରତିଯୋଗିତା ବେକାର ହୋଇଗଲା । କାହାକୁ ବି ପୁରସ୍କାର ଓ ଟ୍ରଫି ମିଳିପାରିଲା ନାହିଁ ।

ସେଠି ସଭିଏଁ ମୁହଁ ଫୁଲେଇ ବସିଥିବା ବେଳେ ପିମ୍ପୁଡି ରାଣୀ ଦୂରରୁ ଆସୁଥିବାର ଦେଖିଲେ । ହାଉଲେ ହାଉଲେ ଆସୁଥିବା ପିମ୍ପୁଡି ରାଣୀର ମୁହଁରେ ମୁଚୁକା ମୁଚୁକା ହସ ଉକୁଟି ଆସୁଥିଲା । ପିମ୍ପୁଡିରାଣୀ ଯେତେବେଳେ ସେମାନଙ୍କ ପାଖକୁ ଆସିଲା ତା ଖୁସିର ରହସ୍ୟ କଣ ସେମାନେ ଜାଣିବାକୁ ଚାହିଁଲେ । ପିମ୍ପୁଡି ଖୁସିରେ ଗଦଗଦ ହେଇ କହିଲା -ହାତୀଭାଇ, ମୁଁ ପ୍ରତିଯୋଗିତାରେ ପୂରାପୂରି ଅଂଶଗ୍ରହଣ କଲି, କିନ୍ତୁ ସବା ଶେଷରେ ଆସିଲି । ବୋଧହୁଏ ସବୁ ପଶୁ ମୋଠୁ ବହୁ ଆଗରୁ ସେ ସୁନେଲୀ ଫୁଲର ମହକକୁ ଘେନି ଆସିଛନ୍ତି । ହେଲେ ଏତିରେ ମୋର ତିଳେମାତ୍ର ଦୁଃଖ ନାଇଁ । କାରଣ ମୁଁ ପ୍ରତିଯୋଗିତାରେ ଆରମ୍ଭରୁ ଶେଷ ଯାଏ ଭାଗନେଲି ।

ରାଜୁହାତୀ ପିମ୍ପୁଡି କଥା ଶୁଣି ଖୁସିରେ କୁରୁଳି ଉଠିଲା । କହିଲା -ହେ ମୋର ସ୍ନେହୀ ପିମ୍ପୁଡିରାଣୀ, ତୁ ପଛରେ ଆସିନୁ, ବରଂ ତୁ ଆଜିର ବିଜେତା । ସବୁ ଜୀବଜନ୍ତୁ ଶେରସିଂହ ଭୟରେ ଜଡସଡ ହେଇ ଲେଉଟି ଆସିଲେ । କିନ୍ତୁ ତୁ ପ୍ରତିଯୋଗିତାକୁ ପୂରାକଲୁ । ସେଥିପାଇଁ ତୁ ଆଜିର ବିଜେତା । ଉପସ୍ଥିତ ସବୁ ଜୀବଜନ୍ତୁ ଏକାସ୍ୱରରେ କହିଲେ ଆମେ କେମିତି ବିଶ୍ୱାସ କରିବୁ ଯେ ପିମ୍ପୁଡି ରାଣୀ ସୁନେଲୀ ଫୁଲର ମହକ ନେଇ ଆସିଛି ? ଏମତି କରିଥିବା ତ କେହି ଆଖିରେ ଦେଖିନାହାନ୍ତି । ଏଣୁ ସେ ମିଛ କହିପାରେ । ସେତିକିବେଳେ ରାଜୁହାତୀ କହିଲା -ନାଇଁ, ପିମ୍ପୁଡୀ ସତକଥା କହିଚି । କାରଣ ସୁନେଲୀ ଫୁଲର ମହକ ଯେ ବି ନିଏ ସେଇ ମହକ ତା ପାଖରୁ ବି ଆସୁଥାଏ । ମୁଁ ସେଇ ମହକକୁ ବେଶ୍ ଭଲ ଭାବରେ ଚିହ୍ନିଚି । ଏଥର ସବୁ ଜୀବଜନ୍ତୁ ପିମ୍ପୁଡି ପାଖକୁ ଯାଇ ସେଇ ମହକକୁ ଅନୁଭବ କରିପାରିଲେ । ଛୋଟିଆ ପିମ୍ପୁଡି ରାଣୀକୁ ଘନଘନ ତାଳିମାଡ ଶବ୍ଦରେ ବିଜେତା ରୂପେ ଘୋଷଣା କରାଯାଇ ଟ୍ରଫି ପ୍ରଦାନ କରାଗଲା । ବକଟେ ପାଇଁ ନିଜେ ଗର୍ବରେ ଫୁଲିଉଠିଲା ପିମ୍ପୁଡିରାଣୀ । କାରଣ ଏଇ ଛୋଟିଆ ହେବା କାରଣରୁ ସେ ଆଜି ହିଂସ୍ର ଶେରସିଂହ ଦାଉରୁ ନିଜକୁ ରକ୍ଷା କରିପାରିଲା ।

+ଓସ୍କାର ସିଟି, ପ୍ଲଟ ନଂ-୪୫୪,
ଲେନ ନଂ-୯
ଲକ୍ଷ୍ମୀସାଗର, କେନାଲ ରୋଡ
ଭୁବନେଶ୍ୱର
ମୋ -୯୪୩୮୩୩୨୧୩୮

# ଅନିଲର ଗୁପ୍ତକଥା

ଶୁଭନାରାୟଣ ଶତପଥୀ





ବାତ୍ୟା ହେବବୋଲି ଖବର ଯେତେଜୋରରେ ପ୍ରସାର ହେଉଥାଏ, ଅନିଲର ମାଆ ଶୁଖିଲାଖାଦ୍ୟ ଓ ଜିନିଷ ଯଥା; ବିସ୍କୁଟ, ଚୂଡା, ମୁଢି, ଗୁଡ, ଟର୍ଚ୍ଚ, ରେଡିଓ, ଲାଇଟ, ଟ୍ୟୁବ ଇତ୍ୟାଦିକୁ ଜରୁରୀ ବ୍ୟବହାର ପାଇଁ ସାଇତି ରଖୁଥାନ୍ତି । ପ୍ରତିଟି ବାତ୍ୟା ପୂର୍ବରୁ ଅନିଲର ମାଆ ଏକାମ କରିଥାନ୍ତି । ଅନିଲ ଏକାମରେ ତାର ମାଆଙ୍କୁ ସାହାଯ୍ୟ କରେ । ଏଥର ଏସବୁ ଜିନିଷ ସଜାଡିରଖୁଥିବା ସମୟରେ ଅନିଲ ତାର ମାଆଙ୍କୁ ସାହାଯ୍ୟ କରିବାବେଳେ ସବୁ ଖାଦ୍ୟରୁ କିଛିକିଛି ଅନ୍ୟ ଏକ ପାତ୍ରରେ କାଢି ରଖୁଥିଲା । ମାଆ ପଚାରିଲେ, ଅନିଲ ତୁ ଏସବୁ କଣ କରୁଛୁ ? ଅନିଲ କହିଲା ଏହା ମୋର ଗୁପ୍ତ କଥା । ପରେ ଜାଣିବ ।

ତେବେ ଏଥରର ବାତ୍ୟାରେ ଭୀଷଣ ବର୍ଷା ସହିତ ପବନରେ ଗଛପତ୍ର ଭାଙ୍ଗି ପଡୁଥାଏ । ଚାଳଛପର ଉଡି ଯାଉଥାଏ । ବାହାରକୁ ବାହାରି ହେଉନଥାଏ । ସୁରକ୍ଷିତ ଘରେ, ଉଚ୍ଚସ୍ଥାନରେ ରହିଥାନ୍ତି ସମସ୍ତେ । ପ୍ରଥମେ ରୋଷେଇ କରି ଖାଉଥିଲେ । କିନ୍ତୁ ଏସବୁ ସରିଯିବାପରେ ଏବେ ସୁଖିଲାଖାଦ୍ୟ ଭରସା । ସୁଖିଲା ଖାଦ୍ୟଖାଇ ସମୟ କାଟିଲେ ଅନିଲ ଓ ତାଙ୍କ ପରିବାରଲୋକେ । ଏହାପରେ ବାତ୍ୟାର ପ୍ରଭାବ ଧିରେଧିରେ କମିବାକୁ ଲାଗିଲା । ପବନ, ବର୍ଷା ଥମିଗଲା ପରେ ଅନିଲ ତାର ଖାଦ୍ୟପୁଡାକୁ ଧରି ବାହାରକୁ ଆସିଲା । ଘରର ପଛପାଖ ଗେଟ ଖୋଲିଲା । ପୁଡିଆରୁ କିଛି ସୁଖିଲା ଖାଦ୍ୟ ବାହାର କଲା ଓ ପତ୍ରପକାଇ ତାଉପରେ ଅଲଗାଅଲଗା ସ୍ଥାନରେ ରଖିଲା । ଅନିଲର ମାଆ ଏହା ଦେଖୁଥାନ୍ତି କିନ୍ତୁ କିଛି ବୁଝିପାରୁନଥାନ୍ତି । ସେ ମନେମନେ ଭାବୁଥିଲେ, ଅନିଲ ନିଶ୍ଚୟ କିଛି ଭଲକାମ କରୁଥିବ । କାରଣ ପୁଅ ଉପରେ ତାଙ୍କର ଏହି ଭରସା ଥିଲା । ଗଛ ଉପରେ ବସିଥିବା ଚଢେଇ, ମାଙ୍କଡ ଆଦି ଭୋକିଲା ଥିବା ପ୍ରାଣୀମାନେ କିଛିସମୟପରେ ଆସି ପତ୍ରଉପରେ ଥିବା ଖାଦ୍ୟଗୁଡିକ ଖାଇଲେ । କୁକୁର, ନେଉଳ, ବିଲେଇ ବି ଆସିଲେ । ଅନିଲ କହିଲା ମାଆ ଗଲାବର୍ଷ ବାତ୍ୟା ପରେ ମୁଁ ଏହି ପ୍ରଣୀମାନଙ୍କୁ ଭୋକିଲା ଦେଖିଥିଲି । ମୋ ପାଖରେ କିଛି ଖାଦ୍ୟନଥିବାରୁ ମୁଁ ଏମାନଙ୍କୁ ଖାଇବାକୁ ଦେଇପାରିନଥିଲି । ଅନିଲର ମାଆ କହିଲେ ତୁ ଆମମାନଙ୍କର ମଧ୍ୟ ଆଖି ଖୋଲିଦେଇଛୁରେ ପୁଅ । ବାତ୍ୟା ଖବର ଶୁଣି ଆମେମାନେ ନିଜ ଖାଦ୍ୟ ଯୋଗାଡରେ ବ୍ୟସ୍ତ ରହୁ କିନ୍ତୁ ଏହି ପ୍ରଣୀମାନଙ୍କ କଥା ଭୁଲିଯାଇଥାଉ । ଏହା ଠିକ ନୁହେଁ । ତେବେ ମୁଁ ବି ଏମାନଙ୍କ ପାଇଁ ଖାଦ୍ୟ ସାଇତି ରଖିବି । ଶୁଖିଲା ଖଦ୍ୟ ଖାଇସାରି ଗୋଟିଏ ଚଢେଇ ଉଡିଆସି ଅନିଲର ମୁଣ୍ଡ ଉପରେ ବସିପଡିଲା । କିଚିରିମିଚିରି ହୋଇ ଚାଲିଗଲା । ବିଲେଇଟିଏ ଅନିଲର ଗୋଡ ପାଖରେ ନସରପସର ହେଉଥିଲା । ଅନିଲ ତାର ମାଆଙ୍କ ମୁହଁକୁ ଚାହିଁଲା । ମାଆକହିଲେ ପୁଅରେ ସେମାନେ ବି ବୁଝିପାରନ୍ତି । ଏଣୁ ବୋଧହୁଏ ତୋତେ ଧନ୍ୟବାଦ ଜଣାଇବାକୁ ଆସିଥିଲେ । ଏଇଦେଖୁନୁ ଗେଟବାହାରେ ମାଙ୍କଡ, କୁକୁର ସବୁ କେମିତି ତୋତେ ଚାହିଁ ରହିଛନ୍ତି । ଅନିଲ ହସିଦେଲା ଓ କହିଲା ଏ ଖାଦ୍ୟ ପୁଣି ଉପରବେଳାକୁ । ସେମାନେ ଚାଲିଗଲେ । ପଡୋଶୀ ଲୋକେ ଦେଖୁଥିଲେ ଓ ପ୍ରଶଂସା କରୁଥିଲେ ଅନିଲର କାର୍ଯ୍ୟକୁ ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ-୯୪୩୮୪୩୨୦୨୩

କବିତା
ତୁମ ପାଇଁ

## ବୁଲ୍ ବୁଲ୍

ଧ୍ରୁବ ଚରଣ ବେହେରା

ବୁଲ୍ ବୁଲ୍ ପକ୍ଷୀ ଭାରି ସୁନ୍ଦର
ଦେଖିବାକୁ ଫିକା ରଙ୍ଗ ତାହାର ।

କଳା ମୁଣ୍ଡ ତା'ର ଲାଂଜ ଛୋଟିଆ
ନାଲି ରଙ୍ଗ ଚେନେ ଲାଗେ ବଢିଆ ।

ଟିକି ଆଖି ତାର ଦିଶେ କାଳିଆ
ନିରୀହ ଜୀବ ସେ ନୁହେଁ କଳିଆ ।

ଘାସ ଖୋଜି ଆଣି ଗଢଇ ନୀଡ
ଆସୁ ପଛେ ବାଆ ବରଷା ଝଡ ।

ଆହର ଖୋଜିକି ଉଡୁ ସେ ଥାଇ
ଗଛ ବୁଦା ମାଳେ ଲୁଚି ବସଇ ।

ପାଚିଲା କଦଳୀ ଜଦି ମିଳଇ
ଆନନ୍ଦେ ବସିକି ଖୁମ୍ପି ଖାଆଇ ।

ବସିବୁକି ମିତ ମୋହରି ତୁଲେ
କ୍ଷୀର ଭାତ ଦେବି ସାଙ୍ଗ ହୋଇଲେ ।

ବାପାଙ୍କ ସାଥିରେ ଯିବୁ ବଜାର
ଦେଖିବୁ ଜିନିଷ ଲୋକ ହଜାର ।

ନାହିଁ ନାହିଁ କୁନା ଜମା କହନା
ମୁକ୍ତ ବିହଙ୍ଗ ମୁଁ ଯିବିନି ଜମା ।

ଏ ବଣ ଜଙ୍ଗଲ ଘର ଆମର
ଲାଗଇ ପ୍ରକୃତି ସରଗ ପୁର ।

ଦେଖୁଥା ଦୂରୁ ତୁ ଆମକୁ ହସି
ବାରଣ୍ଡା ବଗିଚା ଛାଇରେ ବସି ।

ଟିକି ଜୀବ ଆମେ ବିଭୁର ଦାନ
ରହିଥାଉ ତୋର ଏ ଭାବ ପଣ ।

ଆମେ ଦୁହେଁ ପଛେ ଅଲଗା ସିନା
ପିଲା ଦିନ ସାଥି ଲାଗଇ ସୁନା ।

ପ୍ରକୃତି ସୁନ୍ଦର ଦୟା କ୍ଷମାରେ
ଶାନ୍ତି ମୈତ୍ରୀ ଭାବ ଥାଉ ହୃଦରେ ।

କୁନା ଚଢେଇର ଟିକି କାହାଣୀ
ପଢିଲେ ଜାଣିବ ମନର ବାଣୀ ।

ଭାରତୀୟ ସାମରିକ ସେବା
+ଅଠରବାଟିଆ,ବାଲୁଗାଁ , ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪





## ନିଅରେ ଶୀତ ମଜା

ନୀଳମଣି ଚାନ୍ଦ

ପିଲାଙ୍କୁ ଡାକି କହିଲେ ଅଜା
ନେବ ନା ନାହିଁ ଶୀତର ମଜା
ହଁ କହୁଛି ଯିଏ
ମୋ ସାଙ୍ଗେ ଆସୁ ସିଏ ।

ସକାଳେ ଗଲେ ପଡ଼ିଆ ବୁଲି
ଘାସରେ ଥିଲା କାକର ଝୁଲି
କହିଲେ ମୁକ୍ତା ଇଏ
ନେବରେ କୁହ କିଏ ।

ତାପରେ ଗଲେ ନଈ ପଠାକୁ
ଅଜା କହିଲେ ଜିତୁ,ଜଟାକୁ
ଦେଖ ପରିବା କେତେ
ପାରୁଛ ତୋଳ ଯେତେ ।

ଗେଣ୍ଡୁ, ରଙ୍ଗଣି କେତେ ଯେ ଫୁଲ
କହିଲେ କିଏ ହେବ ତା' ତୁଲ
ବାସଇ ମହମହ
ତା ପାଖେ ଟିକେ ରହ ।

ପିଲାଙ୍କୁ ଡାକି ଘରକୁ ନେଲେ
କହିଲେ କାଞ୍ଜି ପିଅରେ ପିଲେ
ସୁପ୍ ସିନା ପିଅ
ହେଲେ ୟା ମଜା ନିଅ ।

ଶୀତ ଋତୁରେ ରାତିଟା ବଡ଼
ସମୟ ମିଳେ ଅଧିକ ପଢ଼
ପାଇବ ପରେ ମଜା
କହିଲେ ହସି ଅଜା ।

+୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯
ମୋ-୯୫୮୩୨୦୨୩୫୭

# ଏବିଭିପି ଓ ସମ୍ପର୍କର ମିଳିତ ଆନୁକୁଲ୍ୟରେ ରକ୍ତଦାନ ଶିବିର

ଭୁବନେଶ୍ୱର ,୨୮/୧୦ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓ ପୁରୀ ସହର ର ଅଗ୍ରଣୀ ସେବା ସଂଗଠନ ସମ୍ପର୍କର ମିଳିତ ଅନୁକୂଲ୍ୟରେ ଏକ ରକ୍ତଦାନ ଶିବିର ସ୍ଥାନୀୟ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀ ବିହାର ରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଜଗନ୍ନାଥ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ପ୍ରଦୀପ ପ୍ରଜ୍ଜଳନ କରି ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ନେହେରୁ ଯୁବ କେନ୍ଦ୍ର ର ଜିଲା ଯୁବ ଅଧିକାରୀ ଜୟ ଶଙ୍କର ଯୋଶୀ ଉପସ୍ଥିତ ଥିଲେ । ଏହାପରେ ଉକ୍ତ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀ ମାନେ ରକ୍ତ ଦାନ କରିଥିଲେ । ଓଡ଼ିଶା ସରକାରଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବ୍ଲଡ଼ବ୍ୟାଙ୍କ ର ଅଧିକାରୀ ଡଃ ଦିପକ କୁମାର ସାହୁ, ମନୋରଞ୍ଜନ ଭୋଇ, ବିରଂଚି ନାରାୟଣ ବିଶ୍ୱାଳ, ଅମିତ୍ ପାଢ଼ୀ, ଅରୁଣ ମହାନ୍ତିଙ୍କ ସହାୟତା ଏହି ରକ୍ତଦାନ ଶିବିର ସଫଳ ଭାବରେ ଅନୁଷ୍ଠିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମଟି ସମ୍ପର୍କର ସଭାପତି ତଥା ଏବିଭିପିର ପ୍ରାନ୍ତ କୋଷାଧ୍ୟକ୍ଷ ସୌମେନ୍ଦ୍ର ଦାସ ଓ ସେବାର୍ଥେ ବିଦ୍ୟାର୍ଥୀ ର ଜିଲା ସଂଯୋଜକ କୃଷ୍ଣ ଚନ୍ଦ୍ର ସାହୁ ନେତୃତ୍ୱ ରେ ସମ୍ପାଦିତ ହୋଇଥିଲା । ଏଥିସହ ଏହି କାର୍ଯ୍ୟକ୍ରମ ରେ ଅତିଥି ଭାବରେ ଏବିଭିପି ପୁରୀ ଜିଲ୍ଲା ପ୍ରମୁଖ ଡଃ ସସ୍ମିତା ବନ୍ଦର ନାୟକ, ଜିଲା ସହ ପ୍ରମୁଖ ଡଃ ରାକେଶ କୁମାର ମିଶ୍ର ଉପସ୍ଥିତ ଥିଲେ ।ଏଥି ସହ ବିଭାଗ ସଂଯୋଜକ ତାରା ପ୍ରସାଦ ଦାଶ,ନଗର ସହ ସମ୍ପାଦକ ବିସ୍ମୟ ରଞ୍ଜନ ପଟ୍ଟନାୟକ, ବାସୁଦେବ ସେନାପତି, ଶିବାନନ୍ଦ ପାଢ଼ୀ , ସୁରେଶ କୁମାର ହାତୀ , ହିମାଂଶୁ ଶେଖର ଷଡ଼ଙ୍ଗୀ, ପବିତ୍ର ସାହୁ , ସୁରେଖା ବେହେରା , ସତ୍ୟକାମ ସାହୁ , ଜିଲା ସଂଗଠନ ସମ୍ପାଦକ ଦେବାଶିଷ ଶତପଥୀ, ନଗର ବିସ୍ତାରିକା ସାଗରିକା ସାହୁ ଉପସ୍ଥିତ ରହି କାର୍ଯକ୍ରମକୁ ପରିଚାଳନା କରିଥିଲେ।

# ରାଜ୍ୟରେ ୧୫୮ ନର୍ସିଂ ଶିକ୍ଷାନୁଷ୍ଠାନର ନାହିଁ ଆବଶ୍ୟକ ଭିତ୍ତିଭୂମି



ଭୁବନେଶ୍ୱର ,୨୮/୧୦ (ନି.ପ୍ର): ରାଜ୍ୟରେ ୩୬୩ଟି ନର୍ସିଂ ଶିକ୍ଷାନୁଷ୍ଠାନ ମଧ୍ୟରୁ ୧୫୮ର ଆବଶ୍ୟକ ଧାର୍ଯ୍ୟ ଭିତ୍ତିଭୂମି ନ ଥିବା ଧରାପଡ଼ିଛି। ଏପରିକି ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ମଧ ନାହିଁ। ଅନେକଙ୍କ ନିଜସ୍ୱ ହସ୍ପିଟାଲ ସହିତ ନର୍ସିଂ ଶିକ୍ଷାନୁଷ୍ଠାନର ସଂଯୋଗୀ କରଣରେ ସମସ୍ୟା ରହିଛି। ଗତବର୍ଷ ଡିସେମ୍ବର ୩୧ତାରିଖ ସୁଦ୍ଧା ନର୍ସିଂ ଶିକ୍ଷାନୁଷ୍ଠାନ ପାଇଁ ଆବେଦନକାରୀଙ୍କ କ୍ଷେତ୍ରସ୍ତରୀୟ ଯାଞ୍ଚ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। କ୍ଷେତ୍ରସ୍ତରୀୟ ଯାଞ୍ଚ ପରେ ଏସବୁ ଶିକ୍ଷାନୁଷ୍ଠାନର ଭିତ୍ତିଭୂମିର ଅଭାବ ରହିଥିବା ନଜରକୁ ଆସିଛି । ଏ ଦୃଷ୍ଟିରୁ ସଂପୃକ୍ତ ଶିକ୍ଷାନୁଷ୍ଠାନ ମାନଙ୍କର ଏନ୍ଓସି ନବୀକରଣ ନ କରିବା ଲାଗି ନିଷ୍ପତ୍ତି ନେଇଛି ସ୍ୱାସ୍ଥ୍ୟ ବିଭାଗ। ତେବେ ସଂପୃକ୍ତ ଶିକ୍ଷାନୁଷ୍ଠାନମାନେ ଏନ୍ଓସି ପାଇଁ ନଭେମ୍ବର ୩୦ତାରିଖ ସୁଦ୍ଧା ଆବଶ୍ୟକ କାଗଜପତ୍ର ଦାଖଲ କରିପାରିବେ। ଓଡ଼ିଶା ସେବିକା ପଞ୍ଜୀକରଣ ପରିଷଦ (ଓଏନ୍ଏମ୍ଆରସି) ପକ୍ଷରୁ କାଗଜପତ୍ର ଯାଞ୍ଚ କରାଯିବା ପରେ ଏହାକୁ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ। ଯେଉଁମାନେ କାଗଜପତ୍ର ଦାଖଲ କରିବାରେ ବିଫଳ ହେବେ ସେମାନେ ୨୦୨୨-୨୩ ଶିକ୍ଷାବର୍ଷରେ ଆଡମିସନ୍ କରିପାରିବେ ନାହିଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ହେଲେ ବର୍ଷ ବର୍ଷ ଧରି ସଂପୃକ୍ତ ଶିକ୍ଷାନୁଷ୍ଠାନମାନଙ୍କର ଆବଶ୍ୟକ ଭିତ୍ତିଭୂମି ନ ଥିବା ବେଳେ ସେମାନେ ଆଡମିସନ୍ କରୁଛନ୍ତି କିପରି ? ପୂର୍ବରୁ ରାଜ୍ୟର କେତେକ ଜିଲ୍ଲାରେ କେବଳ ଗୋଟିଏ ଘର, ବୋର୍ଡ ମରାଯାଇଥିବା ଘରେ ନର୍ସିଂ କଲେଜ ଚାଲିଥିବା ଗଣମାଧ୍ୟମରେ ଏକାଧିକ ରିପୋର୍ଟ ପ୍ରକାଶ ପାଇଥିଲା। ତେଣୁ ପୂର୍ବରୁ ଭିତ୍ତିଭୂମି ଯାଞ୍ଚ ନ କରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କିଭଳି ସଂପୃକ୍ତ ଶିକ୍ଷାନୁଷ୍ଠାନମାନଙ୍କୁ ଅନୁମୋଦନ ଦିଆଯାଇଥିଲା ଏଥିରେ ବିଭାଗୀୟ ଅଧିକାରୀ ମାନଙ୍କ ଭୂମିକାକୁ ନେଇ ମଧ ପ୍ରଶ୍ନ ଉଠିଛି। ରାଜ୍ୟରେ ଶତାଧିକ ସଂଖ୍ୟକ ନର୍ସିଂ ଶିକ୍ଷାନୁଷ୍ଠାନ କାର୍ଯ୍ୟ କରୁଛନ୍ତି। କାଉନସେଲିଂ ପ୍ରକ୍ରିୟାରେ ସାମିଲ ହେବା ସହିତ ଛାତ୍ରଛାତ୍ରୀଙ୍କ ଆଡମିସନ୍ କରୁଛନ୍ତି। ସତ୍ୟପାଠ ବଳରେ ସଂପୃକ୍ତ ଶିକ୍ଷାନୁଷ୍ଠାନ ମାନଙ୍କୁ ଏନ୍ଓସି ଦିଆଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ଏନ୍ଓସି କେବଳ ୧ବର୍ଷ ପାଇଁ ବୈଧ। ବର୍ଷେ ପରେ ସେମାନେ ପୁଣିଥରେ ଏନ୍ଓସି ପାଇଁ ଆବେଦନ କରିବା ବାଧ୍ୟତାମୂଳକ ରହିଥିବା ସହିତ ପରିଷଦ ପକ୍ଷରୁ କ୍ଷେତ୍ରସ୍ତରୀୟ ଯାଞ୍ଚ କରାଯିବ। ତେବେ ବାତ୍ୟା 'ଫନି' ଓ ୨୦୧୯ ନିର୍ବାଚନ ଆଦର୍ଶ ଆଚରଣ ବିଧି ଓ ପରବର୍ତୀ ସମୟରେ କୋଭିଡ ମହାମାରୀ କାରଣରୁ କ୍ଷେତ୍ରସ୍ତରୀୟ ଯାଞ୍ଚ ହୋଇ ନ ଥିଲା।

ଶିକ୍ଷାନୁଷ୍ଠାନ ମାନଙ୍କ ସତ୍ୟପାଠ ବଳରେ ସେମାନଙ୍କୁ ଏନ୍ଓସି ଦିଆଯାଇଥିଲା। କୋଭିଡ ମହାମାରୀ ପାଇଁ କିଛି ଶିକ୍ଷାନୁଷ୍ଠାନ ଆବଶ୍ୟକ କାଗଜପତ୍ର ଦେବା ପାଇଁ ସୁଯୋଗ ପାଇପାରି ନଥିଲେ। ଆବଶ୍ୟକ ଭିତ୍ତିଭୂମି ନ ଥିବା ଚିହ୍ନଟ ୧୫୮ ଶିକ୍ଷାନୁଷ୍ଠାନ ମଧ୍ୟରୁ କେତେକ ନିକଟରେ ପରିଷଦ ନିକଟରେ କାଗଜପତ୍ର ଦାଖଲ କରିଛନ୍ତି। ମାତ୍ର ଯେଉଁମାନେ ନଭେମ୍ବର ୩୦ ସୁଦ୍ଧା ଦାଖଲ କରିବାରେ ବିଫଳ ହେବେ ସେମାନେ ନୂଆକରି ପୁଣିଥରେ ଅନଲାଇନ୍ ଆବେଦନ କରିବେ। ଯାଞ୍ଚ ପରେ ସେମାନଙ୍କୁ ପାଠପଢ଼ା ପାଇଁ ଅନୁମତି ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ସ୍ଥାୟୀ ନିଯୁକ୍ତିରେ ସଂରକ୍ଷଣ ନିୟମକୁ କାର୍ଯ୍ୟକାରୀ କରାଯାଉ : କଂଗ୍ରେସ ଏସସି ସେଲ୍

ଭୁବନେଶ୍ୱର ,୨୮/୧୦ (ନି.ପ୍ର): ରାଜ୍ୟ ସରକାର ସ୍ଥାୟୀ ନିଯୁକ୍ତିରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ଖାଲି ପଡ଼ିଥିବା ପଦବୀ ସଂରକ୍ଷଣ ନୟିମ ଅନୁଯାୟୀ ତୁରନ୍ତ ପରୂଣ କରିବା ପାଇଁ ରାଜ୍ୟ ସରକାରଙ୍କ କଲ୍ୟାଣ ବିଭାଗ ସଚିବଙ୍କୁ ଭେଟି ଦାବୀ କରିଛନ୍ତି କଂଗ୍ରେସ ଜନଜାତି ବିଭାଗର ଅଧ୍ୟକ୍ଷ ପୂର୍ବତନ ବିଧାୟକ ଭୁଜବଳ ମାଝି ଓ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରା।

ରାଜ୍ୟ ସରକାର ନିକଟରେ ଠିକା ନିଯୁକ୍ତି ବାତିଲ କରି ୫୭ ହଜାର ଠିକା କମର୍ଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ଘୋଷଣା କରିଛନ୍ତି। କିନ୍ତୁ ଠିକା ନିଯୁକ୍ତି ସମୟରେ ସଂରକ୍ଷଣ ନିୟମକୁ ଠିକ୍ ଭାବରେ ପାଳନ କରାଯାଇନାହିଁ ଏବଂ ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ବହୁ ସରକାରୀ ପଦବୀ ଖାଲି ପଡ଼ିଥିବା ବେଳେ ମଧ ଦୀର୍ଘ ଦିନ ହେବ ସରକାର ଅବହେଳା ପ୍ରଦଶର୍ନ କରିଆସିଛନ୍ତି ଆଜି ପର୍ଯ୍ୟନ୍ତ ତାହା ପୂରଣ କରାଯାଇନାହିଁ। ୫୭ହଜାର ବାଦ୍ ଦେଇ ମଧ ରାଜ୍ୟରେ ଆହରୁି ଅନେକ ବିଭାଗର ଠିକା କର୍ମଚାରୀ ଏବେବି ସୁଦ୍ଧା କାର୍ଯ୍ୟରତ, ସେମାନଙ୍କ ସଂଖ୍ୟାପ୍ରାୟ ୫୦ହଜାରରୁ ଉର୍ଦ୍ଧ୍ୱ ହେବ। ଜାତୀୟ ସ୍ୱାସ୍ଥ୍ୟ ମିଶନରେ ପ୍ରାୟ ୧୦ହଜାର, ପ୍ରାଥମିକ ସ୍କୁଲରେ ଜୁନିଅର ଶକ୍ଷିକ ଭାବେ ୧୩ ହଜାର, ଓପେପାରେ ୬ହଜାର, ୨୦୨୦ ମସିହାରେ ନୂଆ ଗ୍ରାଂଟଇନଏ୍ ଡ୍ ପଲିସି ଅନୁଯାୟୀ ଶିକ୍ଷକ ଓ ଅଧ୍ୟାପକ ବିଭିନ୍ନ ସରକାରୀ ଯୋଜନାରେ କାର୍ଯ୍ୟରତ । ଏମାନଙ୍କ କଥାକୁ ବିଚାରକୁ ନେଇ ଏମାନଙ୍କ ସ୍ଥାୟୀ ନିଯୁକ୍ତି କରି ସଂରକ୍ଷଣ ଅନୁଯାୟୀ ପଦବୀ ପୂରଣ କରାଯିବା ପାଇଁ ଦାବି କରାଯାଇଛି।

# ଉପନିର୍ବାଚନ ପାଇଁ ଖୋଲିବ ନିୟନ୍ତ୍ରଣ କକ୍ଷ : ଦିନ ରାତି ହେବ ଅବକାରୀ ଚଢାଉ

ଭୁବନେଶ୍ୱର ,୨୮/୧୦ (ନି.ପ୍ର): ଧାମନଗର ଉପନିର୍ବାଚନ ସମୟରେ ଯେଭଳି କୌଣସି ଅବକାରୀ ଜନିତ ଅଘଟଣ ନଘଟେ ତାହା ଉପରେ କଡା ନଜର ରଖିବାପାଇଁ ରାଜ୍ୟ ଅବକାରୀ କମିଶନର ଆଶିଷ କୁମାର ସିଂହ ଅବକାରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ସିଂହ ଆଜି ଉପନିର୍ବାଚନ ପରିପ୍ରେକ୍ଷୀରେ ଅବକାରୀ ଧରପଗଡ ଓ କାର୍ଯ୍ୟାନୁଷ୍ଠାନ ନେଇ ସମୀକ୍ଷା କରିଛନ୍ତି । ଅବକାରୀ କମିଶନର ଶ୍ରୀ ସିଂହ ଭଦ୍ରକ ଅବକାରୀ ଅଧିକ୍ଷକଙ୍କୁ ଅଧିକ ନିୟନ୍ତ୍ରଣ କକ୍ଷ ଖୋଲିବା ସହିତ ଦିନ ଓ ରାତି ପଇଁନ୍ତରା ଓ ଚଢାଉ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯାଜପୁର, କେନ୍ଦ୍ରାପଡା, କେନ୍ଦୁଝର, ବାଲେଶ୍ୱର ଅବକାରୀ ଅଧିକ୍ଷକ ଭଦ୍ରକ ଜିଲ୍ଲାର ଆଖପାଖ ଅଂଚଳରେ ପ୍ରତିଦିନ ଚଢାଉ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅବକାରୀ ଫ୍ଲାଇଙ୍ଗ ସ୍କାଡ୍ ଓ ଇଆଇ ଓ ଇବି ୟୁନିଟ୍-୨, କଟକର ଅଧିକ୍ଷକ ଭଦ୍ରକରେ କ୍ୟାମ୍ପ କରି ଚଢାଉ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ର୍ନିବାଚନ ପାଇଁ ସମସ୍ତଙ୍କୁ ସଜାଗ ଓ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ଓ କୌଣସି ପରିସ୍ଥିତିରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଅବକାରୀ କମିଶନର ସତର୍କ କରାଇ ଦେଇଛନ୍ତି । ଭଦ୍ରକର ପଡ଼ୋଶୀ ଜିଲ୍ଲା ଯାଜପୁର, କେନ୍ଦ୍ରାପଡା, କେନ୍ଦୁଝର, ବାଲେଶ୍ୱରର ଅଧିକ୍ଷକ ମାନଙ୍କୁ ନିଶାଦ୍ରବ୍ୟର ବେଆଇନ ଚାଲାଣ ଉପରେ ନଜର ରଖିବାକୁ ଏବଂ ପ୍ରତିଦିନ ନିର୍ଦ୍ଦେଶାଳୟ ନିକଟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଭଦ୍ରକର ଏସଇଙ୍କୁ ମଧ ର୍ନିଦ୍ଧାରିତ ଫର୍ମାଟରେ ରିପୋର୍ଟ ଦାଖଲ କରିବା ଏବଂ ଏନଫୋର୍ସମେଂଟକୁ ବ୍ୟକ୍ତିଗତ ଭାବେ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରତିଦିନ ପ୍ରବର୍ତନ କାର୍ଯ୍ୟକଳାପ ଉପରେ ନଜର ରଖିବାକୁ କେନ୍ଦ୍ରାଂଚଳ ଅତିରିକ୍ତ ଅବକାରୀ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଭର୍ଚୁଆଲ ମୋଡରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଅବକାରୀ କମିଶନର ରାମଚନ୍ଦ୍ର ପାଲଟା, ଅତିରିକ୍ତ ଅବକାରୀ କମିଶନର ରାମଚନ୍ଦ୍ର ମିଶ୍ର, ରଜତ କୁମାର ପ୍ରହରାଜ ଏବଂ ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କେନ୍ଦୁଝର, ବାଲେଶ୍ୱର, ଫ୍ଲାଇଙ୍ଗ ସ୍କାର୍ଡ, ଇଆଇ ଏବଂ ଇବି ୟୁନିଟ-୨, କଟକର ଅଧିକ୍ଷକ ଯୋଗ ଦେଇଥିଲେ।

## ଦଲାଲଙ୍କ ସହ ସଂପର୍କ ନଜରକୁ ଆସିଲେ ଦଣ୍ଡିତ ହେବେ ଡାକ୍ତର, ପାରାମେଡିକ୍ସ

ଭୁବନେଶ୍ୱର ,୨୮/୧୦ (ନି.ପ୍ର): ସରକାରୀ ହସ୍ପିଟାଲରେ ଦଲାଲ ହଟାଅ ଅଭିଯାନ ଆରମ୍ଭ କରିଛି ସ୍ୱାସ୍ଥ୍ୟ ବିଭାଗ। ହସ୍ପିଟାଲରେ ଦଲାଲଙ୍କ ପ୍ରାଦୁର୍ଭାବ ହ୍ରାସ ଲାଗି ହସ୍ପିଟାଲ କର୍ତୃପକ୍ଷ ଓ ସ୍ଥାନୀୟ ପୁଲିସ ଥାନାର ଭାରପ୍ରାପ୍ତ ଅଧିକାରୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ସେହିପରି ଦଲାଲଙ୍କ ସହିତ କୌଣସି କାର୍ଯ୍ୟରତ ଡାକ୍ତର, ପାରାମେଡିକ୍ସ ଓ ଅନ୍ୟ କର୍ମଚାରୀଙ୍କ ସଂପୃକ୍ତି ନଜରକୁ ଆସିଲେ ସେମାନଙ୍କ ବିରୋଧରେ ଉଭୟ ଆଇନଗତ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଆଜି ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଏ ସଂକ୍ରାନ୍ତରେ ଏକ ଚିଠି ସବୁ ମେଡିକାଲ କଲେଜ, ସିଡିଏମ୍ଓଙ୍କୁ ଜାରି କରିଛନ୍ତି। ବିଭାଗ ପକ୍ଷରୁ କୁହାଯାଇଛି ଯେ ସରକାରୀ ଡାକ୍ତରଖାନା ଓପିଡିକୁ ଏବେ ବହୁତ ମାତ୍ରାରେ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ରୋଗୀମାନେ ଆସୁଥିବା ବେଳେ କିଛି ଦଲାଲ ଏହାର ସୁଯୋଗ ନେଉଛନ୍ତି। ସରକାରୀ ଡାକ୍ତରଖାନାରେ ଆବଶ୍ୟକ ଚିକିତ୍ସା ମିଳୁ ନ ଥିବା ଦର୍ଶାଇ ସେମାନଙ୍କୁ ଘରୋଇ ସ୍ୱାସ୍ଥ୍ୟାନୁଷ୍ଠାନକୁ ନେବା ପାଇଁ ପ୍ରଲୋଭିତ କରୁଛନ୍ତି। ଫଳରେ ନିରୀହ ରୋଗୀମାନଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ଏ ଦୃଷ୍ଟିରୁ ହସ୍ପିଟାଲ ପରିସରରେ ଦଲାଲମାନଙ୍କୁ ହଟାଇବା ଲାଗି ସବୁ ଡାକ୍ତର, ପାରାମେଡିକ୍ସ ଓ ଅନ୍ୟ କର୍ମଚାରୀମାନଙ୍କୁ ସତର୍କ ରହିବାକୁ ପଡ଼ିବ। ଏଥିପାଇଁ ହସ୍ପିଟାଲର ପ୍ରବେଶ ସ୍ଥାନ ସହିତ ଓପିଡିକୁ ରାସ୍ତା ଥିବା ସ୍ଥାନରେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ସାଇନବୋର୍ଡ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଓପିଡିର ନାମ ମଧ ଉଭୟ ଓଡ଼ିଆ ଓ ଇଂରାଜୀରେ ଲେଖାଯିବାକୁ କୁହାଯାଇଛି। ହସ୍ପିଟାଲର କୌଣସି କର୍ମଚାରୀ ଯଦି ଏଭଳି ତତ୍ତ୍ୱଙ୍କ ସହ ସଂପର୍କ କିମ୍ବା ତାଙ୍କୁ ପ୍ରୋତ୍ସାହିତ କରୁଥିବା ନଜରକୁ ଆସେ ତାହାଲେ ମେଡିକାଲ କଲେଜ ଅଧ୍ୟାପକ, ଡାକ୍ତର, ପାରାମେଡିକ୍ସ ଓ ଅନ୍ୟ କର୍ମଚାରୀଙ୍କ ବିରୋଧରେ ସିସିଏ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେଣୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି ବିଭାଗ ପକ୍ଷରୁ ହସ୍ପିଟାଲ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# କୃତ୍ରିମ ଅଙ୍ଗ ପ୍ରସ୍ତୁତିରେ ବଜାର ଦରଠାରୁ ଅଧିକ ନେଇଛି ଏଆରସି !

ଭୁବନେଶ୍ୱର ,୨୮/୧୦ (ନି.ପ୍ର): ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର ବା ଏଆରସିରେ ଭିନ୍ନକ୍ଷମଙ୍କ ପାଇଁ କୃତ୍ରିମ ଅଙ୍ଗ ପ୍ରସ୍ତୁତିରେ ଅନିୟମିତତା ଅଭିଯୋଗ ପରେ ଏହାର ଯାଞ୍ଚ ଆରମ୍ଭ କରିଛି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ। ବିଭାଗ ପକ୍ଷରୁ ଗଠିତ ଏକ ୫ଜଣିଆ କମିଟିକୁ ଏହାର ଯାଞ୍ଚ ଦାୟିତ୍ୱ ଦିଆଯାଇଥିଲା। ଯାଞ୍ଚ ସମୟରେ ବୈଷୟକି କମିଟି ହାତରେ ଚାଞ୍ଚଲ୍ୟକର ତଥ୍ୟ ଲାଗିଛି। କୃତ୍ରିମ ଅଙ୍ଗ ପ୍ରସ୍ତୁତିରେ ବଜାର ଦରଠାରୁ ଏଆରସିର ଦର ଯଥେଷ୍ଟ ଅଧିକ ଥିବା ସୂଚନା ମିଳିଛି। ବର୍ଷ ବର୍ଷ ଧରି ଚଢ଼ା ଦରରେ ଏଆରସି ସରକାରଙ୍କ ରାଜକୋଷରୁ ଏଭଳି ଟଙ୍କା ହଡ଼ପ କରିଥିବା ଅନୁମାନ କରାଯାଉଛି। ଏହାସହ ଗୁଣବତ୍ତାକୁ ନେଇ ମଧ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ତେଣୁ କମିଟିର ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ ନା ରିପୋର୍ଟ ନାଲି ଫିତା ତଳେ ଚାପି ହୋଇଯିବ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ରାଜ୍ୟର ଭୁବନେଶ୍ୱର ସମେତ ୪ଟି ସ୍ଥାନରେ ଏଆରସିରେ ପ୍ରସ୍ତୁତ ହେଉଥିବା କୃତ୍ରିମ ଅଙ୍ଗର ଗୁଣବତ୍ତା ଓ ଦରକୁ ନେଇ ଅଭିଯୋଗ ହୋଇଥିଲା। ଏଆରସିକୁ ଏକ ଘରୋଇ ସଂସ୍ଥା ପରିଚାଳନା କରୁଛି। ବୈଷୟିକ କମିଟି ପକ୍ଷରୁ ଉଭୟ ବଜାର ଦର ଓ ଏଆରସି ପକ୍ଷରୁ ରାଜ୍ୟ ସରକାରଙ୍କଠାରୁ ନିଆଯାଉଥିବା ଦରର ତୁଳନା କରାଯାଇଥିଲା। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଆଣ୍ଠୁ ଉପରକୁ ପ୍ରସ୍ତୁତ ହେଉଥିବା ପ୍ରୋସଥେସିସ୍ ବା ଅଙ୍ଗ ଖୁଚୁରା ବଜାରରେ ପ୍ରାୟ ୨୦ହଜାର ରହିଛି। ଏପରିକି ଏସ୍ଭିନିରତାର ବା ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ତାଲିମ ଓ ଗବେଷଣା ପ୍ରତିଷ୍ଠାନରେ ମଧ କୃତ୍ରିମ ଅଙ୍ଗ ଦର ପ୍ରାୟତଃ ବଜାର ଦର ସହ ସମାନ। ମାତ୍ର ଏଆରସିରେ ଏଥିପାଇଁ ଯଥେଷ୍ଟ ଅଧିକ ଟଙ୍କା ନିଆଯାଉଛି। ସେହିପରି ଆଣ୍ଠୁ ତଳ କୃତ୍ରିମ ଅଙ୍ଗ ବାହାରେ ପ୍ରାୟ ୧୫ହଜାର ଟଙ୍କା ଥିବା ବେଳେ ଏଆରସିରେ ଏହି ଦର ଯଥେଷ୍ଟ ଅଧିକ ରହିଛି। କୃତ୍ରିମ ଅଙ୍ଗ ପ୍ରସ୍ତୁତି ପାଇଁ ଆବଶ୍ୟକ ସିଏଟି କ୍ୟାମ୍ପ ଦୀର୍ଘଦିନ ଧରି ଅଚଳ ହୋଇଯାଇଛି।



ଆଣ୍ଠୁ ଉପର/ତଳ ଅଙ୍ଗ ପ୍ରସ୍ତୁତି ପାଇଁ ଏକ ସକେଟ୍ର ଆବଶ୍ୟକତା ପଡ଼ିଥାଏ। ପ୍ୟୁ ପମ୍ପ୍ ଜରିଆରେ ଅଙ୍ଗର ଏକ ମେଜରମେଣ୍ଟ ମୋଲ୍ଡ ତିଆରି କରାଯାଇଥାଏ। ହେଲେ ଏଆରସିରେ ପ୍ୟୁ ପମ୍ପ୍ ବଦଳରେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ବା ପିଓପି ବ୍ୟବହାର କରାଯାଉଥିବା ନଜରକୁ ଆସିଛି। ଯାହାଫଳରେ ଏଆରସିରେ ପ୍ରସ୍ତୁତ କୃତ୍ରିମ ଅଙ୍ଗ ବଜାରରେ ଉପଲବ୍ଧ ଅଙ୍ଗ ତୁଳନାରେ ନିମ୍ନମାନର ରହିଥିବା ଯାଞ୍ଚ କମିଟିର ରହିଥିବା ଜଣେ ସଦସ୍ୟ ଜାଣିବାକୁ ପାଇଛନ୍ତି। ତେଣୁ ଉଭୟ ଦର ଓ ଗୁଣବତ୍ତା ନେଇ ଯେଉଁ ଅଭିଯୋଗ ଆସିଥିଲା କମିଟିର ଯାଞ୍ଚ ରିପୋର୍ଟରେ ମଧ ସମାନ ତଥ୍ୟ ଦେଖିବାକୁ ମିଳିଛି। ତେଣୁ ବର୍ଷ ବର୍ଷ ଧରି ଏଆରସିରେ ଏଭଳି ନିମ୍ନମାନର କୃତ୍ରିମ ଅଙ୍ଗ ପ୍ରସ୍ତୁତ ଚାଲିଥିଲେ ବି ବିଭାଗ ପକ୍ଷରୁ କାହିଁକି ଯାଞ୍ଚ କରାଗଲା ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ନାମ ଗୋପନ ସର୍ତରେ କମିଟିର ଜଣେ ସଦସ୍ୟ କହିଛନ୍ତି, ଏଆରସି ଜରିଆରେ କମ୍ ମୂଲ୍ୟରେ ଓ ଉଚ୍ଚମାନର ଅଙ୍ଗ ଯୋଗାଇବା ପାଇଁ ଯେଉଁ ଉଦ୍ଦେଶ୍ୟ ରହିଥିଲା ତହିଁରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏହା କେବଳ ଗୋଟିଏ ଏଆରସିର ସ୍ଥିତି ନୁହେଁ, ପ୍ରାୟ ୪ଟି ଏଆରସିରେ ଏଭଳି ସ୍ଥିତି ନଜରକୁ ଆସିଛି। ପ୍ରାୟ ୨୫ଦିନ ତଳେ ଗୋଟିଏ ଏଆରସିର ଯାଞ୍ଚ ସଂପର୍କିତ ରିପୋର୍ଟ ବିଭାଗକୁ ପ୍ରଦାନ କରାଯାଇଛି। ରିପୋର୍ଟକୁ ଅନୁଧ୍ୟାନ କରି ବିଭାଗ ନିଜର ପରବର୍ତୀ ପଦକ୍ଷେପ ଗ୍ରହଣ କରିପାରେ ବୋଲି କମିଟିର ସଦସ୍ୟ ସୂଚନା ଦେଇଛନ୍ତି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶିକା ବ୍ରତତୀ ହରିଚନ୍ଦନ କହିଛନ୍ତି, କମିଟିର ରିପୋର୍ଟ ବର୍ତମାନ ଯାଏ ମୋ ନିକଟକୁ ଆସିନାହିଁ। ରିପୋର୍ଟ ପାଇବା ପରେ ପରବର୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଆଜି ବି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ପଚାଶ ତଳେ

ଭୁବନେଶ୍ୱର ,୨୮/୧୦ (ନି.ପ୍ର): ଆଜି ବି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ପଚାଶ ତଳେ ରହିଛି। ଗତକାଲି ୪୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୪୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୭ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୭ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୪ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୧୩ଟି ଜିଲ୍ଲାରୁ ୪୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୧୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୩, ବରଗଡ଼ ଜିଲ୍ଲାରୁ ୧, ବଲାଙ୍ଗୀରରୁ ୩, କଟକରୁ ୩ ଜଣ, ଗଞ୍ଜାମରୁ ୧, ଯାଜପୁରରୁ ୧, ଖୋର୍ଦ୍ଧା ଜିଲ୍ଲାରୁ ୬, କୋରାପୁଟରୁ ୨, ମୟୂରଭଞ୍ଜରୁ ୨, ନବରଙ୍ଗପୁରରୁ ୨, ନୂଆପଡ଼ାରୁ ୩, ପୁରୀରୁ ୨, ସମ୍ବଲପୁରରୁ ୧ ଜଣ, ସୁନ୍ଦରଗଡ଼ରୁ ୧୪ ଜଣ ଓ ଷ୍ଟେଟପୁଲରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୩୬, ୦୪୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୩, ୨୬, ୪୬୯ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୩୧୯ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ଆକର୍ଷିତ କରିପାରୁନି ଓଡ଼ିଶାର ପର୍ଯ୍ୟଟନ କେନ୍ଦ୍ର, ମୁହଁ ଫେରାଉଛନ୍ତି ପର୍ଯ୍ୟଟକ

ଭୁବନେଶ୍ୱର ,୨୮/୧୦ (ନି.ପ୍ର): ବିଦେଶକୁ ବିମାନ ଉଡୁନି । ଦେଶର ଅବଶିଷ୍ଟ ପ୍ରମୁଖ ସହରକୁ ବିମାନ ଯୋଗାଯୋଗ ସମ୍ଭବପର ହୋଇପାରି ନାହିଁ। ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀର ଆଖିଦୃଶିଆ ବିକାଶ ଯେମିତି କାଗଜପତ୍ରରେ ରହିଛି, ଠିକ୍ ସେମିତି ପର୍ଯ୍ୟଟକଙ୍କୁ ଆତିଥେୟତା ପ୍ରଦାନରେ ମଧ ସ୍ୱତନ୍ତ୍ରତା ପରିଲକ୍ଷିତ ହେଉନାହିଁ। ସମ୍ଭବତଃ ଏସବୁର ପ୍ରଭାବ ଓଡ଼ିଶା ପର୍ଯ୍ୟଟନ ଶିଳ୍ପ ଉପରେ ପଡ଼ିବା ଆରମ୍ଭ କରିଛି। ଧୀରେ ଧୀରେ ଘରୋଇ ଓ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଓଡ଼ିଶାକୁ କମିବାରେ ଲାଗିଛି। ଓଡ଼ିଶାକୁ ଆସିବା ଲାଗି ଯୋଜନା କରୁଥିବା ପର୍ଯ୍ୟଟକ ଅଧାରୁ ବାଟ ଭାଙ୍ଗି ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ତେଲେଙ୍ଗାନା ଚାଲିଯାଉଥିବା ନେଇ ଅଭିଯୋଗ ମଧ ଉଠିଛି।

କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ସଦ୍ୟତମ ପ୍ରକାଶିତ ରିପୋର୍ଟରେ ଏଭଳି କିଛି କଥା ଉଲ୍ଲେଖ ରହିଛି। ଘରୋଇ ପର୍ଯ୍ୟଟକଙ୍କ ପସନ୍ଦ ପାଲଟିଥିବା ଦେଶର ଶୀର୍ଷ ୧୫ ରାଜ୍ୟ ମଧ୍ୟରେ ଓଡ଼ିଶାର ନାଁ ନାହିଁ। ତାମିଲନାଡୁ, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ମହାରାଷ୍ଟ୍ର ପରି ରାଜ୍ୟ ଘରୋଇ ଓ ବିଦେଶୀ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ପାଲଟିଛନ୍ତି। କେବଳ ସେତିକି ନୁହେଁ, ଓଡ଼ିଶାକୁ ବିଦେଶୀ ପର୍ଯ୍ୟଟକ ଏମିତି ମୁହଁ ଫେରାଇଲେଣି ଯେ କୋଭିଡ୍ ପୂର୍ବରୁ ବର୍ଷକୁ ପାଖାପାଖି ୧ ଲକ୍ଷ ବିଦେଶୀ ପର୍ଯ୍ୟଟକ ଆସୁଥିବା ବେଳେ ୨୦୨୧ରେ ମାତ୍ର ୨,୨୬୯ଜଣ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ବୁଲିଛନ୍ତି।

କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟର ତଥ୍ୟ କହୁଛି ଯେ ୨୦୨୦ ତୁଳନାରେ ୨୦୨୧ରେ ଘରୋଇ ପର୍ଯ୍ୟଟକଙ୍କ ସଂଖ୍ୟା ସାରା ଦେଶରେ ବୃଦ୍ଧି ଘଟିଛି। ୨୦୨୦ରେ ୬୧.୦୨ କୋଟି ପର୍ଯ୍ୟଟକ ଦେଶର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ବୁଲିଥିଲେ। ୨୦୨୧ରେ ଏହି ସଂଖ୍ୟା ୬୭.୭୬ କୋଟିରେ ପହଞ୍ଚିଛି। ଘରୋଇ ପର୍ଯ୍ୟଟକ ଆସୁଥିବା ଦେଶର ୧୦ଟି ସହର ମଧ୍ୟରେ ତାମିଲନାଡୁ ଶୀର୍ଷରେ ରହିଛି। ୨୦୨୧ରେ ତାମିଲନାଡୁକୁ ସର୍ବାଧିକ ୧୧ କୋଟି ୫୩ ଲକ୍ଷ ୩୬ ହଜାର ୭୧୯ ପର୍ଯ୍ୟଟକ ଭ୍ରମଣରେ ଆସିଥିଲେ। ସେହିପରି ଉତ୍ତରପ୍ରଦେଶକୁ ୧୦ କୋଟି ୯୭ ଲକ୍ଷ, ଆନ୍ଧ୍ରପ୍ରଦେଶକୁ ୯ କୋଟି ୩୧ଲକ୍ଷ, କର୍ଣ୍ଣାଟକକୁ ୮ କୋଟି ୧୩ଲକ୍ଷ, ମହାରାଷ୍ଟ୍ରକୁ ୪କୋଟି ୩୫ଲକ୍ଷ, ତେଲେଙ୍ଗାନାକୁ ୩କୋଟି ୨୦ଲକ୍ଷ, ପଞ୍ଜାବକୁ ୨କୋଟି ୬୬ଲକ୍ଷ, ମଧ୍ୟପ୍ରଦେଶକୁ ୨କୋଟି ୫୫ଲକ୍ଷ, ଗୁଜରାଟକୁ ୨କୋଟି ୪୫ଲକ୍ଷ, ପଶ୍ଚିମବଙ୍ଗକୁ ୨କୋଟି ୪୩ ଲକ୍ଷ ପର୍ଯ୍ୟଟକ ଆସିଥିଲେ। ତାଲିକାରେ ଓଡ଼ିଶା ୧୮ତମ ସ୍ଥାନରେ ରହିଛି। ୨୦୨୧ରେ ୩୭ଲକ୍ଷ ଘରୋଇ ଓ ୨,୨୬୯ଜଣ ବିଦେଶୀ ପର୍ଯ୍ୟଟକ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିଛନ୍ତି। ଅଧିକାଂଶ ପର୍ଯ୍ୟଟକ ପୁରୀ, କୋଣାର୍କ ଓ ଭୁବନେଶ୍ୱର ବୁଲିବାରେ ନିଜ ଗସ୍ତକୁ ସୀମିତ ରଖିଛନ୍ତି। କୋଭିଡ୍ ପୂର୍ବରୁ ୨୦୧୯ରେ ଓଡ଼ିଶାକୁ ୧ କୋଟିରୁ ଅଧିକ ଘରୋଇ ପର୍ଯ୍ୟଟକ ଆସିଥିଲେ। ୨୦୨୦ ପ୍ରଥମାର୍ଦ୍ଧରେ ବି ଓଡ଼ିଶାକୁ ଘରୋଇ ପର୍ଯ୍ୟଟକଙ୍କ ଅଗମନ ଲାଗି ରହିଥିଲା। ଯେଉଁଥିପାଇଁ କୋଭିଡ୍ ସଂକ୍ରମଣ ସତ୍ତ୍ୱେ ସେବେ ୪୬ ଲକ୍ଷ ପର୍ଯ୍ୟଟକ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିଥିଲେ। ୨୦୨୧ରେ ତାହା ୩୭ ଲକ୍ଷକୁ ଖସିଥିଲା। ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ମଧ କୋଭିଡ୍ ଯୋଗୁଁ ପ୍ରଭାବିତ ହୋଇଥିଲା। ୨୦୨୦ରେ ୧୦ ହଜାର ୨୦୬ଜଣ ଆସିଥିବା ବେଳେ ୨୦୨୧ରେ ତାହା ୨,୨୬୯କୁ କମିଥିଲା।

ଫିକି ନ୍ୟାସନାଲ ଟୁରିଜିମ୍ କମିଟିର କୋ-ଚେୟାରମ୍ୟାନ୍ ଜେକେ ମହାନ୍ତି କହିଛନ୍ତି ଯେ ଦେଶରେ ଘରୋଇ ପର୍ଯ୍ୟଟକଙ୍କ ଆଗମନ ବଢ଼ିବାରେ ଲାଗିଛି। ସେହି ତୁଳନାରେ ଓଡ଼ିଶାରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁନାହିଁ। ତେଣୁ ଦେଶର ପ୍ରମୁଖ ଘରୋଇ ଟୁର ଅପରେଟରମାନଙ୍କୁ ଡାକି ସେମାନଙ୍କୁ ଓଡ଼ିଶାରେ ଥିବା ପର୍ଯ୍ୟଟନ ଭିତ୍ତିଭୂମି ସମ୍ପର୍କରେ ଅବଗତ କରାଯିବ। ଟର ଅପରେଟର, ଏୟାରଲାଇନ୍ସ, ଟ୍ରାଭେଲ୍ ରାଇଟର୍ସଙ୍କୁ ନେଇ ବୈଠକ ହେବ। ଶତାଧିକ ହୋଟେଲ ବ୍ୟବସାୟୀ ମଧ ଏଥିରେ ସାମିଲ ହେବେ। ୨୦୧୯ରେ ଦେଶକୁ ୧୦.୯୩ ନିୟୁତ ବିଦେଶୀ ପର୍ଯ୍ୟଟକ ଆସିଥିଲେ। ଯେଉଁଥିରେ ବାଂଲାଦେଶ, ଆମେରିକା, ଇଂଲଣ୍ଡ, ଅଷ୍ଟ୍ରେଲିଆ, କାନାଡା, ଚାଇନା, ମାଲେସିଆ, ଶ୍ରୀଲଙ୍କା, ଜର୍ମାନୀ, ଋଷିଆ, ଫ୍ରାନ୍ସ, ଜାପାନ, ସିଙ୍ଗାପୁର, ଥାଇଲାଣ୍ଡ ଓ ନେପାଳରୁ ଅଧିକ ସଂଖ୍ୟକ ପର୍ଯ୍ୟଟକ ଥିଲେ।

# ନଭେମ୍ବର ୧ରୁ ଖୋଲିବ ଶିମିଳିପାଳ

ବାରିପଦା,୨୮/୧୦(ନି.ପ୍ର): ଆସନ୍ତା ନଭେମ୍ବର ୧ରୁ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ପର୍ଯ୍ୟଟକଙ୍କ ପାଇଁ ଖୋଲା ଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଂଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାଯାଇଛି । ଦୈନିକ ସର୍ବାଧିକ ପ୍ରଥମେ ଆସିଥିବା ୩୫ ଗୋଟି ଚାରି ଚକିଆ ଯାନ କାଳିଆଣି ତନଖି ଫାଟକ ଯଶିପୁର ବାଟଦେଇ ଓ ପ୍ରଥମ ୨୫ ଗୋଟି ଚାରିଚକିଆ ଯାନ ପିଠାବାଟା ତନଖି ଫାଟକ ଦେଇ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଭିତରକୁ ପ୍ରବେଶପାଇଁ ଅନୁମତି ଦିଆଯିବ ବୋଲି ଜଣାଯାଇଛି । ପର୍ଯ୍ୟଟକ ମାନେ ପିଠାବଟା ଓ ଯଶିପୁର ବୁକିଂ କାଉଂଟରରୁ ସକାଳ ୬ଘଟିକାରୁ ଦିନ ୯ ଘଟିକା ମଧ୍ୟରେ ଅନୁମତିପତ୍ର ସଂଗ୍ରହ କରିପାରିବେ ବୋଲି ଜଣାଯାଇଛି । ବ୍ୟାଘ୍ର ପ୍ରକଳ୍ପକୁ ପ୍ରବେଶ କରିବା ପୂର୍ବରୁ ପର୍ଯ୍ୟଟକ ମାନେ ପ୍ରଚଳିତ ନୀୟମାବଳୀ ମାନ ପାଳନ କରିବେ । ନିୟମାବଳୀ ଉଲଘଂନ କଲେ ଆଇନ ଅନୁଯାୟୀ ଦଣ୍ଡିତ




ହେବେ । ପର୍ଯ୍ୟଟକଙ୍କ ଯାନ, ପର୍ଯ୍ୟଟକ ଏବଂ ତାଙ୍କ ଜିନିଷପତ୍ରକୁ ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ତନଖି ଫାଟକରେ ଯାଂଚ କରାଯିବା ସହିତ ଅଭୟାରଣ୍ୟ ଭିତରକୁ ପଲିଥିନ, ରନ୍ଧାଖାଦ୍ୟ, ମାଦକ ଦ୍ରବ୍ୟ ଆଦି ନେବାକୁ ବାରଣ କରାଯାଇଛି । ଅପରାହ୍ନ ୩ ଘଟିକା ପୂର୍ବରୁ ସମସ୍ତ ପର୍ଯ୍ୟଟକ ମାନେ ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ ଓ ଅପରାହ୍ନ ୪ ଘଟିକା ପୂର୍ବରୁ ଚହଲା ସ୍ଥାନ ଛାଡିବେ ଏବଂ ସନ୍ଧ୍ୟା ୫ ଘଟିକା ସୁଦ୍ଧା ପ୍ରସ୍ଥାନ ତନଖି ଫାଟକ ପିଠା ବଟା, ତୁଳସୀବଣି ବା କାଳିଆଣି ଅତିକ୍ରମ କରିବା ନିମନ୍ତେ ନିୟମ କରାଯାଇଛି । ପର୍ଯ୍ୟଟକଙ୍କ ଯାନ ଖରାପ ହେଲେ ସେହି ଯାନରେ ଥିବା ପର୍ଯ୍ୟଟକ ମାନଙ୍କୁ ବାରିପଦା ବା ଯଶିପୁର ବସଷ୍ଟାଣ୍ଡକୁ ସ୍ଥାନାନ୍ତରିତ କରିବା ପାଇଁ ଅଗ୍ରୀମ ଟଙ୍କା ୪ହଜାର ଟଙ୍କା ଜମା କଲେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ ବ୍ୟବସ୍ଥା କରିବେ । ନିୟମାବଳୀକୁ ଦ୍ୱିତୀୟ ଥର ଉଲଙ୍ଘନ କରିଥିବା ଯାନକୁ ବ୍ୟାଘ୍ର ପ୍ରକଳ୍ପ ମଧ୍ୟରେ ପ୍ରବେଶ ନିମନ୍ତେ ଭବିଷ୍ୟତରେ ଅନୁମତି ଦିଆଯିବନାହିଁ । ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର କୁମାରି, ଗୁଡୁଗୁଡିଆ, ରାମତୀର୍ଥ, ବରେହିପାଣି ଓ ଯାମୁଆଣିରେ ଥିବା ଯାତ୍ରୀ ନିବାସ ଗୁଡିକରେ ରାତ୍ରୀଯାପନ ନିମନ୍ତେ ପର୍ଯ୍ୟଟକମାନଙ୍କୁ ୱେବସାଇଟ www.ecotourodisha.com ରେ ଅଗ୍ରୀମ ଆରକ୍ଷଣ କରିବାକୁ ନିୟମ କରାଯାଇଛି । ସେହିପରି ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଭିତରକୁ ପ୍ରବେଶ ସମୟରେ ପ୍ରତ୍ୟେକ ଯାନ ସହିତ ଜଣେ ଗାଇଡ ନେବା ବାଧ୍ୟତାମୂଳକ କରାଯାଇଥିବା ବେଳେ, କୋଭିଡ -୧୯ ର ନିୟମାବଳିକୁ ଅନୁକରଣ କରିବାକୁ କୁହାଯାଇଛି । ସେହିପରି ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ ଅବସ୍ଥିତ ଦେବକୁଣ୍ଡ ମଧ୍ୟ ପର୍ଯଟକମାନଙ୍କ ଭ୍ରମଣ ପାଇଁ ଚଳିତ ୨୦୨୨ ମସିହା ନଭେମ୍ବର ୧ ତାରିଖ ଠାରୁ ଖୋଲାଯିବ । ଦେବକୁଣ୍ଡକୁ ଯିବା ପାଇଁ ପ୍ରଥମ ଫାଟକରୁ ଅନୁମତି ପତ୍ର ଦିବା ୦୭ ଘଟିକା ଠାରୁ ୨ ଘଟିକା ପର୍ଯ୍ୟନ୍ତ ମିଳିବ । ଏହି ଫାଟକ ଠାରୁ ଭାରି ଯାନ ପ୍ରବେଶ ନିଷେଧ ଏବଂ ଦିତୀୟ ଫାଟକରୁ ସମସ୍ତ ଯାନକୁ ନିଷେଧ କରାଯାଇଛି ।

## ୨ଦିନରେ ୯ଚୋରୀ, ଖଇରାରେ କୋକୁଆଭୟ

ଖଇରା,୨୮/୧୦(ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ନନ୍ଦୁର ପଞ୍ଚାୟତ ଅଧୀନ ରୁଡିଙ୍ଗିଆ ଗ୍ରାମର ୬ଘରୁ ଓ ସାରୁଗାଁ ପଞ୍ଚାୟତ ର ମିଟୁଆଣି ବଜାରର ୩ବ୍ୟବସାୟୀଙ୍କ ଦୋକାନରୁ ଚୋରି ହୋଇ ଯାଇଥିବା ନେଇ ଖଇରା ଥାନାରେ ଲିଖିତ ଅଭିଯୋଗ ହୋଇଛି । ଖଇରା ପୋଲିସ ଶୁକ୍ରବାର ଦିନ ଉଭୟ ସ୍ଥାନକୁ ଯାଇ ପ୍ରାଥମିକ ତଦନ୍ତ କରି ଫେରିଥିଲେ ଚୋର ମାନଙ୍କ ବିଷୟରେ ସନ୍ଧାନ ଯୋଗାଡ କରିପାରିନାହିଁ । ଦୁର୍ବୃର୍ତ୍ତ ମାନେ ଗୁରୁବାର ରାତିରେ ମିଟୁଆଣି ହାଟରେ ଥିବା ଗୌରାଙ୍ଗ ଧରଙ୍କ ତେଜରାତି ଦୋକାନରୁ ନଗଦ ୨୦ହଜାର ଟଙ୍କା ଓ ତେଜରାତି ସାମଗ୍ରୀ,ସରୋଜ କୁମାର ଦାସଙ୍କ ପରିବା ଦୋକାନରୁ ନଗଦ ୫ହଜାର ଟଙ୍କା,ଭୋଳାନାଥ ମହାନ୍ତିଙ୍କ ମନୋହରୀ ଦୋକାନରୁ ନଗଦ ୧୦ହଜାର ଟଙ୍କା ଚୋରାଇ ନେଇଥିବାର ଅଭିଯୋଗରେ ଉଲ୍ଲେଖ ହୋଇଛି । ସେହିଭଳି ଦୁର୍ବୃର୍ତ୍ତ ମାନେ ବୁଧବାର ରାତିରେ ରୁଡିଙ୍ଗିଆ ଗ୍ରାମର ରାଜୁ ନାୟକ, ବାସନ୍ତି ବରାଳ, କୈଳାସ ବରାଳ, ପ୍ରଫୁଲ୍ଲ ଘଡେଇ,ଶିବ ଘଡେଇ, ମହେନ୍ଦ୍ର ବରାଳଙ୍କ ଘର କାବଟ ଭାଙ୍ଗି ଭିତରେ ପଶିଥିବାର ଅଭିଯୋଗ ହୋଇଛି । ୨ମାସ ମଧ୍ୟରେ ପାଖାପାଖି ୧୦ଟି ଚୋରି ଘଟଣା ଘଟି ଯାଇଥିବା ବେଳେ ଗ୍ରାମବାସୀ ବିଶେଷ କରି ବ୍ୟବସାୟୀ ମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି ।

## ଭୁବନେଶ୍ୱର ଓକିଲ ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ

ଭୁବନେଶ୍ୱର, ୨୮/୧୦(ନି.ପ୍ର): ଭୁବନେଶ୍ୱରକୁ ହାଇକୋର୍ଟ ସ୍ଥାନାନ୍ତର ଦାବି ନେଇ ଶୁକ୍ରବାର ଭୁବନେଶ୍ୱର ଓକିଲମାନଙ୍କ ଦ୍ୱାରା ଆନ୍ଦୋଳନ କରାଯାଇଥିଲା । କୋର୍ଟର ମୁଖ୍ୟ ଫାଟକ ନିକଟରେ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ପ୍ରତିବାଦ କରି ଓକିଲମାନେ ଧାରଣା ଦେଇଥିଲେ । ୨୦୧୩ମସିହାରୁ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ପ୍ରତିମାସ ଶେଷ ଶୁକ୍ରବାର ଏଥି ପାଇଁ ଆନ୍ଦୋଳନ କରାଯାଉଛି । ଭୁବନେଶ୍ୱରରେ ହାଇକୋର୍ଟ ସ୍ଥାପନ ହେଲେ ବହୁ ଆଇନଜୀବୀ ଓ ଜନସାଧାରଣ ଉପକୃତ ହେବେ। ଏହି ଶାନ୍ତିପୂର୍ଣ୍ଣ ଧାରଣାରେ ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ସଂଘର ସଭାପତି ରବି ନାରାୟଣ ସାମନ୍ତରାୟ, ଉପସଭାପତି ଅଭିମନ୍ୟୁ ସ୍ୱାଇଁ, ସମ୍ପାଦକ ରାଜ୍ କିଶୋର ଦାସ, ଯୁଗ୍ମ ସମ୍ପାଦକ ଅଶୋକ ବଡ଼ପଣ୍ଡା, ସହ ସମ୍ପାଦକ ରାଜେନ୍ଦ୍ର କୁମାର ଦାସ, କୋଷାଧ୍ୟକ୍ଷ ଦିବାକର ମିଶ୍ର, ଚିତ୍ରସେନ ଶ୍ରୀଚନ୍ଦନ, କୁଳଦିପ ରାଉତରାୟ, ଅନୋଜ କୁମାର ନାୟକ, ଶିଳଭଦ୍ର ଶାସ୍ତ୍ରୀ, ଡ. ଲିଙ୍ଗରାଜ ସାହୁ, ଉପେନ୍ଦ୍ର ସାମନ୍ତରାୟ, ସରୋଜ ସାହୁ ଓ ଯୁବ ଆଇନଜୀବୀମାନେ ସାମିଲ ହୋଇଥିଲେ ।

## ଟ୍ରାନ୍ସଫରମର ପୋଡି : ୩ମାସ ଧରି ଗାଁଲୋକେ ପିଇବା ପାଣିରୁ ବଞ୍ଚିତ

ଜଳେଶ୍ୱର, ୨୮/୧୦(ନି.ପ୍ର): ବିଦ୍ୟୁତ୍ ସରବରହ ବନ୍ଦ ହୋଇଥିବାରୁ ଜଳେଶ୍ୱର ବ୍ଲକର ଏକ ଗାଁକୁ ୩ମାସ ଧରି ପିଇବାପାଣି ଯୋଗାଣ ବନ୍ଦ ରହିଥିଲା । ଫଳରେ ଶତାଧିକ ବ୍ୟକ୍ତି ପାଣି ପଇବାରୁ ବଂଚିତ ହୋଇଛନ୍ତି । ଏ ସମ୍ପର୍କରେ ଗ୍ରାମବାସୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଆସନ୍ତା ୩ ଦିନ ମଧ୍ୟରେ ବିଦ୍ୟୁତ ସରବରାହ ହେବ ବୋଲି ଜଣା ପଡିଛି । ଗତ ଅଗଷ୍ଟ ମାସ ୪ ତାରିଖରେ ଜଳେଶ୍ୱର ବ୍ଲକର ମହମ୍ମଦନଗର ପାଟଣା ପଂଚାୟତର ତରିବତପୁର ଗାଁରେ ଥିବା ଟ୍ରାନ୍ସଫରମରଟି ପୋଡି ଯାଇଥିଲା । ବିଜୁଳି ବିଲ ପ୍ରାୟ ୭୦ହଜାର ଟଙ୍କା ବାକି ଥିବାରୁ ଗ୍ରାମବାସୀ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ତାହା ପୈଠ ହୋଇ ନ ଥିବାରୁ ବିଦ୍ୟୁତ୍ ସରବରାହ ହୋଇ ପାରିନଥିଲା । ଫଳରେ ତରିବତ୍ ଗ୍ରାମବାସୀ ପିଇବା ପାଣିରୁ ବଂଚିତ ହେବା ସହିତ କେତେକ ପରିବାର ଅନ୍ଧକାରରେ କାଳାତିପାତ କରି ଆସୁଥିଲେ । ପ୍ରକାଶ ଯୋଗ୍ୟ ଜଳେଶ୍ୱର ବ୍ଲକରେ ଥିବା ପିଇବାପାଣି ପ୍ରକଳ୍ପ ର ବହୁ ବିଲ୍ ବାକି ପଡିଥିବା ବେଳେ ଏ ଗୁଡିକୁ ବ୍ଲକ ପକ୍ଷରୁ ପର୍ଯ୍ୟାୟକ୍ରମେ ଦିଆଯାଇ ଆସୁଛି । ଉକ୍ତ ପ୍ରକଳ୍ପର ବିଲ୍ ଦିଆଯାଇ ପାରିନଥିବାରୁ ବିଦ୍ୟୁତ୍ ସଂଯୋଗ ହୋଇ ପାରିନଥିବା ପ୍ରକାଶ । ଏ ସଂପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ଜଳେଶ୍ୱର ବିଡିଓଙ୍କୁ ଦୃଷ୍ଟି ଆକର୍ଷଣ କରି ଆନ୍ଦୋଳନର ଚେତାବନି ଦିଆଯାଇଥିଲା । ଆଜି ବକେୟା ବିଲ ୭୦ହଜାର ଟଙ୍କା ପୈଠ ହୋଇଥିବାର ସରପଂଚ ଅରୁଣ ସେନାପତି ପ୍ରକାଶ କରିଛନ୍ତି । ଫଳରେ ନୂତନ ଟ୍ରାନ୍ସଫରମରଟି ଅବସ୍ଥାପିତ ହେବ ବୋଲି ବିଦ୍ୟୁତ୍ ବିଭାଗ ପକ୍ଷରୁ ଜଣାପଡିଛି ।

## ସିଇଓଙ୍କ ପାଖରେ ଫେରାଦ ହେଲା ବିଜେଡି

ଭୁବନେଶ୍ୱର,୨୮/୧୦ (ନି.ପ୍ର): ବିଜେପି ବିରୁଦ୍ଧରେ ପୁଣି ସିଇଓଙ୍କ ପାଖରେ ଫେରାଦ ହୋଇଛି ବିଜେଡି। ବିଜେଡି ଅଭିଯୋଗ କରିଛି ଯେ ଧାମନଗର ନିର୍ବାଚନରେ ପରାଜୟ ସୁନିଶ୍ଚିତ ବୋଲି ବିଜେପି ଜାଣି ସାରିଛି। ବିଜେପିର ନେତା ଓ କର୍ମୀ ହାରିବା ଭୟରେ ନାରୀଶକ୍ତିକୁ ଆକ୍ରମଣ କରୁଛନ୍ତି। ଲଗାତାର ବିଜେପି ପକ୍ଷରୁ ମିଶନ ଶକ୍ତି ମା ମାନଙ୍କୁ ଅପମାନିତ କାରାଯାଉଛି। ଦଳର ବରିଷ୍ଠ ନେତା ତଥା ସରକାରଙ୍କ ରାଜସ୍ୱ ମନ୍ତ୍ରୀଙ୍କୁ ଅଟକ ପାଇଁ ଉଦ୍ୟମ କରିବା, ପ୍ରଚାର କରେଇ ନ ଦେବା ପାଇଁ ଉଦ୍ୟମ ସମଗ୍ର ନାରୀ ଜାତି ପାଇଁ ଅପମାନ। ବିଜେପି ମିଛ ଅଭିଯୋଗ ଆଣି ସିଇଓଙ୍କୁ ଭେଟିବା ନିଜର ଏକ ଅଭ୍ୟାସରେ ପରିଣତ ହୋଇଛି। ବିଜେପି ନେତା ଓ କର୍ମୀଙ୍କ ଏଭଳି କାର୍ଯ୍ୟକଳାପ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେଡି ମୁଖପାତ୍ର ତଥା ଓଟିଡିସି ଅଧ୍ୟକ୍ଷ ଲେନିନ ମହାନ୍ତିଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛି।

## ଶ୍ରୀନିକ୍ସ କଲେଜ ଅଫ ଇଂଜିନିୟରିଂ'ରେ କ୍ୟାମ୍ପସ ଚୟନ

ବାଲେଶ୍ୱର,୨୮/୧୦(ନି.ପ୍ର): ବାଲେଶ୍ୱର ଜିଲ୍ଲାର ଅନ୍ୟତମ ବୈଷୟିକ ଶିକ୍ଷାନୁଷ୍ଠାନ 'ଶ୍ରୀନିକ୍ସ କଲେଜ ଅଫ ଇଂଜିନିୟରିଂ'ରେ ଏକ କ୍ୟାମ୍ପସ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ଯଶୋବନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରକ୍ରିୟାରେ ପ୍ଲେସମେଣ୍ଟ ଅଫିସର ଇଂ. ଜନ୍ମେଜୟ ପଣ୍ଡା ଯୋଗଦେଇ କ୍ୟାମ୍ପସ ଚୟନରେ ଶିକ୍ଷାନୁଷ୍ଠାନର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ବେଙ୍ଗାଲୁରୁର ସେମିକଣ୍ଡକ୍ଟର ଓ ଚିପ୍ ଡିଜାଇନ କରୁଥିବା ବିହିଭ୍ ଡିଜାଇନ ପ୍ରାଇଭେଟ ଲିମିଟେଡ କମ୍ପାନୀର ରାଞ୍ଚି ଶାଖା ପାଇଁ ଇଲେକ୍ଟ୍ରିକାଲ ଓ ଇଲେକ୍ଟ୍ରୋନିକ୍ସ ଓ ଟେଲି କମ୍ୟୁନିକେସନ ଏବଂ କମ୍ପ୍ୟୁଟର ସାଇନ୍ସ ଇଂଜିନିୟରିଂ ବିଭାଗର ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି କ୍ୟାମ୍ପସରେ ଅଂଶଗ୍ରହଣ କରିଥିଲେ। ବିହିଭ୍ ଡିଜାଇନ ପ୍ରାଇଭେଟ ଲିମିଟେଡର ମାନବ ସମ୍ବଳ ଅଧିକାରୀ ଅନୀମେଶ ବିଶ୍ୱାସ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା କରାଇବା ସହ ଚୟନ ପ୍ରକ୍ରିୟା ପରିଚାଳନା କରିଥିଲେ। କଲେଜର ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ କ୍ୟାମ୍ପସ ଚୟନ ପ୍ରକ୍ରିୟା ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ସମସ୍ତ ମତ ପନ୍ଥ ଓ ମତବାଦର ସମନ୍ୱୟ ହିଁ ଶ୍ରୀ ଜଗନ୍ନାଥ

ଭଦ୍ରକ,୨୮/୧୦(ନି.ପ୍ର): ଶ୍ରୀ ଜଗନ୍ନାଥ ସମସ୍ତ ମତ ପନ୍ଥ ଓ ମତବାଦର ସମନ୍ୱୟ ବୋଲି ଶ୍ରୀ ଜଗନ୍ନାଥ ପ୍ରଚାର ସମିତି, ଭଦ୍ରକର ପ୍ରସିଦ୍ଧ କାଳିପୂଜା ଉପଲକ୍ଷେ ଆୟୋଜିତ ସମିତି ପକ୍ଷରୁ 'ମହା ସଂସ୍କୃତିର ଜାଗରଣ ଯାତ୍ରା' ବକ୍ତାଗଣ ମତ ପ୍ରକାଶ କରିଛନ୍ତି। ଶ୍ରୀ ଜଗନ୍ନାଥ କେବଳ ଓଡ଼ିଶା କିମ୍ବା ଓଡ଼ିଆ ଲୋକଙ୍କର ନୁହନ୍ତି। ମାନବୀୟ ମୂଲ୍ୟବୋଧ ଦିଗ୍‌ଦର୍ଶକ ଭାବରେ ବିଶ୍ୱରେ ପ୍ରତିଭାତ। ପ୍ରଚାର ସମିତି ପକ୍ଷରୁ ଆୟୋଜନି ସନ୍ଧ୍ୟା ଅଧିବେଶନରେ ଏକ ସାଧାରଣ ଆଧାତ୍ମିକ ସଭା ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗିରଥି



ନନ୍ଦ ଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ମୁଖ୍ୟ ବକ୍ତା ଭାବେ ସ୍ତମ୍ଭକାର ଶ୍ରୀଯୁକ୍ତ ଅଭୟ ଦ୍ୱିବେଦୀ, ସମ୍ମାନୀତ ଅତିଥିଭାବେ ସ୍ତମ୍ଭକାର ଇଂ ଅଭୟ ସୁତାର, ଫକିରମୋହନ ସାହିତ୍ୟ ସଂସଦ, ବାଲେଶ୍ୱରର ଯୁଗ୍ମ ସଂପାଦିକା ଶ୍ରୀମତୀ କଲ୍ୟାଣି ନନ୍ଦ, ବାସନ୍ତି ଦେ, ଶିଶୁ ସାହିତିକ ଶ୍ରୀ ଶଶଧର ମହନୀ ଯୋଗଦାନ କରି ଉପରୋକ୍ତ ମତ ପୋଷଣ କରିଥିଲେ। ସଭା ପ୍ରାରମ୍ଭରେ ସହ ଆବାହକ ଶ୍ରୀ ବାବୁଲାଲ ଦାସ ମଞ୍ଚ ଆମନ୍ତ୍ରଣ କରିଥିବାବେଳେ ଶ୍ରୀ ନାରାୟଣ ଚନ୍ଦ୍ର ପ୍ରଧାନ ଅତିଥି ମାନଙ୍କୁ ସମ୍ବର୍ଦ୍ଧନା ସହ ଉପଢୌକନ ପ୍ରଦାନକରି ସମ୍ବୋଧିତ କରିଥିଲେ। ମୁଖ୍ୟ ଆବାହକ ସେବକ ଶରତ ଚନ୍ଦ୍ର ସାହୁ ସମିତିର ୨୨ବର୍ଷର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଉତ୍ସବ ପ୍ରାରମ୍ଭରେ ଅତିଥିଗଣ ଶ୍ରୀ ଜଗନ୍ନାଥ ବିଗ୍ରହ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ, ଧୂପ, ଦୀପ ଓ ପୁଷ୍ପ ପ୍ରଦାନ ପୂର୍ବକ ଆରାଧନା କରିଥିଲେ। ସଭା ପ୍ରାରମ୍ଭରେ ପଣ୍ଡିତ ବିଷ୍ଣୁମୋହନ ପଣ୍ଡା ବେଦ ପାଠ କରିଥିଲେ। ଶ୍ରୀ ସନେଇ ଶୀଅଳ, ପଦ୍ମଲୋଚନ ମହାପାତ୍ର ସହଯୋଗ କରିଥିଲେ। ଶିକ୍ଷାବିତ୍ ଶଶଧର ମହନୀଙ୍କ ଦ୍ୱାରା ଲିଖିତ 'କିଶୋର ସ୍ୱାକ୍ଷର' ପତ୍ରିକା ଅତିଥି ମାନଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା।

# ହାରିବା ଭୟରେ ବିଜେପି ମିଛ ଅଡ଼ିଓର ସାହାରା ନେଉଛି : ବିଜେଡି

ଭୁବନେଶ୍ୱର, ୨୮/୧୦(ନି.ପ୍ର): ଧାମନଗର ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ପରାଜୟ ନିଶ୍ଚିତ ବୋଲି ଜାଣିଯିବା ପରେ ରାଜ୍ୟ ବିଜେପି ନେତା ଔଷଧ ବିକଳରେ ତାଟିଆ କାମୁଡ଼ିଲା ପରି ବାଉଳି ଚାଉଳି ହେଉଛନ୍ତି । ଜଣେ ମହିଳାଙ୍କ ମୁହଁ ଢାଙ୍କି ଟଙ୍କା ବଂଟା କରାଇବାର ଭିଡ଼ିଓ ଛାଡ଼ି ଏସ୍‌ଏଚ୍‌ଜି ମା'ମାନଙ୍କୁ ବଦନାମ କରିବାକୁ ବିଜେପି ଯେଉଁ କୁତ୍ସିତ ଚାଲ ଖେଳିଥିଲା ତାହା ବିଫଳ ହୋଇଯିବା ପରେ ଏବେ ସୋସିଆଲ ମିଡ଼ିଆରେ ଏକ ମିଥ୍ୟା ଅଡ଼ିଓ ଛାଡ଼ିଛନ୍ତି ଏବଂ କିଛି ପ୍ରମାଣ ନଥାଇ ଏଥିପାଇଁ ବିଜେଡ଼ିକୁ ଦାୟୀ କରିବାକୁ ଅପଚେଷ୍ଟା କରିଛନ୍ତି। ବିଜେଡ଼ି ପକ୍ଷରୁ ଏହାକୁ ତୀବ୍ର ନିନ୍ଦା କରାଯିବା ସହ 'ଚୋରି କରି ସିନା ଜୋରି' ଦେଖାଇବା ବିଜେପିର ପୁରୁଣା ଅଭ୍ୟାସ ବୋଲି କୁହାଯାଇଛି । ବିଜୁ ଜନତା ଦଳ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ଭୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି ଯେ ଧାମନଗର ନିର୍ବାଚନ ଯେତେ ପାଖେଇ ଆସୁଛି ବିଜେପି ଶିବିର ସେତେ ହତୋତ୍ସାହିତ ହେବାରେ ଲାଗିଛି । ବିଜେପିକୁ ହାରିବା ଭୟ ଏତେ ଘାରିଛି ଯେ ସେମାନେ ଗୋଟିଏ ପରେ ଗୋଟିଏ ଭୁଲ୍ କରିଚାଲିଛନ୍ତି । ରାଜ୍ୟ ବିଜେପି ନେତୃବୃନ୍ଦ ପୁଣିଥରେ ସୋସିଆଲ ମିଡ଼ିଆରେ ନିଜ ହାତ ତିଆରି ଏକ ଅଡ଼ିଓ ଛାଡ଼ି ବିଜେଡ଼ି ବିରୋଧରେ ସାଇବର ଥାନାରେ ହାସ୍ୟାସ୍ପଦ ଅଭିଯୋଗ ଆଣିଛନ୍ତି । କିଛି ପ୍ରମାଣ ନଥାଇ ସେମାନେ ବିଜେଡ଼ି ବିରୋଧରେ ଏଭଳି ମିଥ୍ୟା ଅଭିଯୋଗ ଆଣିଥିବାରୁ ବିଜେପି ଏବେଠୁ କେତେ ହତାଶ ହୋଇପଡ଼ିଲାଣି ତାହା ବୁଝି ହେଉଛି । ବାରମ୍ବାର ଏଭଳି କପୋଳକଳ୍ପିତ ମିଛ ଅଡ଼ିଓ କିଏ ତିଆରି କରିଛି ଏବଂ ପ୍ରରୋଚନାରେ ତିଆରି ହୋଇଛି ତାହା ସ୍ପଷ୍ଟ ଜଣାପଡ଼ି ଯାଉଛି । ତେଣୁ ଲୋକଙ୍କୁ ଅଯଥାରେ ବିଭ୍ରାନ୍ତ ନ କରି ଯଦି ସତସାହାସ ଅଛି ତେବେ ବିଜେପି ନେତାମାନେ ଏଥିରେ ବିଜେଡ଼ିର କଥିତ ସମ୍ପୃକ୍ତି ନେଇ ପ୍ରମାଣ ଦିଅନ୍ତୁ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୧୯ ପରଠୁ ରାଜ୍ୟରେ ଯେତୋଟି ଉପନିର୍ବାଚନ ହୋଇଛି, ସବୁଥିରେ ବିଜୁ ଜନତା ଦଳର ପ୍ରାର୍ଥୀ ବିଜେପି ପ୍ରାର୍ଥୀଙ୍କୁ ବଡ଼ ବ୍ୟବଧାନରେ ହରାଇଛନ୍ତି । ଏପରିକି ପୂର୍ବରୁ ବିଜେପି ଦଖଲରେ ଥିବା ବାଲେଶ୍ୱର ସଦର ଆସନକୁ ମଧ୍ୟ ଉପନିର୍ବାଚନରେ ଆମ ଦଳ ବିଜେପି ହାତରୁ ଛଡ଼ାଇ ଆଣିଛି । ତେଣୁ ଧାମନଗରରେ ମଧ୍ୟ ସମାନ ଫଳାଫଳ ହେବାକୁ ଯାଉଥିବା ଜାଣିପାରି ରାଜ୍ୟ ବିଜେପି ନେତୃବୃନ୍ଦ ହତାଶ ହୋଇ ବିଜେଡ଼ି ବିରୋଧରେ ଏଭଳି ଗୋଟିଏ ପରେ ଗୋଟିଏ ମିଥ୍ୟା, କପୋଳକଳ୍ପିତ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଅଭିଯୋଗ ଆଣିବାରେ ଲାଗିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଧାମନଗରରେ ମାତୃଶକ୍ତି ....

ଶହୀଦ ନଗରରେ ନିର୍ବାଚନୀ ପ୍ରଚାର କରିବା ସହ ଦଳୀୟ ପ୍ରାର୍ଥୀ ସୂରଜଙ୍କୁ ଭୋଟ୍ ଦେବା ପାଇଁ ନାଗରିକଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ସ୍ୱାଭିମାନୀ ଧାମନଗର ଜନତାଙ୍କ ବିଜେପି ପ୍ରତି ଆସ୍ଥା ଅବର୍ଣ୍ଣନୀୟ। ଧାମନଗରର କୋଣ ଅନୁକୋଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଜନତାଙ୍କ ଆସ୍ଥା ବଢ଼ିଛି । ଆଜିର ପଦଯାତ୍ରାରେ ଦିବଙ୍ଗତ ବିଷ୍ଣୁ ସେଠୀ, ବିଜେପି ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ ଓ ବରିଷ୍ଠ ନେତା ମନମୋହନ ସାମଲଙ୍କ ପ୍ରତି ଥିବା ଶ୍ରଦ୍ଧା ପ୍ରତିଫଳିତ ହୋଇଛି। ବିଶେଷ ଭାବରେ ମାଆ ମାନେ ରାସ୍ତାକୁ ଆସି ଦଳ ପ୍ରତି ଆସ୍ଥାପ୍ରକଟ କରିଥିବା ବେଳେ ଯୁବଶକ୍ତି ସହଯୋଗୀ ହୋଇଛନ୍ତି । ସ୍ୱର୍ଗତ ବିଷ୍ଣୁ ଭାଇ ଏ ଅଂଚଳର ଦରଦୀ, ପରିଶ୍ରମୀ ଓ ପାରଦର୍ଶୀ ନେତା ଥିଲେ। ତାଙ୍କର ଲୋକପ୍ରିୟତା ଓ ବିଜେପି ପ୍ରତି ଥିବା ଧାମନଗରବାସୀଙ୍କ ବିଶ୍ୱାସ ଆଗରେ ଶାସକ ଦଳର ଅପପ୍ରଚାର କାମ ଦେବ ନାହିଁ । ଧାମନଗରର ଜନତା ପୁନର୍ବାର ଭାରତୀୟ ଜନତା ପାର୍ଟିକୁ ଜିତାଇବେ ଓ ମୋଦି ସରକାରଙ୍କ ବିକାଶରେ ଭାଗିଦାରୀ ହେବେ। ରାଜ୍ୟରେ ଦୀର୍ଘ ୨୨ ବର୍ଷର ଶାସନରେ ସ୍ୱାସ୍ଥ୍ୟ, ଶିକ୍ଷା, ରୋଜଗାର ଓ ଲୋକମାନଙ୍କ ପାଇଁ ଅନେକ ମୌଳିକ ସୁବିଧା ନାହିଁ। ଧାମନଗରର ଲୋକମାନେ ଦାଦନ ଖଟିବାକୁ ଯାଉଛନ୍ତି। ରାଜ୍ୟରେ ଶାସକ ଦଳ ପ୍ରତି ଆଉ ଜନସମର୍ଥନ ନାହିଁ । ଏଥିପାଇଁ ବିଭିନ୍ନ ଅପପ୍ରଚାର କରାଯାଇ ନିର୍ବାଚନକୁ ପ୍ରଭାବିତ କରିବାର ଅପଚେଷ୍ଟା କରାଯାଉଛି ।

## କ୍ରିପ୍ଟୋକରେନ୍ସିରେ ଚୋରିଧନ ....

ମୁଖ୍ୟଯନ୍ତ୍ରୀଙ୍କର କ୍ରିପ୍ଟୋକରେନ୍ସି ଲିଙ୍କ ସାମ୍ନାକୁ ଆସିଛି । ଅର୍ଥାତ୍ ଯନ୍ତ୍ରୀ ନିହାର ରଞ୍ଜନ ଦାସ କ୍ରିପ୍ଟୋ କରେନ୍ସିରେ ଅର୍ଥ ଲଗାଇଥିବା ଜଣାପଡ଼ିଛି । କ୍ରିପଟ୍ଟୋ କରେନ୍ସି ସମ୍ବନ୍ଧିତ ତଥ୍ୟ ନଷ୍ଟ ପାଇଁ ଉଦ୍ୟମ କରି ଏ ସମ୍ପର୍କିତ କାଗଜପତ୍ର ଓ ମୋବାଇଲ ଫୋପାଡ଼ି ଦେଇଥିଲେ ଯନ୍ତ୍ରୀ । ଯାହାକୁ ଜବତ କରିଛି ଭିଜିଲାନ୍ସ । ନିହାର କ୍ରିପ୍ଟୋ କାରବାର କରୁଥିବା ନେଇ ୩୮ଟି କାଗଜପତ୍ର ଭିଜିଲାନ୍ସ ହାତରେ ଲାଗିଛି । ନିହାର ଏକ ମୋବାଇଲ ଫୋନ୍ ଯୋଗେ ଏହି ସନ୍ଦିଗ୍ଧ କ୍ରିପଟ୍ଟୋ କରେନ୍ସି ସମ୍ବନ୍ଧିତ କାଗଜପତ୍ର ନଷ୍ଟ କରିବାକୁ ଉଦ୍ୟମ କରୁଥିବା ଜଣାପଡ଼ିଛି । ବର୍ତ୍ତମାନ ସୁଦ୍ଧା ତାଙ୍କ ଘରୁ ନଗଦ ୧ ଲକ୍ଷରୁ ଅଧିକ ଟଙ୍କା ଜବତ କରାଯାଇଛି ।

## ପ୍ରଧାନମନ୍ତ୍ରୀ ମୋଦୀଙ୍କ ....

ମୋଦୀଙ୍କ ଏକ ସ୍ୱତନ୍ତ୍ର ବିଦେଶ ନୀତି ରହିଛି । ନିଜ ଦେଶବାସୀଙ୍କୁ ହିତକୁ ନେଇ ଚିନ୍ତା କରନ୍ତି ଏବଂ ପଦକ୍ଷେପ ଗ୍ରହଣ କରନ୍ତି । ଯୁଦ୍ଧ ଭିତରେ ଭାରତ ଓ ଋଷ ସମ୍ପର୍କରେ ଫାଟ ସୃଷ୍ଟି କରିବାକୁ ଅନେକ ଦେଶ ଚେଷ୍ଟା କରିଥିଲେ କିନ୍ତୁ ମୋଦୀ ନିଜର ମଜବୁତ ସିଦ୍ଧାନ୍ତ ଓ ନିଷ୍ପତ୍ତି ସହ ରୁଷ ସହ ସମସ୍ତ ପରିସ୍ଥିତିରେ ଛିଡା ହୋଇଛନ୍ତି । ଯୁଦ୍ଧ ଭିତରେ ଆମେରିକା ଓ ପାଶ୍ଚାତ୍ୟ ଦେଶମାନେ ଭାରତ ଉପରେ ପ୍ରତିବନ୍ଧକ ଲଗାଇବା ଚେଷ୍ଟା କରିଥିଲେ ସୁଦ୍ଧା ଭାରତ ନନେଇ ଋଷ ସହ ସଚ୍ଚୋଟତାର ସହ ବନ୍ଧୁତା ପାଳୁଛି । ଏଥସହ ଭାରତର ମେକ ଇନ ଇଣ୍ଡିଆକୁ ମଧ୍ୟ ପୁଟିନ ଭୁରି ଭୁରି ପ୍ରଶଂସା କରିଛନ୍ତି । ମୋଦୀ ସରକାରଙ୍କ ଶାସନ ସମୟରେ ଭାରତ ବିକାଶ ପଥରେ ଆଗେଇଛି । ମେକ ଇନ ଇଣ୍ଡିଆ ଏକ ଐତିହାସିକ ପ୍ରଗତି । ମୋଦି ସରକାରଙ୍କ ଆର୍ଥିକ ଓ ନୈତିକ ବିଚାର ଭାରତର ଉଜ୍ଜଳ ଭବିଷ୍ୟତ ପାଇଁ ବେଶ ସହାୟକ ହେବ । ୟୁକ୍ରେନ ସହ ଯୁଦ୍ଧ ଏବଂ ଆମେରିକା ସହ ବିବାଦ ଭିତରେ ମୋଦୀଙ୍କ ଭୁରି ଭୁରି ପ୍ରଶଂସା କରିଛନ୍ତି ପୁଟିନ । ଯେଉଁଭଳି ଅନ୍ଦାଜରେ ମୋଦୀଙ୍କ ପ୍ରଶଂସା ପୁଟିନ କରିଛନ୍ତି ଏହାକୁ ଅନ୍ୟ ରାଷ୍ଟ୍ରନେତା ମାନେ କିଭଳି ଗ୍ରହଣ କରୁଛନ୍ତି ତାହା ଆଗାମୀ ଦିନରେ ଜଣାପଡିବ ।

## ଓସିଏର ସଭାପତି ହେଲେ...

ରାଯିବ ବୋଲି କହିଛନ୍ତି ସଭାପତି ପ୍ରଣବ ପ୍ରକାଶ ଦାସ। ଏହାସହ ଯେଉଁ ଭିଜନ୨୦୨୪ ପାଇଁ ରହିଥିଲା ତାହା ଉପରେ ଆହୁରି ଦୃଷ୍ଟି ଦିଆଯିବ। ସଞ୍ଜୟ ବେହେରାଙ୍କ ପ୍ୟାନେଲର ୬ ଜଣ ସଦସ୍ୟ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସଭାପତି ପଦ ପାଇଁ ପ୍ରଣବ ପ୍ରକାଶ ଦାସ, ଉପସଭାପତି ପାଇଁ ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ପଦ ପାଇଁ ସଂଜୟ ବେହେରା, କୋଷାଧକ୍ଷ ପଦ ପାଇଁ ବିକାଶ ପ୍ରଧାନ, ସହ ସମ୍ପାଦକ ପାଇଁ ପ୍ରଭାତ ଭୋଳ ଓ ଆପେକ୍ସ କାଉନସିଲ ପଦ ପାଇଁ ପ୍ରତାପ ଚନ୍ଦ୍ର ପ୍ରଧାନ ନାମାଙ୍କନ ଦାଖଲ କରିଥିଲେ ।

## ଦିୱାଲି ପରେ ଦିଲ୍ଲୀକୁ କଲବଲ....

ଏକ୍ୟୁଆଇ ୩୩୩ ରହିଥିବା ବେଳ ଶୁକ୍ରବାଳ ସକାଳ ସାଢେ ନଅ ବେଳକୁ ଏହା ୪୪୩ ହୋଇଛି । ସେହିପରି ସବୁଠି ପ୍ରଦୂଷିତ ଅଂଚଳ ଭାବେ ଦିଲ୍ଲୀର ଆନନ୍ଦବିହାରକେନ୍ଦ୍ର ରହିଛି । ଏହା ପଛକୁ ୱାଜିରପୁର, ପଟପଡଗଞ୍ଜ, ବିବେକ ବିହାର, ପଞ୍ଜାବୀ ବାଗ, ଜାହାଙ୍ଗୀରପୁର ରହିଛି । ସେପଟେ ଯମୁନା ନଦୀ ବି ବିଷାକ୍ତ ହୋଇଛି । ନଦୀ ଜଳରେ ଧଳା ଫେଣ ଭାସୁଥିବାର ଚିତ୍ର ଆସିଛି ।

## ୫୦ବର୍ଷର ଖଇରା କାଳି ପୂଜା : ଦର୍ଶକଙ୍କ ମନ ମୋହୁଛି ସୁସଜ୍ଜିତ ମଣ୍ଡପ ଓ ତୋରଣ

ଖଇରା,୨୮/୧୦(ନି.ପ୍ର): ବାଲେଶ୍ୱର ଜିଲା ଖଇରା ବଜାରରେ ଗତ ୫୦ବର୍ଷ ଧରି ପାଳିତ ହୋଇ ଆସୁଥିବା କାଳି ପୂଜା ଚଳିତ ବର୍ଷ ବ୍ୟବସାୟୀଙ୍କ ସହଯୋଗରେ ପାଳିତ ହେଉଛି । ସୋମବାର ରାତିରେ ପଣ୍ଡିତ ଦ୍ୱାରିକାନାଥ ଶତପଥି ଓ ପ୍ରଫୁଲ୍ଲ କୁମାର ତ୍ରୀପାଠୀଙ୍କ ଦ୍ୱାରା ମାଙ୍କ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଯୋଗେଶ ଶତପଥି,ରବିନାରାୟଣ ଦାସ,ରତ୍ନାକର ସାହୁଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇଥିଲା । ପ୍ରତ୍ୟେକ ସଂଧ୍ୟାରେ ସୁସଜ୍ଜିତ ତୋରଣ,ପୂଜା ମଣ୍ଡପ ସହ ମେଳା ବୁଲିବାକୁ ଦର୍ଶକ ଭିଡ ଲଗାଇ ଥିବାର ପରିଲକ୍ଷିତ ହୋଇଛି । ଚଳିତ ବର୍ଷ ପୂଜା ୮ଦିନ ଚାଲିବାକୁ ଥିବା ବେଳେ ରବିବାର ମେଲୋଡି



ଏବଂ ସୋମବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ । ଖଇରା ବଜାରର ପୂର୍ବତନ ବ୍ୟବସାୟୀ ସ୍ୱର୍ଗତ ସୁଦର୍ଶନ ବାରିକ, ସ୍ୱର୍ଗତ ନିରଞ୍ଜନ ମହାପାତ୍ର, ସ୍ୱର୍ଗତ ରତ୍ନାକର ପଣ୍ଡା ଓ ବୟୋଜ୍ୟେଷ୍ଠ ରମାକାନ୍ତ ଲେଙ୍କାଙ୍କ ଦ୍ୱାରା ବ୍ୟବସାୟୀଙ୍କ ଉନ୍ନତି ଉଦ୍ଦେଶ୍ୟରେ ଅନ୍ୟୁନ ୫୦ବର୍ଷ ତଳେ ଛୋଟଧରଣର ପୂଜା ଆରମ୍ଭ ହୋଇଥିଲା । ଏବେ ପୂଜା କମିଟିର କର୍ମକର୍ତ୍ତା ଓ ସଦସ୍ୟ କ୍ୟାପଟେନ ରଘୁନାଥ ପାତ୍ର, ପ୍ରଶାନ୍ତ କୁମାର ବେହେରା, ଜଗତାନନ୍ଦ ମହାନ୍ତି, ରବିନ୍ଦ୍ର ବିଶ୍ୱାଳ,ପିତାମ୍ବର ନାୟକ,ବିଷ୍ଣୁପଦ ସାହୁ,ପିତାମ୍ବର ନାୟକ, ଜିତେନ୍ଦ୍ର ରାଉତ, ରମେଶ ଲେଙ୍କା, ଦୟାନିଧି ଜେନା, ପୂର୍ଣଚନ୍ଦ୍ର ମୁଖୀ, ଚିତ୍ତରଞ୍ଜନ ବିଶ୍ୱାଳ,ଜିତେନ୍ଦ୍ର ବେହେରା ପ୍ରମୁଖଙ୍କ ସହଯୋଗରେ ଚଳିତ ପୂଜା ଶାନ୍ତିଶୃଙ୍ଖଳାର ସହ ପାଳନ କରାଯାଉଛି ।

## ସରିଲା ପାରାଦୀପ ବନ୍ଦର ଟ୍ରଷ୍ଟ ବୋର୍ଡ ନିର୍ବାଚନ : ପ୍ରଥମ ସ୍ଥାନରେ ଶ୍ରୀକାନ୍ତ ଓ ଦ୍ୱିତୀୟ ସ୍ଥାନରେ ସୁନୀଲ

ପାରାଦୀପ,୨୮/୧୦(ନି.ପ୍ର): ଶୁକ୍ରବାର ଦିନ ପାରାଦୀପ ବନ୍ଦର ଟ୍ରଷ୍ଟ ବୋର୍ଡ ନିର୍ବାଚନ ଶୃଂଖଳାର ସହିତ ଶେଷ ହୋଇଛି । ଶୁକ୍ରବାର ଦିନ ସକାଳୁ ପାରାଦୀପ ବନ୍ଦରର ୪ ନମ୍ବର ଗେଟ୍ ଓ ବନ୍ଦର୍ ପ୍ରଶାସନିକ ଭବନର ଷ୍ଟେଟ ବିଭାଗରେ ଭୋଟରମାନେ ମତଦାନ କରିଥିଲେ । ମୋଟ୍ ୩୯୧ ଜଣ ମତଦାତାଙ୍କ ମଧ୍ୟରୁ ୩୮୨ ଜଣ ମତଦାନ କରିଥିଲେ। ସମସ୍ତଙ୍କୁ ଚକିତ କରି ଭାରତୀୟ ବନ୍ଦର ମଜଦୁର ସଂଘ ଏକ ନମ୍ବର ସ୍ଥାନ ଅଧିକାର କରିଛି । ସଂଘ ପକ୍ଷରୁ ଶ୍ରୀକାନ୍ତ ରାୟଙ୍କୁ ଟ୍ରଷ୍ଟି ପ୍ରାର୍ଥୀ ଭାବେ ମନୋନୟନ କରାଯାଇଥିଲା। ସଂଘକୁ ୧୦୭ଟି ଭୋଟ ମିଳିଛି। ସେହିଭଳି ଭାବେ ଦ୍ୱିତୀୟ ସ୍ଥାନରେ ପାରାଦୀପ ଏରସମା ଇଣ୍ଡଷ୍ଟ୍ରିୟାଲ୍ ଓ୍ୱାର୍କସ୍ ୟୁନିୟନକୁ ମିଳିଛି ୭୬ଟି ଭୋଟ୍। ପ୍ରଥମ ସ୍ଥାନ ଓ ଦ୍ୱିତୀୟ ସ୍ଥାନର ଭୋଟ୍ ବ୍ୟବଧାନ ସମସ୍ତଙ୍କୁ ଚକିତ



କରି ଦେଇଛି । ବି.ଆର୍.ଆମ୍ବେଦକର ୟୁନିୟନକୁ ୩୭ଟି, ପାରାଦୀପ ବନ୍ଦର ଶ୍ରମିକ ୟୁନିୟନକୁ ୪୩, ପାରାଦୀପ ପୋର୍ଟ ଡକ୍ ଆଣ୍ଡ କନ୍‌ଷ୍ଟ୍ରକସନ୍ ଓ୍ୱାର୍କସ୍ ୟୁନିୟନକୁ ୩ଟି, ପାରାଦୀପ ପୋର୍ଟ ଶ୍ରମିକ ସଂଘକୁ ୯ଟି, ପାରାଦିପ ପୋର୍ଟ ଓ୍ୱାର୍କସ୍ ୟୁନିୟନକୁ ୫୫ଟି, ଉତ୍କଳ ପୋର୍ଟ ଆଣ୍ଡ ଡକ୍ ଓ୍ୱାର୍କସ୍ ୟୁନିୟନକୁ ୫୧ଟି ଭୋଟ୍ ମିଳିଥିବା ବେଳେ ଗୋଟିଏ ଭୋଟ୍ ନାକଚ ହୋଇଛି ।

ଶନିବାର, ଅକ୍ଟୋବର ୨୯, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ୧୬ ତମ ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୨୮/୧୦(ନି.ପ୍ର): ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ଠାରେ ୧୬ତମ ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ ତ୍ରିଧାରା ଅନୁଷ୍ଠାନ ଦ୍ୱାରା ଶୁକ୍ରବାର ଏକ ବର୍ଣ୍ଣାଢ୍ୟ ପରିବେଶରେ ଉଦଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ସନ୍ଧ୍ୟାରେ ପ୍ରଥମ ଉପସ୍ଥାପନା ଥିଲା ତ୍ରିଧାରାର ବରିଷ୍ଠ ଓ କନିଷ୍ଠ ନୃତ୍ୟଶିଳ୍ପୀ ମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ । ସେମାନଙ୍କର ପ୍ରଥମ ପ୍ରସ୍ତୁତିରେ ଥିଲା ଲକ୍ଷ୍ମୀ ଅଷ୍ଟକମ୍ ଯାହାଗରୁଡ଼ ପୁରାଣର ଉଦ୍ଧୃତଏବଂ ଭଗବାନ ଇନ୍ଦ୍ରଙ୍କ ଦ୍ୱାରା ଦେବୀ ମହାଲକ୍ଷ୍ମୀଙ୍କର ପ୍ରଶଂସା କରି ଏହା ଜପ କରାଯାଇଥିଲା । ଦେବୀ ଲକ୍ଷ୍ମୀ ହେଉଛନ୍ତି ହିନ୍ଦୁମାନଙ୍କର ଧନ ଓ ସମୃଦ୍ଧିର ଦେବୀ । ମାଣବସା ଗୁରୁବାର ଦିନ ଘରେଘରେ ଏହି ସ୍ତୁତିକୁ ଗାନ କରାଯାଏ । ଏହି ନୃତ୍ୟଟିର ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁଗୋପାଳ ଚନ୍ଦ୍ର ପଣ୍ଡା, ବାଦ୍ୟ ସଂଯୋଜନା କରିଥିଲେ ଗୁରୁ ସଚ୍ଚିଦାନନ୍ଦ ଦାସଏବଂ ଶବ୍ଦ ଓ ନୃତ୍ୟ ସଂରଚନା କରିଥିଲେ ଗୁରୁ ଗଜେନ୍ଦ୍ର ପଣ୍ଡା । ତ୍ରିଧାରା ଅନୁଷ୍ଠାନର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ପରବର୍ତ୍ତୀ ପ୍ରସ୍ତୁତିଟି ଥିଲା ଭାରତମାତାଙ୍କ ଉପରେ ସମର୍ପିତ ଓଡ଼ିଶୀ ନୃତ୍ୟ ବନ୍ଦେ ମାତରମ୍ ଯାହା ଆଜାଦି କା ଅମ୍ରିତ୍ ମହୋତ୍ସବ ଉପରେ ଆଧାରିତ ଥିଲା ।ଏହି ନୃତ୍ୟଟିର ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ସୁକାନ୍ତ କୁଣ୍ଡୁ, ବାଦ୍ୟ ସଂଯୋଜନା କରିଥିଲେ ସୁରେନ୍ଦ୍ର ମହାରଣା ଓ ନୃତ୍ୟ ସଂରଚନା କରିଥିଲେ ଗୁରୁ ଗଜେନ୍ଦ୍ର ପଣ୍ଡା । ସନ୍ଧ୍ୟାର ଦ୍ୱିତୀୟ ଉପସ୍ଥାପନା ଥିଲା ବିଶିଷ୍ଟ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ବିଶାରଦ ପଣ୍ଡିତ ବିଶ୍ୱମୋହନ ଭଟ୍ଟ ଓ ତାଙ୍କ ନାତି ଅଥର୍ବ ଭଟ୍ଟଙ୍କ ଦ୍ୱାରା ମୋହନ ବିଣାବାଦନ । ତାଙ୍କ ବାଦନରେ ଥିଲା ରାଗ ଶ୍ୟାମ କଲ୍ୟାଣ ଉପରେ ଆଧାରିତ ଆଳାପ ଝୋଡ଼ଝାଲ, ରାଗ ବିଲମ୍ବିତ ତାଳ ତ୍ରୀତାଲ ଓ ରାଗ ଧୃତ ତାଳ ତ୍ରୀତାଲ । ତାଙ୍କୁ ତବଲାରେ ପ୍ରଶ୍ନୋଜିତ୍ ପୋଦାର ସହଯୋଗ କରିଥିଲେ । ତାଙ୍କର ମୋହନ ବିଣାବାଦନ ପ୍ରେକ୍ଷାଳୟରେ ଉପସ୍ଥିତ ଦର୍ଶକମାନଙ୍କ ରମନ ମୋହିବା ସହିତ କରତାଳି ସାଉଂଟିବାରେ ସକ୍ଷମ ହୋଇଥିଲେ ।

# ଅମର୍ଦ୍ଦା ଏୟାରଷ୍ଟ୍ରିପ କାର୍ଯ୍ୟକ୍ଷମ ଦାବିରେ 'ସ୍ୱାଭିମାନ ପଦଯାତ୍ରା'

ବାଲେଶ୍ୱର,୨୮/୧୦(ନି.ପ୍ର): ଅପର୍ଦ୍ଦାରୋଡ଼ ଏୟାରଷ୍ଟ୍ରିପକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦାବିରେ ଉତ୍ତର ଓଡ଼ିଶା ପର୍ଯ୍ୟଟନ ବିକାଶ ପରିଷଦ' ପକ୍ଷରୁ ଗତ ୨୬ ତାରିଖରୁ ମୟୁରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ଠାରୁ ଭୁବନେଶ୍ୱରର ରାଜଭବନ ଅଭିମୁଖେ ଆରମ୍ଭ ହୋଇଥିବା 'ସ୍ୱାଭିମାନ ପଦଯାତ୍ରା' ଶୁକ୍ରବାର ବାଲେଶ୍ୱର ଅତିକ୍ରମ କରିଛି ।



ସହରର ଫକୀର ମୋହନ ଗୋଲେଇ ଠାରେ ଅଭିଯାତ୍ରୀ ଦଳଙ୍କୁ ସ୍ୱାଗତ-ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସାମାଜିକ ସଂଗଠନ 'ଭଏସ ଅଫ ବାଲେଶ୍ୱର'ର ମୁଖ୍ୟ ତଥା ଉତ୍ତର ଓଡିଶା ପର୍ଯ୍ୟଟନ ବିକାଶ ପରିଷଦର କାର୍ଯ୍ୟକାରୀ ସଭାପତି ଅରଜିତ ଘୋଷାଲ ଯୋଗଦେଇ ଅମର୍ଦ୍ଦା ଏୟାରଷ୍ଟ୍ରିପକୁ ତୁରନ୍ତ କାର୍ଯ୍ୟକ୍ଷମ ଦାବିର ଯଥାର୍ଥତା ସମ୍ପର୍କରେ ସୂଚନା ଦେଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ୬୦୦ ଏକର ଜମିରେ ଏସିଆ ମହାଦେଶର ସର୍ବବୃହତ ଏହି ଏୟାରଷ୍ଟ୍ରିପ୍ ନିର୍ମାଣ କରାଯାଇଥିଲା । ଏସିଆର ଦୀର୍ଘତମ ରନ୍-ୱେ ଥିବା ଏହି ଏୟାର ଷ୍ଟ୍ରିପ୍ ମରାମତି ଅଭାବରୁ ଏବେ ବ୍ୟବହାର ଅନୁପଯୋଗୀ ହୋଇ ପଡିରହିଛି । ଏହାକୁ କେନ୍ଦ୍ର ସରକାର 'ଉଡାଣ' ଯୋଜନାରେ ସାମିଲ ନେଇ ଘୋଷଣା କରିଥିଲେ ବି ଏହା କାର୍ଯ୍ୟକ୍ଷମ ହେବାରେ ଅନିଶ୍ଚିତତା ଦେଖାଦେଇଛି ବୋଲି ଶ୍ରୀ ଘୋଷାଣ କହିଥିଲେ । ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ଯୁବ ସଂଗଠକ ଅସୀତ ଦାସ ପ୍ରମୁଖ ଏହି ପଦଯାତ୍ରା ଅଭିଯାନକୁ ସମର୍ଥନ ଜଣାଇବା ସହ ରାଜ୍ୟର ସ୍ୱାର୍ଥରକ୍ଷା ପାଇଁ ସ୍ୱର ଉତ୍ତୋଳନ ପାଇଁ ଆହ୍ୱାନ ଦେଇଥିଲେ । ବାଲେଶ୍ୱର ସହର ଅତିକ୍ରମ ବେଳେ ସୁଶାନ୍ତ ସାହୁ, ନିଶିତ ବାରିକ, ତାପସ ଦାସ, ସ୍ମୃତିତୀର୍ଥ ମହାନ୍ତି, ସରୋଜ ସାହୁ, ତାପସ ସାମଲ, ତପନ ସିଂ, ଅଜୟ ଦାସ, ସୁଶୀଲ ଜେନା ପ୍ରମୁଖ ଏଥିରେ ସାମିଲ ହୋଇ ଉତ୍ତର ଓଡିଶା ପର୍ଯ୍ୟଟନ ବିକାଶ ପରିଷଦ ଦାବି ପୂରଣ ପାଇଁ ସମର୍ଥନ ଜଣାଇବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ଏଥିରେ ଶ୍ରମିକ ନେତା ଶାନ୍ତନୁ ଦାସ, ତରୁଣ ରାଉତ, ଡକ୍ଟର ଶ୍ରୀମାନ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ରହି ଅମର୍ଦ୍ଦା ଏୟାରଷ୍ଟ୍ରିପକୁ ତୁରନ୍ତ କାର୍ଯ୍ୟକ୍ଷମ ଦାବିକୁ ସମର୍ଥନ ଜଣାଇଥିଲେ ।ଏହି ପଦଯାତ୍ରା ଭୁବନେଶ୍ୱର ପହଞ୍ଚିବା ପରେ ରାଜ୍ୟପାଳଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

# ଭଦ୍ରକରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମୀକ୍ଷା ବୈଠକ




ଭଦ୍ରକ,୨୮/୧୦(ନି.ପ୍ର): ଧାମନଗର ଉପନିର୍ବାଚନ କାର୍ଯ୍ୟ ପରିଚାଳନା ନେଇ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଏବଂ ବିଶେଷ କରି ରାଜନୈତିକ ଦଳଦ୍ୱାରା ପ୍ରଚାର ସମୟରେ ଆଦର୍ଶ ଆଚରଣ ବିଧି ଉଲଘଂନ ନେଇ ଆସିଥିବା ଅଭିଯୋଗର ତର୍ଜମା ଓ ସମୀକ୍ଷା କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଳ କୁମାର ଲୋହାନୀ ଆଜି ଭଦ୍ରକ ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତୃଘ୍ନ କର, ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ, ଏସ୍.ପି., ଭଦ୍ରକ, ଚରଣ ସିଂ ମୀନା, ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଏବଂ ଶାନ୍ତନୁ କୁମାର ମହାନ୍ତି, ଭଦ୍ରକ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଉପଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ । ଉପନିର୍ବାଚନ କାର୍ଯ୍ୟ ପରିଚାଳନା ପ୍ରସ୍ତୁତି, ଆଇନ୍ ଶୃଙ୍ଖଳା, ବିଭିନ୍ନ ଦିଗରେ ଧରପଗଡ଼, ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ଆଦି ବିଷୟରେ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ଦ୍ୱାରା ଦୃଶ୍ୟ ଫଳକ ଜରିଆରେ ଉପସ୍ଥାପନ ଆଧାରରେ ସି.ଇ.ଓ ପ୍ରତିଟି ଦିଗରେ ସମୀକ୍ଷା କରିଥିଲେ । ସଂପୃକ୍ତ ଦାୟୀତ୍ୱରେ ଥିବା ଉଚ୍ଚପଦସ୍ଥ ଅଧିକାରୀ ତଥା ଜିଲ୍ଲାସ୍ତରୀୟ ନୋଡ଼ାଲ ଅଧିକାରୀ ମାନଙ୍କୁ ପଚାରି ନିଆଯାଇଥିବା ପଦକ୍ଷେପ ସମ୍ବନ୍ଧରେ ବୁଝିଥିଲେ ଏବଂ ଆବଶ୍ୟକ ସ୍ଥଳେ ସଠିକ୍ ପଦକ୍ଷେପ ନେବାପାଇଁ ପରାମର୍ଶ ପ୍ରଦାନ କରିଥିଲେ । ଭୋଟରଙ୍କୁ ଲାଞ୍ଚଦେବା, ଭୋଟ ପାଇଁ ଧମକ ଦେବା, ଟଙ୍କା ବାଣ୍ଟିବା ପ୍ରଲୋଭନ ଦେଖାଇବା ଭଳି ଆଦର୍ଶ ଆଚରଣ ବିଧି ଉଲଘଂନ ଜନିତ ଅପରାଧର ସତ୍ୟତା ଥିଲେ ସେଥିପାଇଁ ଉଦ୍ଦିଷ୍ଟ ବିଭିନ୍ନ ଧାରା ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନେବାପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଆଦର୍ଶ ଆଚରଣ ବିଧି ଅବମାନନା ନେଇ ସଚେତନ ନାଗରିକମାନେ ନିର୍ବାଚନ ଆୟୋଗଦ୍ୱାରା ପ୍ରଚଳିତ ସି-ଭିଜିଲ ନାମକ ମୋବାଇଲ ଆପ୍ ଦ୍ୱାରା ସଂପୃକ୍ତ ଭିଡ଼ିଓ ଚିତ୍ର ଜିଲ୍ଲା ନିର୍ବାଚନ ଅଧିକାରୀ ମାନଙ୍କୁ ପ୍ରେରଣ କରି ପାରିବା ଓ ଅଭିଯୋଗ ମୂଳେ ୧୦୦ ମିନିଟ୍ ମଧ୍ୟରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବ୍ୟବସ୍ଥା ସମ୍ବନ୍ଧରେ ମଧ ବୈଠକରେ ସି.ଇ.ଓ. ପ୍ରକାଶ କରିଥିଲେ । ମତଦାନ କେନ୍ଦ୍ର ପରିଚାଳନା ପାଇଁ ପୋଲିଂ ଦଳକୁ ତାଲିମ ପ୍ରଦାନ, ପୋଲିଂ ମେଟେରିଆଲ୍, ନଭେମ୍ବର ୧ରେ ବୁଥ୍‌କୁ ପୋଲିଂ ଦଳ ପ୍ରେରଣ କରାଯିବା ବ୍ୟବସ୍ଥା, ମଡେଲ ବୁଥ, ପିଙ୍କ୍ ବୁଥ୍ ଆଦି ସମ୍ବନ୍ଧରେ ସି.ଇ.ଓ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ ।

## ରାଜ୍ୟରେ ନୂଆ ୪୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୮/୧୦(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୬୦୪୪ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୪୪ ଆକ୍ରାନ୍ତଙ୍କ ମଧ୍ୟରୁ ୨୭ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୧୭ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୫୯ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୬୪୬୯ ରେ ପହଂଚିଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୧୯ ରହିଛି । ରାଜ୍ୟରେ ନୂଆ ଚିହ୍ନଟ ହୋଇଥିବା ୪୪ ସଂକ୍ରମିତଙ୍କ ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ୩, ବରଗଡ଼ ଜିଲ୍ଲାରେ ୧, ବଲାଙ୍ଗିର ଜିଲ୍ଲାରେ ୩, କଟକ ଜିଲ୍ଲାରେ ୩, ଗଞ୍ଜାମ ଜିଲ୍ଲାରେ ୧, ଯାଜପୁର ଜିଲ୍ଲାରେ ୧ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ସୈନିକ ସ୍କୁଲରେ ନାମଲେଖା ପ୍ରବେଶିକା ପରୀକ୍ଷା ପାଇଁ ୩୦ ନଭେମ୍ବର ଯାଏଁ ଆବେଦନ

ଭୁବନେଶ୍ୱର, ୨୮/୧୦(ନି.ପ୍ର): ସର୍ବଭାରତୀୟ ସୈନିକ ସ୍କୁଲ ପ୍ରବେଶିକା ପରୀକ୍ଷା (ଏଆଇଏସଏସଇଇ) ୨୦୨୩ ପାଇଁ ଅନଲାଇନ ଆବେଦନ ପ୍ରକ୍ରିୟା ୨୧ ଅକ୍ଟୋବର ଠାରୁ ଆରମ୍ଭ ହୋଇଛି । ଛାତ୍ରଛାତ୍ରୀମାନେ https://aissee.nta.nic.in ୱେବସାଇଟରେ ୩୦ ନଭେମ୍ବର ଅପରାହ୍ଣ ୫ଟା ସୁଦ୍ଧା ଏଆଇଏସଏସଇଇ ପାଇଁ ଆବେଦନ କରିପାରିବେ । ଚଳିତ ବର୍ଷ ଭୁବନେଶ୍ୱର ସୈନିକ ସ୍କୁଲରେ ଷଷ୍ଠ ଶ୍ରେଣୀରେ ନାମଲେଖା ଲାଗି ଉଭୟ ଝିଅ ଓ ପୁଅ ପ୍ରବେଶିକା ପରୀକ୍ଷା ଦେବାକୁ ଆବେଦନ କରିପାରିବେ । ପୁଅଙ୍କ ପାଇଁ ୧୦୩ ଏବଂ ଝିଅଙ୍କ ପାଇଁ ୧୨ଟି ଆସନରେ ନାମ ଲେଖାଯିବ । ୨୦୨୩-୨୪ ଶିକ୍ଷା ବର୍ଷରେ ଷଷ୍ଠ ଶ୍ରେଣୀରେ ନାମ ଲେଖା ନିମନ୍ତେ ଛାତ୍ରଛାତ୍ରୀଙ୍କ ବୟସ ୩୧ ମାର୍ଚ୍ଚ ୨୦୨୩ ସୁଦ୍ଧା ୧୦ରୁ ୧୨ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ । ୮ ଜାନୁଆରୀ ୨୦୨୩, ରବିବାର ଦିନ ସର୍ବଭାରତୀୟ ସୈନିକ ସ୍କୁଲ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସ୍ଥଳସେନା, ନୌସେନା, ବାୟୁସେନାରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ରାଙ୍କ ଆଧାରରେ ସେମାନଙ୍କ ପିଲାମାନଙ୍କୁ ପ୍ରତିରକ୍ଷା ବର୍ଗରେ ପ୍ରତିରକ୍ଷା ବୃତି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କ ବୃତିଧାରୀ ଏବଂ ସବସିଡି ପାଉଥିବା ସବୁ ଛାତ୍ରଛାତ୍ରୀଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଭାଗ ବାବଦରେ ଅର୍ଥ ଦେବା ବ୍ୟତୀତ ଅତିରିକ୍ତ ପ୍ରତିରକ୍ଷା ବୃତି ଦେବାର ବ୍ୟବସ୍ଥା କରିଛନ୍ତି ।

## ପାରାଦୀପ ବନ୍ଦରରେ କାର୍ଯ୍ୟକ୍ଷମ ହେବ ମୋବାଇଲ୍ ଏକ୍ସରେ ସ୍କାନର

ପାରାଦୀପ,୨୮/୧୦(ନି.ପ୍ର): ପାରାଦୀପ ବନ୍ଦରରେ କଂଟେନର କାର୍ଗୋ ନିମନ୍ତେ ଏକ ମୋବାଇଲ୍ ଏକ୍ସରେ ସ୍କାନର କାର୍ଯ୍ୟକ୍ଷମ ହେବ । ୨୯.୬୮ କୋଟି ଟଙ୍କା ଏବାବଦରେ ବ୍ୟୟ କରାଯାଇଛି । ପାରାଦୀପ ଇଂଟରନ୍ୟାସନାଲ କାର୍ଗୋ ଲିମିଟେଡ୍(ପିଆଇସିଟି) ବର୍ଥ ପରିସରେ ଏହି ସ୍କାନର କାର୍ଯ୍ୟକ୍ଷମ ହେବ । କଂଟେନରରେ ପରିବହନ ହେଉଥିବା ପଣ୍ୟକୁ ସାଧାରଣ ଭାବେ ଯାଂଚ କରାଯାଉଥିଲା । ଏହି ମୋବାଇଲ୍ ଏକ୍ସରେ ସ୍କାନର କାର୍ଯ୍ୟକ୍ଷମ ହେବା ଦ୍ୱାରା ଯାଂଚ ପ୍ରକ୍ରିୟା ସରଳ ହୋଇପାରିବ । ବିଶେଷ ଭାବେ କଂଟେନରରେ ବିସ୍ଫୋରକ, ଅସ୍ତ୍ରଶସ୍ତ୍ର,ନିଶା ଦ୍ରବ୍ୟର କଂଟେନର ମାଧ୍ୟମରେ ଚୋରା ଚାଲଣକୁ ରୋକାଯାଇପାରିବ । ଏହି ମୋବାଇଲ୍ ଏକ୍ସରେ ସ୍କାନରକୁ ଆଟମିକ୍ ଏନର୍ଜି ରେଗୁଲେଟୋରୀ ବୋର୍ଡ୍ ଲାଇସେନ୍ସ ପ୍ରଦାନ କରିଛନ୍ତି । ଏହାକୁ ପରିଚାଳନା ପାଇଁ ପାରାଦୀପ କଷ୍ଟମ ବିଭାଗକୁ ଅନୁମତି ମିଳିଛି ।

# ପୁରାତନ ଛାତ୍ରଙ୍କ ତରଫରୁ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବସ୍ତା,୨୮/୧୦(ନି.ପ୍ର): ରୂପସା ସ୍ଥିତ ନୀଳମଣି ମହାବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କ ପକ୍ଷରୁ ଆଜି ନୂତନ କାର୍ଯ୍ୟଭାର ଗ୍ରହଣ କରିଥିବା ଅଧ୍ୟକ୍ଷତପନକୁମାର ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ପ୍ରାକ୍ତନ ଛାତ୍ର ମନୋରଞ୍ଜନ ନାୟକ ଓ ବିଜୟ କୁମାର ମହାପାତ୍ର ପୁଷ୍ପଗୁଚ୍ଛ ଦେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଶ୍ରୀଯୁକ୍ତ ବେହେରା ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସେମାନେ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ବିଷୟରେ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଥିଲେ । ଆଗାମୀ ଦିନରେ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ମହାବିଦ୍ୟାଳୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ସହଯୋଗ କରାଯିବ ବୋଲି ଅଧ୍ୟକ୍ଷଙ୍କୁ କଥା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# କର୍କଟ ରୋଗ ସମ୍ପର୍କିତ ସଚେତନତା କର୍ମଶାଳା




ବାଲେଶ୍ୱର,୨୮/୧୦(ନି.ପ୍ର): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ନିଳାଦ୍ରୀ ରୋଟାରୀ କ୍ଲବ ଭୁବନେଶ୍ୱର ଓ ବାଲେଶ୍ୱର ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ସ୍ତନକର୍କଟ ସମ୍ପର୍କିତ ସଚେତନତା କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘର ସଭାପତି ଇଂ. ବନମାଳି ନାୟକ ଅଧ୍ୟକ୍ଷତା କରିଥିଲେ । ଭୁବନେଶ୍ୱର ରୋଟାରୀ କ୍ଲବର ସଭାପତି ପୁଣ୍ୟଶ୍ଳୋକ ମହାନ୍ତି, ବାଲେଶ୍ୱର ରୋଟାରୀ କ୍ଲବ୍‌ର ସଭାପତି ଅସ୍ତାଦ ବୋଧନୱାଲା, ସମ୍ପାଦକ ଚିରଞ୍ଜିବୀ ରାୟ, ମୁକ୍ତାର ଅହମ୍ମଦ, କୁଲବୀର ଜଟାନିଆ, ଚେୟାରମ୍ୟାନ୍ ସ୍ୱାତୀ ଖଣ୍ଡେଲୱାଲ୍‌ଙ୍କ ସମେତ ଅବସରପ୍ରାପ୍ତ କର୍ମଚାରୀ ସଂଘର ବରିଷ୍ଠ ଉପଦେଷ୍ଟା ଧୀରେନ୍ଦ୍ର ନାରାୟଣ ଦାସ ଉପସ୍ଥିତ ଥିଲେ । ଆପୋଲୋ ହସପିଟାଲର କର୍କଟ ବିଶେଷଜ୍ଞ ଡାକ୍ତର ସଞ୍ଜୟ ମିଶ୍ର ଏଥିରେ ଯୋଗଦେଇ ଚିକିତ୍ସା ଓ ସଚେତନତା ସମ୍ପର୍କରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର କାର୍ଯ୍ୟକାରୀ ସଭାପତି ଇଂ. ଗୌରାଙ୍ଗ ସାହୁ, ସମ୍ପାଦକ ବସନ୍ତ କୁମାର ନାୟକ, ଯୁଗ୍ମ ସମ୍ପାଦକ ସୁଦର୍ଶନ ଦାସ, ଅର୍ଥ ସମ୍ପାଦକ ଦାମୋଦର ନାୟକ, ସଦସ୍ୟ ସୁଜିତ୍ ଜେନା ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶେଖ ଆଲ୍ଲାଉଦ୍ଦିନ୍, ଭବେଶ ଚନ୍ଦ୍ର ପଣ୍ଡା, ଜ୍ଞାନେନ୍ଦ୍ର ନାଥ ସାହୁ, ପଦ୍ମଲୋଚନ ଦତ୍ତ, ବିଜୟ କୁମାର ଦାସଅଧିକାରୀ, ବେଣୁଧର ସାହୁ, ସୁରେନ୍ଦ୍ର ନାୟକ, ହୃଷିକେଶ ସାହୁ, ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶା କଳା ଓ କ୍ରୀଡା ଶିକ୍ଷକ ସଂଘର ଗଣଧାରଣା

ଭୁବନେଶ୍ୱର, ୨୮/୧୦(ନି.ପ୍ର): ଆଜି ଲୋୟର ପି.ଏମ୍.ଜି. ଠାରେ ଓଡ଼ିଶା କଳା ଓ କ୍ରୀଡା ଶିକ୍ଷକ ସଂଘ ତରଫରୁ ଏକ ବିଶାଳ ରାଲିରେ ସବୁ ଜିଲ୍ଲାରୁ 'ପାର୍ଟ-ଟାଇମ୍' ସ୍କିମ୍‌ରେ ନିଯୁକ୍ତି ପାଇଥିବା ଶିକ୍ଷକ / ଶିକ୍ଷୟିତ୍ରୀମାନେ ନିୟମିତ ଶିକ୍ଷକ ମାନ୍ୟତା ପାଇବା ପାଇଁ ଆନ୍ଦୋଳନ କରିଥିଲେ । ମାସକୁ ମାତ୍ର ୫ ହଜାର ଟଙ୍କା ଦରମାରେ ନିଯୁକ୍ତି ପାଇଥିବା ପାର୍ଟ ଟାଇମ୍ ଶିକ୍ଷକମାନେ ଦିବା ୧୦ ଘଟିକାରୁ ୪ ଘଟିକା ପର୍ଯ୍ୟନ୍ତ ସ୍କୁଲ୍‌ମାନଙ୍କରେ ପିଲାଙ୍କୁ ଗୀତ, ନାଚ ଶିଖାଇବା ସହ କ୍ରୀଡା ଏବଂ ପାଠ ପଢାଇବାକୁ ପଡୁଥିବାର ଏବଂ ପାର୍ଟ ଟାଇମ୍ ଶବ୍ଦ ବ୍ୟବହାର ହେଉଥିବାରୁ ଆମର ସମ୍ମାନ ହାନି ସହ କମ୍ ଦରମାରେ କେମିତି ଚଳିବୁ ବୋଲି ପ୍ରଶ୍ନ କରିବା ସହ ସରକାର ଆମକ ମାରି ଦିଅନ୍ତୁ ବୋଲି କ୍ଷୋଭଭରା କଣ୍ଠରେ କହିଛନ୍ତି ଶିକ୍ଷୟିତ୍ରୀ ସତ୍ୟଜିତା ରାଉତ । ସେହିଭଳି ଆମେ ଦୀର୍ଘ ୨୦୧୩ ମସିହାରୁ ବାରମ୍ବାର ଆନ୍ଦୋଳନ କରିଆସୁଅଛୁ, ହେଲେ ସରକାର ଆମକୁ ସ୍କିମ୍ ଚାକିରୀ କରି ଆମ ଦାବି ଶୁଣୁନାହାନ୍ତି । ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଠକୁଥିବା ବେଳେ ଏ ସରକାର କ'ଣ ୫ ହଜାରରୁ ଉର୍ଦ୍ଧ୍ୱ କ୍ରୀଡା ଓ କଳା ଶିକ୍ଷକମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବାପାଇଁ ଅସମର୍ଥ କି ବୋଲି ପ୍ରଶ୍ନ କରିଛନ୍ତି ସଂଘର କାର୍ଯ୍ୟକାରୀ ସଭାପତି ମାନସ କୁମାର ମହାନ୍ତି ।

# ଓଡ଼ିଶା ସ୍ପେସିଆଲ୍ ଏଡୁକେଟର ଫେଡେରେସନ୍ ଫର ଦିବ୍ୟାଙ୍ଗ ସଂଘର ଗଣଧାରଣା

ଭୁବନେଶ୍ୱର, ୨୮/୧୦(ନି.ପ୍ର): ଆଜି ବିଧାନସଭା ସମ୍ମୁଖରେ ଅଲ୍ ଓଡ଼ିଶା ସ୍ପେସାଲ୍ ଏଡୁକେଟର ଫେଡେରେସନ୍ ପର ଦିବ୍ୟାଙ୍ଗ ସଂଘ ତରଫରୁ ତାଙ୍କର ଦୁଇ ଦଫା ଦାବି ପୂରଣ ପାଇଁ ଆନ୍ଦୋଳନ କରିଥିଲେ । ସୁପ୍ରିମକୋର୍ଟ ଗତବର୍ଷ ଆଜିର ତାରିଖରେ ଦିବ୍ୟାଙ୍ଗ ପିଲାଙ୍କୁ ପାଠ ପଢାଇବା ପାଇଁ ସବୁ ସ୍କୁଲରେ ସ୍ପେସାଲ୍ ଏଡୁକେଟର ନିଯୁକ୍ତି ଦେବାପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଓଡ଼ିଶା ସରକାର ଏପର୍ଯ୍ୟନ୍ତ ସ୍ପେସିଆଲ୍ ଏଡୁକେଟର ନିଯୁକ୍ତି ଦେଇନାହାନ୍ତି । ଫଳରେ ବହୁ ଶିକ୍ଷକମାନେ ଡିପ୍ଲୋମ, ବି.ଏଡ୍, ଏମ୍.ଏଡ୍ ଟ୍ରେନିଂ ସ୍ୱତନ୍ତ୍ର ଶିକ୍ଷାରେ ଦୁଇବର୍ଷିଆ କୋର୍ସ କରି ବର୍ଷବର୍ଷ ହେଲା ନିଯୁକ୍ତି ନପାଇ ଘରେ ବସିରହିଛନ୍ତି । ତେବେ ସରକାର ଆଜି ପର୍ଯ୍ୟନ୍ତ ନିଯୁକ୍ତି ଦେଉନାହାନ୍ତି କିମ୍ବା ଦିବ୍ୟାଙ୍ଗ ପିଲାଙ୍କ ଶିକ୍ଷା ଦେବାକଥା ବିଚାର କରୁନାହାଁନ୍ତି ବୋଲି କହିଛନ୍ତି ସଂଘର ସଭାପତି ଶ୍ରୀ ସୂର୍ଯ୍ୟକାନ୍ତ ବେହେରା । ସୁପ୍ରିମକୋର୍ଟଙ୍କ ରୁଲିଂ ଅନୁଯାୟୀ ପ୍ରାଥମିକ ସ୍ତରରେ ପ୍ରତି ୧୦ଜଣ ପିଲାଙ୍କ ପାଇଁ ଜଣେ ଲେଖାଏଁ ସ୍ପେସାଲ୍ ଏଡୁକେଟର ଓ ଉଚ୍ଚ ପ୍ରାଥମିକରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରତି ୧୫ଜଣ ପିଲାଙ୍କ ପାଇଁ ଜଣେ ଲେଖାଏଁ ସ୍ପେସାଲ ଏଡୁକେଟର ନିଯୁକ୍ତି ଦେବା କଥା । ହେଲେ ସରକାର ପ୍ରତି ବ୍ଲକରେ ଦୁଇଟି ଲେଖାଏଁ ବ୍ଲକ ରିସୋର୍ସ ଟିଚର ଭଳି ରାଜ୍ୟରେ ୬୩୨ଜଣଙ୍କୁ କେନ୍ଦ୍ର ସରକାରଙ୍କ ଏକ ସ୍କିମ ଦ୍ୱାରା ନିଯୁକ୍ତି ଦେଇ ଆମ୍ଭମାନଙ୍କ ନିଯୁକ୍ତି କଥା ବିଚାରକୁ ନେଉନାହାନ୍ତି । ଅପରପକ୍ଷରେ ସରକାର ବ୍ଲକମାନଙ୍କରେ ବହୁତ ସ୍କୁଲ୍ ଥିବାରୁ ଦୁଇଜଣ ଶିକ୍ଷକ କେମିତି ପାଠ ଦିବ୍ୟାଙ୍ଗ ପିଲାଙ୍କୁ ପଢାଇବେ ବୋଲି ପ୍ରଶ୍ନ କରିବା ସହ ସରକାର ଆମକୁ ସ୍ପେସାଲ୍ ଏଡୁକେଟର ଭାବେ ନିୟମିତ ଭାବେ ନିଯୁକ୍ତି ନଦେଲେ ଆମେ ଶୃଙ୍ଖଳାର ସହ ଆନ୍ଦୋଳନ ଜାରି ରଖିବୁ ବୋଲି କହିଛନ୍ତି ସଭାପତି ଶ୍ରୀ ବେହେରା । ସେହିଭଳି ପ୍ରତ୍ୟେକ ସ୍କୁଲ୍‌ରେ ସ୍ପେଶାଲ୍ ଏଡୁକେଟର ନିଯୁକ୍ତି ଦେବାପାଇଁ ଖୁବ୍ ଶୀଘ୍ର ସରକାର ବିଚାର କରିବେ ଓ ଦିବ୍ୟାଙ୍ଗ ପିଲାମାନେ ଭଲରେ ପାଠ ପଢିବେ, ସେମାନଙ୍କ ମୁହଁରେ ହସ ଫୁଟିବ ବୋଲି ଆଶା ପ୍ରକାଶ କରିଛନ୍ତି ସଂଘର ସମ୍ପାଦକ ଜୀବନ କୁମାର ବେହେରା ।

# ବାରିପଦାରେ ପ୍ରତିଷ୍ଠା ହେଲା ମୟୂରଭଂଜ ଛଉ ନୃତ୍ୟ ତାଲିମ କେନ୍ଦ୍ର



ବାରିପଦା,୨୮/୧୦(ନି.ପ୍ର): ବିଶ୍ୱ ପ୍ରସିଦ୍ଧ ମୟୂରଭଂଜ ଛଉନୃତ୍ୟ ପାଇଁ ଜିଲ୍ଲା ରାଜାରାଜୁଡା ଅମଳରୁ ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ, ପୂର୍ବରୁ ଜିଲ୍ଲାର ବାରିପଦା ଠାରେ ରହିଥିବା ଛଉନୃତ୍ୟ ତାଲିମ କେନ୍ଦ୍ର (ପ୍ରଜେକ୍ଟ) ଦୀର୍ଘ ବର୍ଷ ତଳୁ ବନ୍ଦ ହୋଇ ଯାଇଥିବାରୁ ମୟୂରଭଂଜ ବାସୀ ତଥା ଛଉ କଳାକାର ଛଉ ତାଲିମ କେନ୍ଦ୍ର ଖୋଲିବାକୁ ଦାବୀ କରି ଆସୁଥିଲେ । ତେବେ ଆଜି ଜିଲ୍ଲାର ବାରିପଦା ଠାରେ ସଂଗୀତ ନାଟକ ଏକାଡେମୀ ଆନୁକୁଲ୍ୟରେ ଛଉ ନୃତ୍ୟ ତାଲିମ କେନ୍ଦ୍ରପ୍ରତିଷ୍ଠା ହେବା ପରେ ଜିଲ୍ଲାର ଛଉପ୍ରେମୀ ମହଲରେ ଖୁସିର ଲହରୀ ଖେଳି ଯାଇଛି । ଆଜି ଓଡିଶାର ପର୍ଯ୍ୟଟନ, ସଂସ୍କୃତି ଓ ଓଡିଆ ଭାଷା ସାହିତ୍ୟ ମନ୍ତ୍ରୀ ଅଶ୍ୱିନି କୁମାର ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହାର ଶୁଭ ଉଦ୍ଘାଟନ କରିବା ସହିତ କଳାସଂସ୍କୃତିର ମାଟି ମୟୂରଭଂଜର ସାଂସ୍କୃତିକ ବିକାଶ ନିମନ୍ତେ ଓଡିଶା ସରକାର ପ୍ରତିଶୃତିବଦ୍ଧ ବୋଲି କହିଛନ୍ତି । ଏହି ଅବସରରେ ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଶାସନ ସଚିବ ମଧୁସୁଦନ ପାଢୀ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଂଜନ କୁମାର ଦାଶ, ସାହିତ୍ୟ ଏକାଡେମୀର ସମ୍ପାଦକ ପ୍ରବୋଧ ରଥ, ମୋରୋଡା ବିଧାୟକ ରାଜ କିଶୋର ଦାସ, ମୟୂରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଜିଲ୍ଲାପରିଷଦ ଅଧକ୍ଷା ଭାରତି ହାଁସଦାଃ, ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ କେବଳ ଛଉନୃତ୍ୟ ନୁହେଁ ସମଗ୍ର ଓଡିଶାର କଳା ଜଗତକୁ ମୟୂରଭଂଜର ଦାନ ଅତୁଳନୀୟ ବୋଲି କହିଥିଲେ । ଏହି ଉଦଘାଟନୀ ଉତ୍ସବରେ ବିଭାଗୀୟ ଅଧିକାରୀ, ଛଉ ନୃତ୍ୟ ଗୁରୁ, କଳାକାର ଓ ଛଉ ପ୍ରେମୀ ମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ । ତେବେ ପ୍ରାଥମିକ ପର୍ଯ୍ୟାୟରେ ନୂତନ ଗୃହ ନିର୍ମାଣ ନହେବା ଯାଏ ଏହି ତାଲିମ କେନ୍ଦ୍ର ବାରିପଦା ସଂସ୍କୃତି ଭବନରେ ଅସ୍ଥାୟୀ ରୂପେ କାର୍ଯ୍ୟକ୍ଷମ ହେବ ବୋଲି ଜଣାଯାଇଛି । ଏଥିରେ ଏକ ବର୍ଷୀୟ ପାଠ୍ୟକ୍ରମ ମାଧ୍ୟମରେ ଛଉ କଳାକାର ମାନେ ତାଲିମ ନେବେ । ତାଲିମ ପାଇଁ ଆଠ ଜଣ ଗୁରୁ ଓ ୨୦ ଜଣ ଶିଷ୍ୟଙ୍କୁ ଚୟନ କରାଯାଇଛି । ଏନେଇ ଛଉ ଶିଳ୍ପୀ ଓ ଛଉ ପ୍ରେମୀଙ୍କ ମହଲରେ ଖୁସି ଲହରି ଖେଳିଯାଇଛି । ତେବେ ସମଗ୍ର ମୟୂରଭଂଜ ଜିଲ୍ଲାରେ ପାଖା ପାଖି ୨୦୦ ରୁ ଅଧିକ ଛଉ ଆଖଡା ବା ଛଉ ନୃତ୍ୟ ଦଳ ରହିଥିବା ବେଳେ, ହଜାର ହଜାର ପୁରୁଷ ଓ ମହିଳା ଛଉ ନୃତ୍ୟ ଶିଳ୍ପୀ, ବାଦ୍ୟକାର ସାମିଲ ରହିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo